Split by PDF Splitter

REGISTERED No. C. 8.

361

ଉତ୍କଳ ଦୀପିକା

ସାପ୍ତାହିକ ସମାଚାରପତ୍ରିକା

ଭାଗ ୩୫ ଶ / ସଂ ୪୯ ସଂଖ୍ୟା

ତା ୧୯ ରିଖ ମାହେ ଡିସେମ୍ବର ସନ ୧୯ ମସିହା । ମ । ତ ୨୭ ଖ କାର୍ତ୍ତିକ ସନ ୧୩୦୭ ସାଲ ଶନିବାର

ଅଗ୍ରୀମ ଟ ୩୧ / ପଶ୍ଚାଦେୟ ଟ ୬୧

କେତେକ ଦିନ ହେବ ଏ ନଗରର ବେଲ୍ଟ ସ୍ଥାନ ନିବାସୀ ଏକ ଦଳ ମୁସଲମାନ ଆସି ଅଛନ୍ତି । ସେମାନଙ୍କୁ ସମସ୍ତେ ମୋଗଲ [illegible] କହୁଅଛନ୍ତି । ରାମଚନ୍ଦ୍ରୀ ଓ ଶୃଗଅଶ୍ଵ [illegible] ବାଦ୍‌ସାହୀ ମୋହର ପ୍ରଭୃତି ବିକ୍ରୟ [illegible] ସେମାନଙ୍କର କାର୍ଯ୍ୟ । ଦିନେ ସେମାନେ ବାରଙ୍ଗ ବଜାରରେ ଦୋକାନମାନ ଲୁଟ କରି ନେଇ ଯିବାରୁ ବନ୍ଦବସ୍ତ୍ୟକ ପୋଲିସ କର୍ମଚାରୀ ଏଠାରୁ ଯାଇ କେତେକ ଜଣଙ୍କୁ ଗ୍ରେପ୍ତାର କରି ଆଣିଲେ । ବର୍ତ୍ତମାନ ମୋକଦମା ଚଳୁଅଛି ।

ଅସ୍ମମାନଙ୍କର ସହଯୋଗୀ ଓଡ଼ିଆ ନବସମ୍ବାଦ ଦଶଦଶ ଛୁଟି ଛୁଟିରେ ବୃହଦାକାରରେ ବାହା-ରବେ ବୋଲି ପ୍ରତିଶ୍ରୁତ ହୋଇଥିଲେ । ଅମ୍ଭେ-ମାନେ ଛୁଟି ପର ପତ୍ରିକା ଖଣ୍ଡିକ ପାଇ ଖୁସି ହୋଇ ଦେଖିଲୁଁ ଯେ ସହଯୋଗୀ ତାଙ୍କ ଆକାର ବୃଦ୍ଧି କରି ସାଧାରଣଙ୍କ ନିକଟରେ ଉପସ୍ଥିତ ହୋଇଅଛନ୍ତି । ଅମ୍ଭେମାନେ ସହଯୋଗୀଙ୍କୁ ଧନ୍ୟବାଦ ପ୍ରଦାନ କରି ପାଠକମାନଙ୍କୁ ନିବେ-ଦନ କରୁଅଛୁଁ ଯେ ସେମାନେ ଉକ୍ତ ପତ୍ରିକା ପ୍ରତି ବିଶେଷ ସହାନୁଭୂତି ପ୍ରକାଶ କରନ୍ତୁ । ଓଡ଼ିଶାରେ ପତ୍ରିକା ସଂଖ୍ୟା କମ ମଧ୍ୟ ସେମା-ନଙ୍କ କଳେବର ମଧ୍ୟ କ୍ଷୁଦ୍ର । ଏଥିର କାରଣ କେବଳ ଗ୍ରାହକ ସଂଖ୍ୟା ଅତି କମ ।

ଏକ ସମ୍ବାଦ ପତ୍ରରୁ ପ୍ରକାଶ ଯେ କେତେକ ଦେଶୀୟ ରାଜାମାନଙ୍କର ପ୍ରଧାନ କର୍ମଚାରୀଙ୍କ ନିକଟକୁ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଏହି ମର୍ମରେ ପତ୍ର ଲେଖିଅଛନ୍ତି କି ରାଜାମାନେ ଆପଣା ନ୍ୟାଯ୍ୟ ଦେଣା ଆଦାୟ ପୂର୍ବେ ଯେମନ୍ତ ସାଧା-ରଣ କାର୍ଯ୍ୟରେ ଅନେକ ଟଙ୍କା ଦାନ ନ କରନ୍ତି ଏ ବିଷୟରେ ସେମାନେ ଦୃଷ୍ଟି ରଖିବେ । ସାଧାରଣ କାର୍ଯ୍ୟରେ ବଦାନ୍ୟତା ପ୍ରକାଶ କରିବା ପୂର୍ବେ ନ୍ୟାଯ୍ୟ ଋଣ ପରିଶୋଧ କର୍ତ୍ତବ୍ୟ, ଏହା ଏକା କେତେକ ରାଜା ନାହିଁ କି ଅନ୍ୟାନ୍ୟ ଶ୍ରେଣୀର କେତେ ଧନାଢ୍ୟ ଲୋକ ମଧ୍ୟ ବୁଝନ୍ତି ନାହିଁ । ଉପାଧି ଲାଳସା ଅଥବା ସ୍ଥାନୀୟ ହାକିମଙ୍କ ପ୍ରୀତିଲାଭ ଅଥବା ଚକ୍ଷୁଲଜ୍ଜା ହେତୁ କେତେ-ଲୋକ ଋଣ ପରିଶୋଧ ପଛକୁ ରଖି ଉଚ୍ଚ ଅଙ୍କର ଚେକ୍ ସ୍ୱାକ୍ଷର କରିବାକୁ ତତ୍ପର ହୁଅନ୍ତି । ଗବର୍ଣ୍ଣମେଣ୍ଟ ଯେମନ୍ତ ରାଜାମାନଙ୍କୁ ତାଗିଦ କରି ଅଛନ୍ତି, ତେମନ୍ତ ସ୍ଥାନୀୟ ହାକିମମାନଙ୍କୁ ତାଗିଦ କରିବା ବାଞ୍ଛନୀୟ ।

ମାନ୍ଦ୍ରାଜରେ ପ୍ରକାଶିତ 'ଆର୍ଯ୍ୟଜାତି ପ୍ରଦୀପ ସମାଜର' ପତ୍ରରୁ ପ୍ରକାଶ ଯେ ଶୂଦ୍ରମାନେ ସଂସ୍କୃତ ପୁରାଣ ପଢ଼ିବାର ଅଧିକାରୀ ନୁହନ୍ତି, କିନ୍ତୁ ପଢ଼ିଲେ କି ଦଣ୍ଡ ହେବ ସେ ପ୍ରଶ୍ନର ଉତ୍ତର ହୋଇ ନାହିଁ । ବୈଷ୍ଣବଧର୍ମାବଲମ୍ବୀ ଶୂଦ୍ରମାନେ ତାହା ପାଠ କରିବାର ଦେଖାଯାଏ । ତାହା ଅନ୍ୟାୟ କି ? ଏପରି ସ୍ୱର୍ଗୀୟ ଜାଲନ୍ଧରଙ୍କ ଅନୁବାଦ ସହିତ ମୂଳ ଶ୍ରୀମଦ୍‌ଭାଗବତ ଗ୍ରନ୍ଥ ଘରାକର ବିତରଣ କରୁଥିଲେ । ଶୂଦ୍ରମାନଙ୍କୁ ବିତରଣ କରିବାର ନିଷେଧ ନ ଥିବା ସ୍ଥଳେ ତାହା ଦୋଷଯୁକ୍ତ ଥିବାର ବୋଲାଯିବ କି ? ସଂସ୍କୃତ ଶିକ୍ଷା ପୂର୍ବେ ପ୍ରାୟ ବ୍ରାହ୍ମଣଙ୍କ ମଧ୍ୟରେ ଆବଦ୍ଧ ଥିଲା ବର୍ତ୍ତମାନ୍ ସରକାରଙ୍କର ଅପାର ଅନୁକୂଲ୍ୟରେ ସକଳ ଜାତି ତାହା ଶିକ୍ଷା କରିବାର ସୁଯୋଗ ହୋଇଅଛି । ଏଠାରେ ଜାତିବିଶେଷକୁ ସେହି ଭାଷାର ଅମୂଲ୍ୟଗ୍ରନ୍ଥାଦି ବିଶେଷତଃ ଧର୍ମ-ପୁସ୍ତକମାନଙ୍କ ପଠନରୁ ତଥା ଶ୍ରବଣରୁ ବଞ୍ଚିତ କରିବା ନ୍ୟାୟସଙ୍ଗତ ନୁହେ । ଶୁଣିବେ ଅଥଚ ପଢ଼ିବେ ନାହିଁ ଏହା ଅମ୍ଭମାନଙ୍କ କ୍ଷୁଦ୍ର ବିବେଚନାରେ ସଙ୍କୀର୍ଣ୍ଣଭାବ ବୋଲି ପ୍ରତ୍ୟୟ ହେଉଅଛି ଯେମନ୍ତ କି ବ୍ରାହ୍ମଣମାନେ ପାଠର ଦକ୍ଷିଣାଟା ନିଜସ୍ୱ କରିବା ଅଭିପ୍ରାୟରେ ସେ ବ୍ୟବସ୍ଥା ଦେଇଅଛନ୍ତି । ଅମ୍ଭେମାନେ ଆଶା କରୁଁ କି ଦେଶ କାଳ ପାତ୍ର ବିବେଚନାରେ ପଣ୍ଡିତ-ମାନେ ଏ ବିଷୟର ପୁନର୍ବିଚାର କରିବେ ।

ମାନ୍ଦ୍ରାଜ ପ୍ରଦେଶରେ ଭାରତର ଅନ୍ୟାନ୍ୟ ପ୍ରଦେଶାପେକ୍ଷା ଅଧିକ ସଂଖ୍ୟାରେ ସାଧାରଣ ହିନ୍ଦୁ ଦେବାଳୟ ଅଛି ଏବଂ ସେହି କାରଣରୁ ସେ

Digitized by srujanika@gmail.com

ସବୁର କାର୍ଯ୍ୟ ନିର୍ବାହର ବିଶୃଙ୍ଖଳତା ନିବାରଣ ନିମନ୍ତେ ଆଇନର ଆବଶ୍ୟକତା ଅଧିକ । ମନ୍ଦିର ମାନଙ୍କର ସେବା ପଣ୍ଡାମାନଙ୍କଦ୍ୱାରା ନିର୍ବାହ ହୁଅଇ ଏବଂ କେତେଜଣ ମାରଫତଦାର ସମିତି ତତ୍ତ୍ୱାବଧାନ ନିମନ୍ତେ ନିଯୁକ୍ତ ଅଛନ୍ତି । ମାରଫତ-ଦାର ସମିତି ଏ ପ୍ରଦେଶର କମିଟି ତୁଲ୍ୟ ଅଟେ । ସାନ କଞ୍ଜିଭରମରେ ଗୋଟିଏ ମନ୍ଦିର ଅଛି ଯେ ତହିଁର କାର୍ଯ୍ୟ ନିର୍ବାହ କରୁଥିବା ପାଞ୍ଚଜଣ ପଣ୍ଡା ବିଶେଷ କ୍ଷତି ଓ ଅନ୍ୟାୟାଚରଣ କରିବାରୁ କମିଟି ସେମାନଙ୍କୁ ତଲବ କଲେ ମାତ୍ର ପଣ୍ଡାମାନେ ଉପସ୍ଥିତ ହେଲେ ନାହିଁ । ସେମାନେ କହିଲେ କି ଦେବାଦି କାର୍ଯ୍ୟରେ କମିଟିର କିଛି ଅଧିକାର ନାହିଁ । ତହୁଁ କମିଟି ସେମାନଙ୍କୁ ବରଖାସ୍ତ କଲେ ମାତ୍ର ସେମାନେ ତାହା ନ ମାନି ଆପଣା କାର୍ଯ୍ୟ ନିର୍ବାହ କରିବାରେ ରହିଲେ । ପରି-ଶେଷରେ କମିଟି ଚିଙ୍ଗଲପଟର ଦେବାନି ଅଦା-ଲତରେ ନାଲିସ କରି ପଣ୍ଡାମାନଙ୍କ ପ୍ରତି ନିଷେଧ ଆଜ୍ଞା ପ୍ରାର୍ଥନା କରିବାରେ ତାହା ମଞ୍ଜୁର ହୋଇ ମୋକଦ୍ଦମା ନିଷ୍ପତ୍ତି ପର୍ଯ୍ୟନ୍ତ ପଣ୍ଡାମାନେ ସେବାରୁ ଅନ୍ତର ରହିବାର ଆଦେଶ ହୋଇଅଛି । ଶେଷ ଫଳ ଯାହା ହେବ, ଯଥା ସମୟରେ ଜଣାଇବୁଁ ।

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି ଆଠ-ଗଡ଼ର ରାଜା ସସ୍ତ୍ରୀକ ତୀର୍ଥାଟନ କରି ସ୍ୱରାଜ୍ୟକୁ ପ୍ରତ୍ୟାଗମନ କାଳରେ ଭଦ୍ରକର ବାଟ ଯାହା-ଜରେ ନୋଆପୁର ନିକଟରେ ପ୍ରବେଶ ହୁଅନ୍ତେ ତାହାଙ୍କର ପରମବନ୍ଧୁ ବଲରାମପୁରର ରାଜା ଯେ ନାନାବାହାନ ସହିତ ପୂର୍ବରୁ ସେଠାରେ ଆସି ତାହାଙ୍କର ପ୍ରତୀକ୍ଷା କରୁଥିଲେ ଯଥୋ-ଚିତ ସମାଦର ସହିତ ଆଠଗଡ଼ ରାଜା, ରାଣୀ ଏବଂ ସଙ୍ଗିବ୍ୟାହାର ଲୋକଙ୍କୁ ଆପଣା ଗଡ଼କୁ ଘେନିଗଲେ । ଆଠଗଡ଼ ରାଜା ତିନିଦିନ ବଲ-ରାମପୁର ରାଜାଙ୍କର ଆତିଥ୍ୟ ସ୍ୱୀକାର କରି ପ୍ରତିଦିନ ଦରବାରରେ ପଣ୍ଡିତ, ବ୍ରାହ୍ମଣ ଏବଂ ଅପରଶ୍ରେଣୀର ଭଦ୍ରଲୋକଙ୍କ ସହିତ ଆଳାପ ଏବଂ ନୃତ୍ୟଗୀତାଦି ନାନା ଆମୋଦପ୍ରମୋଦ ଓ ଯାହାର ଯେମନ୍ତ ସମ୍ମାନ କରି ବିଦାୟ ହୋଇ ଆସିଲେ, ବୋଲିବା ବାହୁଲ୍ୟ ଯେ ଆଠଗଡ଼ରାଜା ବଲରାମପୁରରାଜାଙ୍କର ଭଗ୍ନୀପତି ଅଟନ୍ତି । ପତ୍ରପ୍ରେରକ ଲେଖିଅଛନ୍ତି କି ରାଜାମାନଙ୍କ ମଧ୍ୟରେ ଏପରି ସମ୍ମିଳନର ଦୃଶ୍ୟ ବିରଳ ଅଟେ ଏବଂ ସେ ଆଶା କରନ୍ତି ଯେ ରାଜାମାନେ ପୂର୍ବ-ଭାବ ଘଟ ଏପରି ମେଳନର ପକ୍ଷପାତୀ ହେବେ । ଆମ୍ଭମାନଙ୍କର ମଧ୍ୟ ଏହି କାମନା ଏବଂ ଭରସା-କରୁଁ ନବଶିକ୍ଷିତ ଓଡ଼ିଶା ରାଜାମାନେ ବୃଥା ଅଭିମାନ ସୂଚକ ପୂର୍ବସ୍ଥିତ ପରିତ୍ୟାଗପୂର୍ବକ ପରସ୍ପରର ରାଜ୍ୟକୁ ଆମନ୍ତ୍ରଣମତେ ବନ୍ଧୁତା ପୋଷଣକରିବା ସକାଶେ ଯିବାକୁ କୁଣ୍ଠିତ ହେବେ ନାହିଁ ।

କଟକ ପ୍ରଦର୍ଶନୀ ।

ଯଦ୍ୟପି କି ଏକ ମାସରୁ ଊର୍ଦ୍ଧ୍ୱ ହେଲା ସ୍ଥିର ହୋଇଅଛି ଯେ ଗତ ଦୁଇ ବର୍ଷ ପରି ଆସନ୍ତା ବର୍ଷରେ ଏ ନଗରରେ ଫଳ ଫୁଲ ଖାଦ୍ୟ ଏବଂ ଶିଳ୍ପ ଦ୍ରବ୍ୟର ପ୍ରଦର୍ଶନୀ ହେବ ମାତ୍ର ଦଶଦିବସ ପୂର୍ବେ ଦୁର୍ଭିକ୍ଷ ଚିନ୍ତା ଲୋକଙ୍କୁ ଏମନ୍ତ ବ୍ୟସ୍ତ କରି ଥିଲା ଯେ ଅନ୍ୟ କୌଣସି ବିଷୟ ଭାବିବାର ଅବକାଶ ନ ଥିଲା । ଈଶ୍ୱରଙ୍କର ଅପାର କରୁ-ଣାରୁ ପ୍ରଚୁର ବୃଷ୍ଟି ଯଥା ସମୟରେ ଉପସ୍ଥିତ ହୋଇ ସେ ଆଶଙ୍କା ଦୂର କରିଅଛି । ଅତଏବ ଆଶା କରୁଁ ପ୍ରଦର୍ଶନୀର କାର୍ଯ୍ୟ ନିର୍ବାହର ଭାର ଯେଉଁମାନଙ୍କ ପ୍ରତି ଅର୍ପିତ ହୋଇଅଛି ସେମାନେ ଆପଣା କର୍ତ୍ତବ୍ୟ ପାଳନରେ ଶୀଘ୍ର ତତ୍ପର ହେବେ । କାର୍ଯ୍ୟ ନିର୍ବାହକ କମିଟିର ସଭ୍ୟମାନେ ଯୋଗ୍ୟଲୋକ ସେମାନଙ୍କୁ କିଛି ଉପଦେଶ ଦେବାର ଆବଶ୍ୟକ ନାହିଁ । ଯେପରି ପ୍ରଦର୍ଶନୀ ସଫଳ ହେବ ସେମାନେ ତହିଁର ବ୍ୟବସ୍ଥା କରିବେ । ଆମ୍ଭେ-ମାନେ ଏତିକି ଅନୁରୋଧ କରୁଁ କି ଅନୁଷ୍ଠାନ ସଭାରେ ବାବୁ ମଧୁସୂଦନ ଦାସ ଏବଂ ଟି ଇଙ୍ଗ-ଲିସ ସାହେବ ଯେଉଁ ମନ୍ତବ୍ୟ ପ୍ରକାଶ କରିଥିଲେ ତହିଁ ପ୍ରତି ସେମାନେ ବିଶେଷ ମନୋଯୋଗୀ ହେବେ । ମଧୁ ବାବୁ କହିଲେ କି ଗତ ଦୁଇଥର ଯେପରି ପ୍ରଦର୍ଶନୀ ହୋଇଥିଲା ତହିଁରେ ନଗର ବାସୀଙ୍କର ଯଥେଷ୍ଟ ଆମୋଦ ହୋଇଥିଲା ସତ୍ୟ ମାତ୍ର ପ୍ରଦର୍ଶନୀର ପ୍ରକୃତ ଉଦ୍ଦେଶ୍ୟ କିଛି ସାଧିତ ହୋଇ ନାହିଁ । କୃଷି ଓ ଶିଳ୍ପ ବ୍ୟବସାୟୀ ମାନଙ୍କର ଯହିଁରେ ପ୍ରଦର୍ଶନୀ ପ୍ରତି ଶ୍ରଦ୍ଧା ଜନ୍ମିବ ଏବଂ ସେମାନେ ଉପଯୁକ୍ତ ପୁରସ୍କାର ଓ ପ୍ରଶଂସା ଲାଭ କରି ଭଲ ଦ୍ରବ୍ୟ ପ୍ରସ୍ତୁତ କରି ଆଣିବାକୁ ଉତ୍ସା-ହିତ ହେବେ ତହିଁର ଉପାୟ ହେବା ଉଚିତ । ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଦ୍ରବ୍ୟ ସଂଗ୍ରହ କରି ପଠାଇ ଦେଲେ ଏବଂ ବିଚାରପତିମାନେ ଉତ୍କୃଷ୍ଟତା ଅନୁ-ସାରେ ପୁରସ୍କାର ସେମାନଙ୍କ ନିକଟକୁ ପଠାଇଲେ, ଦ୍ରବ୍ୟ ପ୍ରସ୍ତୁତକାରୀମାନେ କିଛି ଜାଣି ପାରିଲେ ନାହିଁ । ଏମନ୍ତ ବ୍ୟବସ୍ଥା ହେବା ଉଚିତ ଯେମନ୍ତ କି ପ୍ରଦର୍ଶିତ ଦ୍ରବ୍ୟର ପ୍ରସ୍ତୁତକାରୀମାନେ ପ୍ରଦର୍ଶନୀ-ରେ ଉପସ୍ଥିତ ହେବେ ଏବଂ ସମସ୍ତଙ୍କ ସାକ୍ଷାତରେ ଯାହାଙ୍କର ଦ୍ରବ୍ୟ ଉତ୍କୃଷ୍ଟ ହେବ ସେମାନଙ୍କୁ ପୁରସ୍କାର ଦିଆଯିବ ଏବଂ ପୁରସ୍କାରର ପରିମାଣ ମଧ୍ୟ ଏପରି ହେବ ଯହିଁରେ କି ସେମାନଙ୍କର ମନ ଆକର୍ଷିତ ହେବ ଅନ୍ତତଃ ତହିଁରେ ଯେତେ ବ୍ୟୟ ଓ ଶ୍ରମ ହୋଇଅଛି ତାହା ପୋଷାଇବ । ଦୀର୍ଘକାଳରୁ ଆୟୋଜନ, ମୋଫସଲର ନାନା ସ୍ଥାନରେ ଘୋଷଣା ପ୍ରଚାର ଏବଂ ବ୍ୟବସାୟୀମାନ-ଙ୍କର ସହାନୁଭୂତି ଲୋଡିବା ବିନା ତାହା ସୁଚାରୁ ରୂପେ ହୋଇ ନ ପାରେ । ଶ୍ରୀଯୁକ୍ତ ଇଙ୍ଗଲିସ ସାହେବ କହିଥିଲେ କି ପ୍ରଦର୍ଶନୀଟି ଯେପରି ସ୍ଥାୟୀ ହେବ ତହିଁର ଚେଷ୍ଟା କରିବା ଆବଶ୍ୟକ । କୃଷି ଓ ଶିଳ୍ପର ଉନ୍ନତି ଏକ ଦିନ ବା ଏକ ବର୍ଷରେ ସାଧନ ହେବା ସମ୍ଭବ ନୁହେ । କ୍ରମାଗତ ଚେଷ୍ଟା ହେଉଥିଲେ ଅନେକ ବର୍ଷରେ ଅଥବା ପୁରୁଷାନ୍ତରେ ତହିଁର ଫଳ ଦେଖା ଯିବ ସେଥି ନିମନ୍ତେ ଗୋଟିଏ ସ୍ଥାୟୀ ସମିତି ସ୍ଥାପିତ ଓ ପାଣ୍ଠି ଗଠିତ ହେବା ପ୍ରୟୋଜନ । ଏ ପ୍ରଦେଶରୁ କେଉଁ ଫସଲ କି ପରିମାଣରେ ଉତ୍ପନ୍ନ ହୁଅନ୍ତି [illegible] ଉପାୟରେ ସେ ସବୁର ଗୁଣ ଓ ପରିମ[illegible] ହେବ, ସମିତି ତହିଁର ଆଲୋଚନା କରି [illegible] ମାନଙ୍କୁ ଉପଦେଶ ଦେବେ, ଦେଶାନ୍ତରରୁ ଭଲ ବୀହନ ଆଣାଇ ବାଣ୍ଟିବେ ଏବଂ ଯେଉଁ ଦ୍ରବ୍ୟ ପ୍ରସ୍ତୁତ କରିବାକୁ ଯେତେ ପରିଶ୍ରମ ହେବ ତଦନୁ-ସାରେ ପୁରସ୍କାର ଦେବାର ବ୍ୟବସ୍ଥା କରିବେ । ଲୋକେ ଉପାର୍ଜନ ଆଶାରେ ଆପଣା ମନକୁ ଯାହା କରୁଅଛନ୍ତି ତହିଁ ପାଇଁ ପୁରସ୍କାର ଦେବାରେ କିଛି ଫଳ ନାହିଁ । ତାହା କଲେ ସେମାନଙ୍କ ମଧ୍ୟରେ ପ୍ରତିଯୋଗିତାର ଭାବ ଉଦୟ ହେବ ଏବଂ ଭଲ ଦ୍ରବ୍ୟ ପ୍ରଦର୍ଶନୀକୁ ଆଣିବା ପାଇଁ ଉତ୍ସାହିତ ହେବେ ତହିଁର ବ୍ୟବସ୍ଥା କରିବା ନିତାନ୍ତ ଆବଶ୍ୟକ ହେଉଅଛି । ତାହା ନ ହେଲେ ପ୍ରଦର୍ଶନୀ ସଫଳ ହେବ ନାହିଁ ।

କରବେଟ୍-ନିଷେଧ-ମୋକଦ୍ଦମା ।

ମାଜିଷ୍ଟ୍ରେଟଙ୍କଦ୍ୱାରା ଫୌଜଦାରୀ ମୋକଦ୍ଦମା ପ୍ରଣାଳୀର ବିଷୟ ଏହି ମୋକଦ୍ଦମାରୁ ପ୍ରକାଶ ହେବ ।

ମୋକଦ୍ଦମାର ହାଲ ଏହି ଯେ ଗତ ଅଗଷ୍ଟ ମାସରେ ପାଟଣାବଗିଚାର ଲପସ୍ ଭଣ୍ଡାର ଏକ

Digitized by srujanika@gmail.com

Split by PDF Splitter

ସ୍ଥାନରେ ବନ୍ଧ ବାନ୍ଧିବାର ଆବଶ୍ୟକ ହେବାରୁ, ଡେପୁଟି ମାଜିଷ୍ଟ୍ରେଟ ଟ୍ରେଲ୍ଲୋଲ, ଜମିଦାର ଓ ପ୍ରଜାମାନଙ୍କ ଉପରେ ପରଓ୍ୱାନା। ଜାରି କରି ପୋଲିସକୁ ଆଦେଶ କଲେ ଯେ ଉକ୍ତ ପ୍ରଜାମାନଙ୍କଦ୍ୱାରା ଉକ୍ତ କାର୍ଯ୍ୟ ସମାଧା କରାଯିବ। ପୁଲିସ କାର୍ଯ୍ୟରେ ଅବହେଳା କରିବାରୁ ମାଜିଷ୍ଟ୍ରେଟ ଏଃ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ବଲବେଣ୍ଟଙ୍କୁ ଆଜ୍ଞା ପଠାନ୍ତି।

ପୋଲିସ ସାହେବ ବଲବେଣ୍ଟ ଓ ଡେପୁଟି ଇନ୍ସପେକ୍ଟର ହେନେଲ୍ଲି ପଲ ଓ ଦୁଇସ୍ୱ ଗ୍ରାମରେ ଉପସ୍ଥିତ ହୋଇ ବନ୍ଧ ବାନ୍ଧିବା ପାଇଁ ବେଠି ଧରିବାର ଆରମ୍ଭ କଲେ। ଉକ୍ତ ଗ୍ରାମରେ ନରସିଂହ ନାମକ ଜଣେ ରାଜପୁତକୁ ବଲବେଣ୍ଟ ସାହେବ ମାଟିକାମ କରିବାକୁ କହନ୍ତେ ସେ ଜାତିରେ ହେଲା ଓ ଉକ୍ତ କାର୍ଯ୍ୟ ଶ୍ରେଷ୍ଠ ଲୋକର ବୋଲି ଉତ୍ତର ଦେଲା। ବଲବେଣ୍ଟ ସାହେବ ମୁଲିଆମାନଙ୍କୁ ଡାକିଆଣିବା ନିମନ୍ତେ ତାଙ୍କୁ ହୁକୁମ ଦଅନ୍ତେ, ସେ ପୀଡ଼ିତ ଥିବାରୁ କହି ଯିବାକୁ ଅସ୍ୱୀକାର କଲେ। ସାହେବ ତାଙ୍କୁ ଗୋଇଠା ମାରି ଲୋକ ଡାକି ଆଣିବାକୁ କହିଲେ। ନରସିଂହ କିଛିଦୂର ଯାଇ ଫେରିଆସିବାରୁ ଅନ୍ୟ ସାହେବ ବାରକମାସ୍ତ୍ରଙ୍କ ଲଗାଇ ସେମାନଙ୍କ ତାହା [illegible] କରେ ବେଧଡ଼କ କଲେ; ନରସିଂହ ଗ୍ରାମଲୋକର ସାହାଯ୍ୟ ପ୍ରାର୍ଥନା କଲା କିନ୍ତୁ କେହି ସାହାଯ୍ୟ ପ୍ରଦାନ କଲେ ନାହିଁ। ଦୁଇ ସାହେବ ମିଶି ନରସିଂହକୁ ସମ୍ପୂର୍ଣ୍ଣରୂପେ ପ୍ରହାର କଲେ। ଏହି ସମୟରେ ଆଉ ଜଣେ ଲୋକ ଶ୍ରୀଚରଣ ତାଙ୍କୁ ଛାଡ଼ିଦେବା ନିମନ୍ତେ ସାହେବମାନଙ୍କୁ ଅନୁରୋଧ କରିଥିଲେ। ଅନୁରୋଧ କର୍ତ୍ତା ଲୋକଟି ଆଉ ସେ ମଧ୍ୟ ଉତ୍ତମ ମଧ୍ୟମ ପ୍ରହାର ପ୍ରାପ୍ତ ହୋଇଥିଲେ। ଏହି ଅବସରରେ ନରସିଂହ ଗ୍ରାମାନ୍ତରକୁ ପଳାଇ ଯାଇଥିଲା। ସାହେବମାନେ କନଷ୍ଟବଲ ଦ୍ୱାରା ଧରାଇ ଆଣି ତାକୁ ଜନକାମ କରିବାକୁ ବାଧ୍ୟ କରିଥିଲେ ଅବଶେଷରେ ସେ ଜଣକୁ ବଦଳ ଦେଇ ମୁକ୍ତିଲାଭ କରିଥିଲା।

ଏହି ଘଟନାର ପରଦିନ ନରସିଂହ ଡାକ୍ତର ଦେଖାଇବାକୁ ଔଷଧ ପାଇଁ ଯାଇଥିଲା। ଡାକ୍ତର ସାହେବ ମାଜିଷ୍ଟ୍ରେଟଙ୍କୁ ଏ ବିଷୟ ଜଣାଇ ଦେଇଥିଲେ। ବଲବେଣ୍ଟ ମନେ କଲେ ଯେ ନରସିଂହ ନାଲିଶ କରିବାର ଯୋଗାଡ଼ କରୁଅଛି। ତେଣୁ ସେ ହଠାତ୍ ତାକୁ ଥାନାରେ ପଠାଇ, ତାଙ୍କ ଏବଦ କରି, ପୋଲିସ ସାହେବ ବ୍ରାଡ଼ଲିଙ୍କ କୋଠିକୁ ଧରି ଆଣିଲେ ଓ କନେଷ୍ଟବଲ କାର୍ଯ୍ୟରୁ ଇସ୍ତଫା ଦେବା ନିମନ୍ତେ ଧମକାଇଲେ। ନରସିଂହ ଇସ୍ତଫା ଦେବାକୁ ଅସ୍ୱୀକାର କରନ୍ତେ ତଦନନ୍ତର ତାଙ୍କୁ ବ୍ରାଡ଼ଲି ଓ ବଲବେଣ୍ଟ ଡେପୁଟି ମାଜିଷ୍ଟ୍ରେଟ ଟ୍ରେଲ୍ଲୋଲ ସାହେବଙ୍କ କୋଠିକୁ ନେଇଗଲେ। କେଉଁ ଧାରାନୁସାରେ ଏହାଙ୍କ ବିରୁଦ୍ଧରେ ମୋକଦ୍ଦମା ରୁଜୁ ହେଲା। ମାଜିଷ୍ଟ୍ରେଟ ୩୫୩ ଓ ୧୮୬ ଧାରାନୁସାରେ ଡେପୁଟି ମାଜିଷ୍ଟ୍ରେଟ ଜାଫରହୋସେନଙ୍କ ନିକଟକୁ ବିଚାରାର୍ଥେ ମୋକଦ୍ଦମା ସୁପର୍ଦ କଲେ। ବିଚାର ସମୟରେ ତାଙ୍କୁ ଜେରା କରିବାକୁ ଦେଲେ ନାହିଁ। ବିଚାରକ ମାଜିଷ୍ଟ୍ରେଟଙ୍କ ପରାମର୍ଶ ଦେଇ ହୋସେନ ନରସିଂହଙ୍କୁ ଦୁଇମାସ କାରାଦଣ୍ଡ ପ୍ରଦାନ କଲେ।

ସେସନ୍ସ ଜଜ ପେନେଲ ସାହେବଙ୍କ ନିକଟରେ ଏହି ମୋକଦ୍ଦମାର ଅପିଲ ଉପସ୍ଥିତ ହେଲା। ମାଜିଷ୍ଟ୍ରେଟଙ୍କୁ କୈଫିୟତ ତଲବ କରନ୍ତେ ମାଜିଷ୍ଟ୍ରେଟ ଡେପୁଟି ବ୍ରୋଡ଼ଲି ସାହେବଙ୍କ ପରାମର୍ଶାନୁସାରେ କୈଫିୟତ ଦେବାକୁ ଅସ୍ୱୀକାର କଲେ। ତଦନନ୍ତର ପେନେଲ ସାହେବ ଟ୍ରେଲ୍ଲୋଲ, ବ୍ରାଡ଼ଲି, ମାଡ଼କ୍ସ ପ୍ରଭୃତି ସାହେବମାନଙ୍କୁ ସାକ୍ଷୀସ୍ୱରୂପରେ ଜଜ୍ଜୀର ଅଦାଲତରେ ଉପସ୍ଥିତ ହେବା ନିମନ୍ତେ ହୁକୁମ ଜାରି କଲେ। ହୁକୁମ ତାମିଲ କରିବାକୁ ବାଧ୍ୟ। ସାକ୍ଷ୍ୟରେ ସମସ୍ତ ଗୂଢ଼କଥା ପ୍ରକାଶ ପାଇଲା। ମାଜିଷ୍ଟ୍ରେଟ ଓ ଡେପୁଟି ମାଜିଷ୍ଟ୍ରେଟ ଯେ ସତ୍ୟକଥା ଗୋପନ କରିବାକୁ ଚେଷ୍ଟା କରିଥିଲେ ତାହା ପ୍ରକାଶ ପାଇଲା। ଜଜ ସାହେବ ନରସିଂହକୁ ମୁକ୍ତିପ୍ରଦାନ କଲେ।

ଏପ୍ରକାର ଘଟଣା ଅଭିନବ, ଏହା ନୂତନ ନୁହେ। ହାକିମ ହୋଇ ସ୍ୱାର୍ଥସିଦ୍ଧି ଅଭିଳାଷରେ ସତ୍ୟକୁ ବର୍ଜନ ଦେବା ଓ ନ୍ୟାୟ ରେ ଜଣକ ପ୍ରତି ଅନ୍ୟାୟ ନିଷ୍ଠୁର ଆଚରଣ କରିବା ଉଚିତ ନୁହେ। ପେନେଲ ସାହେବଙ୍କ ପରି ଜଜ ଅଛନ୍ତି। ଯାହା ହେଉ ଅଦାଲତ ଗୃହରେ ବିଚାର ରକ୍ଷା ହୁଏ। ଏ ମୋକଦ୍ଦମାରେ କମିଶନରଠାରୁ ପୋଲିସ ଏଃ ସୁପରିଣ୍ଟେଣ୍ଡେଣ୍ଟ ସାହେବ ପର୍ଯ୍ୟନ୍ତ ହାକିମମାନଙ୍କର କୀର୍ତ୍ତି ପ୍ରକାଶ ପାଇଲା। ହାକିମମାନେ ଏପ୍ରକାର ଯେ କେତେ କାର୍ଯ୍ୟ କଲେ, ପ୍ରକାଶ ହୋଇ ନ ପଡ଼ୁଛି ଆଉ କେତେ ଅଛି?

ଟ୍ରାନ୍ସଭାଲ ଯୁଦ୍ଧ।

ଇଂରାଜଙ୍କ ସେନାପତି ସାର୍ ରେଡଭର୍ସ ବୁଲର କେପ୍ ଟାଉନରେ ପହଞ୍ଚିଅଛନ୍ତି।

ଗତମାସ ତା ୩୧ ଇଖ ସମ୍ବାଦରୁ ପ୍ରକାଶ ଯେ ଲେଡି ସ୍ମିଥଠାରେ ଘୋରତର ଯୁଦ୍ଧ ହୋଇଥିଲା ବୁଅରମାନେ ଅନେକ କ୍ଷତିଗ୍ରସ୍ତ ହୋଇ ବହୁ ମାଇଲ ପଶ୍ଚାତକୁ ତାଡ଼ିତ ହୋଇଥିଲେ ଇଂରାଜ ଯୁଦ୍ଧରେ ଜୟୀ ହୋଇଥିବାର ଅନୁମାନ କରି ଏକଦଳ କିଛିଦୂର ବୁଅରଙ୍କ ପଶ୍ଚାଦ୍‌ଗାମୀ ହେବା ସମୟରେ ବୁଅରମାନେ ଇଂରାଜଙ୍କ ସୈନ୍ୟଦଳକୁ ଘେରିଗଲେ, ଏହି ଯୁଦ୍ଧରେ ଇଂରାଜଙ୍କ ସୈନ୍ୟ ଓ କର୍ମଚାରୀ ହତ ଓ ଆହତ ହେଲେ।

କେବଳ ଏକଜଣ ଆହତ ହୋଇ ସନ୍ଧିର ପତାକା ଦେଖାଇ ଶବ ପ୍ରୋଥିତ କରିବା ନିମନ୍ତେ ଲେଡି ସ୍ମିଥରେ ଉପସ୍ଥିତ ହୋଇଥିଲା। ଏ ଯୁଦ୍ଧରେ ସେନାପତି ହ୍ୱାଇଟଙ୍କ ଅପରିଣାମଦର୍ଶିତା ବହୁଳ ପରିମାଣରେ ପ୍ରକାଶ ପାଇଅଛି ଓ ସେ ନିଜେ ଏହି ଯୁଦ୍ଧଫଳର ଦାୟିତ୍ୱ ନିଜ ସ୍କନ୍ଧରେ ଗ୍ରହଣ କରିଅଛନ୍ତି।

ତା ୨ ଇଖ ତାରସମ୍ବାଦ ଅଛିଥିରୁ ଯେ ବୁଅରମାନେ କଲେନ୍‌ସୋ ଅଧିକାର କରିଅଛନ୍ତି ଓ ଲେଡି ସ୍ମିଥକୁ ସମ୍ପୂର୍ଣ୍ଣରୂପେ ଆକ୍ରମଣ କରିଅଛନ୍ତି। ଇଂରାଜ ସେନାପତି ହ୍ୱାଇଟ ଆହତ ହୋଇଅଛନ୍ତି ମାତ୍ର ଏଥିର ସଠିକ ସମ୍ବାଦ ଆସି ନାହିଁ।

ଲେଫ୍‌ଟେନେଣ୍ଟ ଜେନେରାଲ ସାଇମନ୍ସ ଆଘାତ-ପ୍ରାପ୍ତ ହୋଇଅଛନ୍ତି।

ତା ୩ ଇଖ ସମ୍ବାଦ ଯେ ଲେଡି ସ୍ମିଥର ସେମବାର ଯୁଦ୍ଧରେ ୬ ଜଣ କର୍ମଚାରୀ ଓ ୫୪ ଜଣ ସିପାହି ହତ ଓ ୯ ଜଣ କର୍ମଚାରୀ ଓ ୨୩ ଜଣ ଆହତ ହୋଇଥିଲେ। ଏ ଯୁଦ୍ଧ ୭ ଘଣ୍ଟା ପର୍ଯ୍ୟନ୍ତ ସ୍ଥାୟୀ ହୋଇଥିଲା। ଯୁଦ୍ଧର ଉପକରଣ ଅଭାବରେ ସୈନ୍ୟମାନଙ୍କୁ ଆତ୍ମସମର୍ପଣ କରିବାକୁ ହୋଇଥିଲା।

ଇଂରାଜଙ୍କ ପ୍ରଧାନ ସେନାପତି ସାର୍ ରେଡଭର୍ସ ବୁଲର ଯୁଦ୍ଧଭୂମିରେ ଉପସ୍ଥିତ ହୋଇ ନ୍ୟୁକାସଲ ଅଭିମୁଖ ଗମନ କରିଅଛନ୍ତି। ପ୍ରିଟୋରିଆ ଅଭିମୁଖ ଗମନ ନିମନ୍ତେ ଏକଦଳ ନୂତନ ସୈନ୍ୟ ଏକତ୍ର କରୁଅଛନ୍ତି। ଅନ୍ୟ ଅଞ୍ଚଳରେ କମ୍ବର୍ଲି ଉଦ୍ଧାର କରିବା ନିମନ୍ତେ ଆୟୋଜନ କରାଯାଉଅଛି ଡଡନ୍‌ଟର ଲେଫ୍ଟନେଣ୍ଟଙ୍କୁ ଯାତ୍ରା କରିବାର କଳ୍ପନା ଲାଗିଅଛି।

ତା ୪ ଇଖ ତାରସମ୍ବାଦ ଅଛିଥିରୁ ଯେ ଲେଡି ସ୍ମିଥରେ ସମ୍ପୂର୍ଣ୍ଣରୂପେ ଶୃଙ୍ଖଳ ହୋଇ

Digitized by srujanika@gmail.com

Split by PDF Splitter

ଅଛି ଇଂଗ୍ଲଣ୍ଡପକ୍ଷର ସମସ୍ତ ସୈନ୍ୟବୃନ୍ଦ ସୁସ୍ଥ ଭାବରେ ଅଛନ୍ତି, ବୁଅରମାନଙ୍କ ପକ୍ଷରୁ ନୂଆ କୌଣସି ଆକ୍ରମଣ ହୋଇ ନାହିଁ କେପ ଟାଉନସ୍ଥ ମୁସଲମାନମାନେ ଯୁଦ୍ଧରେ ବ୍ରିଟିଶ ସୈନ୍ୟରେ ଯୋଗଦାନ କରିବା କାମନ୍ତେ ଜଣାଇବାରେ ସାର ଏ ମିଲନର ସେମାନଙ୍କୁ ଧନ୍ୟବାଦ ଦେଇ କହିଲେ ଯେ ସେମାନେ ମୁସଲମାନ ଶରଣାଗତ ମାନଙ୍କୁ ସାହାଯ୍ୟ କଲେ ଗବର୍ଣ୍ଣମେଣ୍ଟର ସାହାଯ୍ୟ ହେବ ।

ତା ୪ ଇଖ ତାରସମ୍ବାଦ ଆସିଅଛି ଯେ ବ୍ରିଟିଶ ସୈନ୍ୟଦଳ କଲେନ୍‌ସୋରୁ ପ୍ରତ୍ୟାବର୍ତ୍ତ ହୋଇଅଛନ୍ତି ଓ ଲେଫ୍‌ଟେନାଣ୍ଟ ଇଗର୍ଟନ ସେନାପତି ପଦକୁ ଉନ୍ନତିଲାଭ କରିଅଛନ୍ତି କିନ୍ତୁ ତା ୬ ଇଖ ତାରସମ୍ବାଦରୁ ଜଣାଗଲା ସେନାପତି ଇଗର୍ଟନ ମୃତ ହୋଇଅଛନ୍ତି ।

କେଶବସ୍ତ ସୈନ୍ୟ ସମ୍ପୂର୍ଣ୍ଣ କେପ ଜାହାଜ ବାହାରୁଅଛନ୍ତି ଓ ଇଂଲଣ୍ଡଠାରୁ ୧୦୦ କର୍ମଚାରୀ ଓ ୧,୩୩୭ ସୈନ୍ୟମାନେ ବାହାରି ଅଛନ୍ତି । ଝଡ଼ ହେତୁ ସୈନ୍ୟ ଜାହାଜ ସବୁ ବାହାରିବାରେ ବିଲମ୍ବ ହେଉଅଛି ଓ ଗୋଟାଏ ଜାହାଜ ଝଡ଼ରେ ନଷ୍ଟ ହେବାରୁ ଲିଭରପୁଲକୁ ଫେରି ଆସିଅଛି; ଅନ୍ୟ ଏକ ଜାହାଜ ୩୦୦୦ ସୈନ୍ୟ ନେଇ ଯାଇଅଛି ।

କଲେନ୍‌ସୋର ତା ୬ ଇଖ ସମ୍ବାଦ ଯେ ବୁଅରମାନେ ପୋର୍ଟଫିଲ୍ଡକୁ ତୋପ ବର୍ଷଣ କରୁଅଛନ୍ତି ।

ତା ୫ ଇଖ ତାରସମ୍ବାଦ ଯେ ବୁଅରମାନେ ନାଟାଲ ଉପର ଟ୍ରେସେଲା ବିଭାଗକୁ ଫ୍ରିଷ୍ଟେଟ ସଙ୍ଗରେ ଯୋଗ କରିଥିବାର ଘୋଷଣା ଦେଇଅଛନ୍ତି, ଓ ସେମାନଙ୍କର ଅସ୍ଥାୟୀ ଗାର୍ଡ଼ ହୋଲେଷ୍ଟବର୍ଗରେ ପହୁଞ୍ଚି ଅଛନ୍ତି ।

ବ୍ରିଟିଶ କର୍ମ୍ମଚାରୀମାନଙ୍କ ସମ୍ବନ୍ଧରେ ପ୍ରିଟୋରିଆରୁ ସମ୍ବାଦ ଆସିଅଛି ସେମାନେ ଉତ୍ତମ ଅବସ୍ଥାରେ ଅଛନ୍ତି ଓ ସୈନ୍ୟମାନେ ଫୁଟବଲ ଖେଳ ଆମୋଦ କରୁଅଛନ୍ତି ଓ କର୍ମ୍ମଚାରୀମାନେ କଥା କହିବାକୁ ମନା କରୁଅଛନ୍ତି କିନ୍ତୁ ବଦଳ କାମନାରେ ଉତ୍ସୁକ ଅଛନ୍ତି ।

ବୁଅରମାନେ କଲେନ୍‌ସୋ ଓ ଲେଡ଼ିସ୍ମିଥ ମଧ୍ୟସ୍ଥଳରେ ଉପସ୍ଥିତ ହୋଇ ପୁଲଗୁଡ଼ିକୁ ଲୋପ କରାଇବାର ଉଦ୍ୟୋଗରେ ଅଛନ୍ତି ।

ଇଉରୋପ ମହାଦେଶର ସମସ୍ତ ଅଂଶରେ ଲେଡ଼ିସ୍ମିଥ ବିଷୟକ ବହୁ ସମ୍ବାଦ ପ୍ରଚାର ହୋଇଅଛି ।

ତା ୬ ଇଖ ତାରସମ୍ବାଦ ଯେ ସେନାପତି ବୁଲର ଲେଡ଼ିସ୍ମିଥରୁ ତା ୫ ଇଖରେ ସମ୍ବାଦ ପଠାଇ ଅଛନ୍ତି, ଯେ କର୍ଣ୍ଣେଲ ଫ୍ରେଞ୍ଚଙ୍କ ଅଧୀନସ୍ଥ ଅଶ୍ୱାରୋହି ସୈନ୍ୟ ଓ ତୋପଖାନାର ସୈନ୍ୟସମୂହ ବୁଅରଙ୍କୁ ଗୋଳାବର୍ଷଣ କରୁଥିଲେ, ଇଂରାଜଙ୍କ ପକ୍ଷରୁ କୌଣସି କ୍ଷତି ହୋଇ ନାହିଁ ।

ବୁଅର କମ୍ୟେଣ୍ଡଙ୍କ ବଦଳରେ ସେନାପତି ଯୁବର୍ଟଅରଖ ପୁଂଟିଲ୍ଷରେ ମେଜର କନ୍‌ଫେଡ଼ି ଓ ଜଷ୍ଟେଣବର୍ଗକୁ ଫେରାଇ ପଠାଇଅଛନ୍ତି ।

ଲେଡ଼ିସ୍ମିଥର ଦକ୍ଷିଣପଶ୍ଚିମ ଭାଗରେ ଅନେକକ୍ଷଣ ପର୍ଯ୍ୟନ୍ତ ଯୁଦ୍ଧ ଲାଗିଥିଲା । ବ୍ରିଟିଶଙ୍କ କ୍ଷତି ଅତି ସାମାନ୍ୟ; ତୋପଗୁଳାକ ଏପର୍ଯ୍ୟନ୍ତ ଲାଗିଅଛି ।

ଅନ୍ୟ ସୈନ୍ୟଦଳ ଆସି ପହୁଞ୍ଚିବା ପର୍ଯ୍ୟନ୍ତ ସେନାପତି ବୁଲର ଷ୍ଟର୍ମବର୍ଗରୁ ବ୍ରିଟିଶ ସୈନ୍ୟ ଫେଷ୍ଟର କେବାଲ ଓ ନଅପୋର୍ଟ ଓ ଷ୍ଟେରିଡ଼ି ମଧ୍ୟସ୍ଥଳ ପରିତ୍ୟାଗ କରିବାର ଆଦେଶ ଦେଇଅଛନ୍ତି ।

ଟାଇମ୍‌ସ୍ ଓ ଅନ୍ୟାନ୍ୟ ସମ୍ବାଦପତ୍ରମାନେ ଦକ୍ଷିଣ ଆଫ୍ରିକାର ଅବସ୍ଥା ବିଷୟରେ ତର୍କବିତର୍କ କରି ଇଂଲଣ୍ଡରୁ ଆହୁରି ଅଧିକ ସୈନ୍ୟ ପ୍ରେରଣ କରିବାର ଆବଶ୍ୟକତା ଥିବାର କହୁଅଛନ୍ତି ।

ତା ୭ ତିଖର ତାରସମ୍ବାଦ ଯେ କଲେନ୍‌ସୋରେ ଘୋରତର ଯୁଦ୍ଧ ହେଲାଉତ୍ତାରେ ଶତ୍ରୁ ସୈନ୍ୟ ଅତ୍ୟଧିକ ହେବାରୁ କଲେନ୍‌ସୋ ପରିତ୍ୟାଗ କରିବାର ଆବଶ୍ୟକ ହେଲା ।

ବୁଅରମାନଙ୍କଦ୍ୱାରା ନାଟାଲର ଟଗେଲା ବିଭାଗ ଫ୍ରିଷ୍ଟେଟସହିତରେ ଯୋଗ କରି ହୋଇଗଲା ।

ଟ୍ରାନ୍ସଭାଲ ଯୁଦ୍ଧ ପାଣ୍ଠି ସକାଶେ ଶ୍ରୀମତୀ ମହାରାଣୀ ସ୍ୱୟଂ ପା ୧୦୦୦ ପାଉଣ୍ଡ ଓ ପ୍ରିନ୍ସ ଅଫ୍ ଓ୍ୱେଲ୍‌ସ ପା ୨୫୦ ପାଉଣ୍ଡ ପ୍ରଦାନ କରିଅଛନ୍ତି ।

ଲେଡ଼ିସ୍ମିଥର ଉତ୍ତରପାର୍ଶ୍ୱରେ ଘୋରତର ଯୁଦ୍ଧ ହୋଇଥିଲା ଏଥିରେ ବ୍ରିଟିଶ ସୈନ୍ୟ ବୁଅରମାନଙ୍କୁ ଅଗ୍ରସର ହେବାକୁ ନ ଦେଇ ସେମାନଙ୍କ ତମ୍ବୁପର୍ଯ୍ୟନ୍ତ ସେମାନଙ୍କୁ ହଟାଇ ଦେଇଅଛନ୍ତି ।

ଏ ଯୁଦ୍ଧରେ ବୁଅରମାନଙ୍କର ବହୁତ କ୍ଷତି ହୋଇଅଛି । ୬୦୦ ଜଣ ହତାହତ ଓ ବନ୍ଦୀ ହୋଇଅଛନ୍ତି ।

ଷ୍ଟର୍ମବର୍ଗଠାରେ ଶତ୍ରୁ ସୈନ୍ୟ ଅଧିକ ଏକତ୍ରିତ ହୋଇଥିବାରୁ ସେନାପତି ଗେଟକ ଉକ୍ତ ସ୍ଥାନ ରକ୍ଷାକରିବା ଅଠିକ ବୋଧ କରିବାରୁ ତ୍ୟାଗ କରିଅଛନ୍ତି ।

ସାପ୍ତାହିକ ସମ୍ବାଦ ।

କଲିକତା—ଗେଜେଟ ।

ଗାଜିପୁରର ଡେପୁଟୀ ମାଜିଷ୍ଟ୍ରେଟ ଓ ଡେପୁଟୀ କଲେକ୍ଟର ବାବୁ ତ୍ରୈଲୋକ୍ୟନାଥ ଦତ୍ତ ମାସେ ଛୁଟି ପ୍ରାପ୍ତ ହେଲେ ଓ ତାଙ୍କ ଅନୁପସ୍ଥିତ କାଳରେ ଅଥବା ଅନ୍ୟାଜ୍ଞା ପର୍ଯ୍ୟନ୍ତ ଡେପୁଟୀ ମାଜିଷ୍ଟ୍ରେଟ ବାବୁ ରଜନୀକାନ୍ତ ଦାସ ସବଡ଼ିଭିଜନର ଭାରପ୍ରାପ୍ତ ହେଲେ ।

ଢ଼କାରୁ ବନ୍ଦରର କମିଶ୍ନର ମିଃ ଟେଲୋର ଥରମୀ କ୍ୱାରେଲ ମାସ ତା ୪ ଠାରୁ ୧୫୦ ଗାଇର ଅକ୍ଟୋବର ତା ୧୫ ପର୍ଯ୍ୟନ୍ତ ସର୍ବେ ଛୁଟି ପ୍ରାପ୍ତ ହେଲେ ।

ଅବକାଶ କମିଶ୍ନର ମି କେ, ଜ, ଗୁପ୍ତ ତିନମାସର ଛୁଟି ପ୍ରାପ୍ତ ହେଲେ ଓ ତାଙ୍କର ଅନୁପସ୍ଥିତ କାଳରେ ଅଥବା ଅନ୍ୟାଜ୍ଞା ପର୍ଯ୍ୟନ୍ତ ଷ୍ଟେଟ୍ ମାଜିଷ୍ଟ୍ରେଟ ଓ କଲେକ୍ଟର ମିଃ ... [illegible] କମିଶନର କାର୍ଯ୍ୟ କରିବେ ।

ଓଡ଼ିଶା [illegible] ବାବୁ [illegible] ଦେଶୀୟ ଖ୍ରୀଷ୍ଟିଆନମାନଙ୍କ ମଧ୍ୟରେ [illegible] ଷ୍ଟାଟିଟିକ୍ସ ଦେବାର କ୍ଷମତା ପ୍ରାପ୍ତ ହେଲେ

[illegible] ବାହାଦୁର ବାବୁ [illegible] କଟକ ଷ୍ଟେସନ ... [illegible] ମାଜିଷ୍ଟ୍ରେଟ ପଦରେ ... ମଞ୍ଜୁର କରଅଛନ୍ତି ।

ଓଡ଼ିଶା ଡିଭିଜନର [illegible] ଡେପୁଟୀ କଲେକ୍ଟର, ବାବୁ, [illegible] ଏକ ମାସ ଏକ ଦିନର [illegible] ଛୁଟି ପ୍ରାପ୍ତ ହୋଇଅଛନ୍ତି ଓ ତାଙ୍କର ଛୁଟି କାଳରେ ଅଥବା ଅନ୍ୟାଜ୍ଞା ପର୍ଯ୍ୟନ୍ତ [illegible] ଡେପୁଟି କଲେକ୍ଟର ମୌଲବୀ [illegible] ଓଡ଼ିଶା [illegible] ରହିଲେ ।

[illegible]

[illegible]

[illegible]

[illegible]

[illegible]

ବାଲି ଓ [illegible]

[illegible] ହୋଇଅଛନ୍ତି ।

[illegible]

[illegible]

Digitized by srujanika@gmail.com

Split by PDF Splitter

363

ଚାଂପଡ଼ାର ନିକଟସ୍ଥ ଖାମକ ଗ୍ରାମରେ ଓଲାଉଠା ପ୍ରବଳ ହୋଇଅଛି । ଚଳିମାସ ମଧ୍ୟରେ ୬୦।୭୦ ଜଣ ମୃତ୍ୟୁ ମରିଅଛନ୍ତି ।

ବମ୍ବେ ହୋଇ ଗତ ୪ଠା ୮ ଦିନ ହିଁ ଅଟକରେ ଦୁଇ ମାସ ଖାଇଅଛି । ଜଡ଼ାମ୍ବା ନୋପୀନାଥପୁରରେ ତାହାର ଘର ନାହିଁ ତଥା । ଜଣକର ବଡ଼ ବଡ଼ ଲୋକମାନେ ସେଠାଏ ମନ୍ଦିର କର ଏହିପରି ଅନାଥ ଲୋକମାନଙ୍କୁ ରଖାଇ ଦେଲେ କେତେ ଧର୍ମରକ୍ଷା ହୁଅନ୍ତା । ଏ ଅନାଥ ଅସହାୟର ଦୁଃଖ ପରମାନେ ହିନ୍ଦୁ ଧର୍ମାଙ୍କ ଦୃଷ୍ଟି ହେଲେ ହିନ୍ଦୁ ସମାଜ କି କଳୁଷିତ ହେବ ନାହିଁ ?

ଦର୍ଗାଂଗ୍ରାମରେ ଦୁଇଜଣ ସ୍ତ୍ରୀ ନଦୀରେ ସ୍ନାନ କରୁଥିଲେ ସେଠାଏ କୁମ୍ଭୀର ଏକ ସ୍ତ୍ରୀର ଗୋଡ଼ରେ ଧରିବାରୁ ସେ ଉଚ୍ଚରେ ଚିତ୍କାର କରିଥିଲେ । କଳୀ ସ୍ତ୍ରୀତ ଏହି ସମୟରେ ପାଣିରେ ପ୍ରବେଶ ହୋଇ ଖଣ୍ଡେ ବାଡ଼ିରେ ସେହ ଗୋଡ଼କୁ ଅଟେଇ ଦେବାରୁ ସେଠାଏ ବଡ଼ମାଛ ଦେଖାଗଲା, ତାହାର ଲଞ୍ଜରୁ ଖଣ୍ଡେ ଚମ୍ପା ଖାଇଥିଲା । ସ୍ତ୍ରୀ ଦୁହେଁ ମାଛକୁ ଧଂସ କରିବାକୁ ଧାଇଁ ଗଲେ । ମାତ୍ର ତତ୍କାଳୀନ ସଂସ୍କାରରେ ସ୍ତ୍ରୀ ଜାତି ସାଧୁ ହେଉ ନାହିଁ । କି ରଣ ବିନା ଦାନ ଦେଇ ନ୍ଦ୍ରିଙ୍କ ଆପଣା ଜୀବନ ରଚନେ ରକ୍ଷା କରୁ ହୃଦୟ ଥାଇ ।

ଜାରେଣ୍ଟ ଭରର ଦେଇ ଏକ ମଠ ଉଦେଶ ଦେଇ ଅଠରତୁ ଲକ୍ଷ ଟଙ୍କା ଆଣି ଦାଉଅଛନ୍ତି ।

ବଡ଼ାମ୍ବା ରାଜ୍ୟର ଠକୁରାଣୀଙ୍କ ନହୃଦ୍ୟମୀ ଯାତ୍ରା ଏବର୍ଷ ଅନେକ ସମାରୋହରେ ସଫଳ ହୋଇ ନାହିଁ ସ୍ଥାନୀୟ ଲୋକଙ୍କର ଅଭାବ ଏଥିର କାରଣ ।

ଭାଇଯୋଡ଼ା, ବର୍ଧମାନ ଓ କଲିକତା ଅଞ୍ଚଳରେ ହାଗ ଭୟ ହୋଇଅଛି । ଗ୍ରାମେ ହାଗ ଫସଲ ଖାଉ ଯାଉଅଛନ୍ତି । ଗତବର୍ଷ ପାଣିଅଭାବରୁ ବୃଷ୍ଟି ହାଗ ମନ୍ଦ ପଡ଼ିଥିଲା ।

ଶୁଣାଯାଏ ଘଣ୍ଟାଇପୁର ଅଗରେ ରେଲଗାଡ଼ିର ଦଣ୍ଡିକ ଘଡ଼ିକରୁ ଖସି ଯିବାରେ ଜଣେ ଲୋକର ମୃତ୍ୟୁ ହୋଇଅଛି ଏବଂ ଯାଜମଣ୍ଡଳ ଠାରେ ରେଲଗାଡ଼ି ଯୋଗେ ଏକ ବୃଦ୍ଧର ଦୁଇ ଗୋଡ଼ କଟି ଯାଇଅଛି ।

ଜେଲଖାନାର ବନ୍ଦୋବସ୍ତ କାର୍ଯ୍ୟ ଶୀଘ୍ର ଶେଷ ନହେବା କାରଣରେ ଜଣେ ସହକାରୀ ବନ୍ଦୋବସ୍ତ କର୍ମଚାରୀ ଅବଶ୍ୟକ ହେବାରୁ ଏଠାର କର୍ମଚାରୀ ପେସକାର ମୁନସି ନନ୍ଦକିଶୋର ଉକ୍ତ କାର୍ଯ୍ୟରେ ନିଯୁକ୍ତ ହୋଇଅଛନ୍ତି ।

ଖଣ୍ଡପଡ଼ାର ପୁଲିସ ପଣ୍ଡପଟଣା ପାହାଡ଼ରେ ଯୋଡ଼ାଏ ବାଘ ଶିକାର କରିଅଛନ୍ତି ।

ତାଳଚେର ସ୍କୁଲ ହେଡ଼ମାଷ୍ଟର କଡ଼ା ପ୍ରଥାରେ ବେତ୍ରାଘାତ କରୁ ଥିବାରୁ ଛାତ୍ରମାନେ ଚାଲିଯାଇ ଘରେ ରହିଲେ ଏହା ଅଭାବ ହେଉଅଛି । ଉପଦେଶରେ କଣ କି ନିୟମ ହୁଅନ୍ତା ନାହିଁ ?

ସମ୍ବଲପୁର ଓ ଜଗନ୍ନାଥ ସମ୍ପାଦକ ଡ଼ାକ୍ତରମାନଙ୍କ ମଧ୍ୟରେ ମାନହାନି ସମ୍ବନ୍ଧୀୟ ଯେଉଁ ମୋକଦ୍ଦମା ଉଠିଥିଲା ତାହା ଆପୋଷରେ ମୀମାଂସା ହେବାର ଚେଷ୍ଟା ଲାଗିଅଛି । ଏହା ଶୁଭ ସମ୍ବାଦ ।

ପୁନାଠାରେ ଦୁର୍ଭିକ୍ଷର ତାଡ଼ ନେଇ କଷ୍ଟପାଉଥିବାର ସମ୍ବାଦ ମିଳିଲା । ସେଠାରେ ଗତମାସ ତା ୨୨ ଦିନରେ ସାହାଯ୍ୟ କାର୍ଯ୍ୟ ଆରମ୍ଭ ହେଲା ଏବଂ ଗତ ସପ୍ତାହରେ ୫୦୦୦ ଜଣ ସାହାଯ୍ୟ କାର୍ଯ୍ୟରେ ନିଯୁକ୍ତ ଥିଲେ । କଚ୍ଛଠାରେ ବହୁସଂଖ୍ୟା ନିରାଶ୍ରୟ ଲୋକେ ସାହାଯ୍ୟ କାର୍ଯ୍ୟରେ ଲାଗିଅଛନ୍ତି । ଅହମଦାବାଦ ଠାରେ ରବି ଫସଲ ବୁଣା ହୋଇଅଛି ଏବଂ ଜଳର ଅଭାବ ବୃଦ୍ଧି ହେଉଅଛି ।

ବୋମ୍ବାଇ ଅଞ୍ଚଳର ଲୁଗା କଳ କାରଖାନାମାନଙ୍କର ମଜଦୂରରେ ତତ୍ତ୍ୱାବଧାନର ସମ୍ବାଦ ମିଳଇ । ସେଠା ଉଣ୍ଟା ପଡ଼େ ୧୦୦୦୦୦୦ ଟଙ୍କା ମୂଲ୍ୟର ଲୁଗା ଜମିହୋଇ ରହିଅଛି ଏବଂ କ୍ରମଶଃ ଅଧିକ ହେଉଅଛି ।

ମହାମାରୀ ପ୍ଳେଗ ବୋମ୍ବାଇରୁ ଉଭଳ ନାହିଁ ବୋଲି ପ୍ରଥମ କହିଥିବାର ଦେଖାଯାଏ । ସେଠାରେ ଉକ୍ତ ରୋଗ କ୍ଷାନ୍ତ ରୋଗୀଙ୍କ ସଂଖ୍ୟା ଅନେକ କମ ହୋଇ ଆସୁଥିଲା ମାତ୍ର ଶୀତ ଋତୁ ଆସିବା ଅଳ୍ପ ପରିମାଣରେ ତାହାର ଅତ୍ୟାଗ୍ରହ ବଢ଼ିଥିବାର ସମ୍ବାଦ ମିଳଇ ।

ବଙ୍ଗାଲୋର ଠାରେ ଅକ୍ଟୋବର ମଧ୍ୟରେ ବିଶେଷ ଚୋର ଉପଦ୍ରବ ହେବାର ଜଣେ ପୋଲିସ୍ କର୍ମଚାରୀ ପ୍ରକାଶ କରିବାରୁ ଅନେକ ଲୋକେ ସେ ନଗର ପରିତ୍ୟାଗ କରି ଗ୍ରାମାନ୍ତରକୁ ପଳାଇଅଛନ୍ତି । ସେଠାରେ ବିଶେଷ ବୃଷ୍ଟି ହୋଇଥିବାର ସମ୍ବାଦ ମିଳଇ ।

ହାଇଦ୍ରାବାଦର ନିଜାମ ଆଗାମୀ ଡିସେମ୍ବର ମାସ ତା ୨୮ ଦିନରେ କଲିକତା ଠାରେ ପହଞ୍ଚିବାର ସ୍ଥିର ହୋଇଅଛି । ସେଠାରେ ସେ ଅମୃତାଲାଲ ବସୁଙ୍କ ବାହାଦୂରଙ୍କ ଆତିଥ୍ୟ ଗ୍ରହଣ କରି ଆଗାମୀ ଜାନୁଆରୀ ମାସ ତା ୧ ରିଖ ପର୍ଯ୍ୟନ୍ତ ଅବସ୍ଥାନ କରିବେ ।

ପୁନା ଠାରେ ୫୧୫୦୦ ଟଙ୍କା ବ୍ୟୟରେ ରେଷ୍ଟ ହେଉସ ନିର୍ମିତ ହେବାର ପ୍ରସ୍ତାବ ହୋଇଅଛି । ଏଥିରେ ଅଧିକା ୫୦୦୦ ଟଙ୍କା ବ୍ୟୟରେ ଲୋକମାନେ ସ୍ଥାପିତ ହେବ ଏବଂ ପାଞ୍ଚଶ ହସ୍ପିଟାଲ ରୋଗ ଏ ଟଙ୍କା ଦାନ କରୁଅଛନ୍ତି ।— ଏ ଦାନ ଅତି ମହତ ଅଟେ ।

ମାନ୍ଦ୍ରାଜ ମ୍ୟୁନିସିପାଲିଟିର ଗତ ବର୍ଷରେ ଆୟ ୧୪୫ ଲକ୍ଷ ଥିବା ସ୍ଥଳେ ବ୍ୟୟ ୧୮ ଲକ୍ଷ ହୋଇଥିବାର ସମ୍ବାଦ ମିଳଇ । ଏ ମ୍ୟୁନିସିପାଲିଟି ଦେଶରେ ଅଟେ ଏବଂ ଗତ ବର୍ଷ ସୁଦ୍ଧା ତେର ଲକ୍ଷ ଟଙ୍କା ଆଦାୟ କରିଥିଲା ।— ମ୍ୟୁନିସିପାଲିଟିର ଦଶା ସନ୍ତୋଷ ଜନକ ।

ବଙ୍ଗଳା ହୁଗଳୀ ଦଶଘରା ଠାରେ ଜଣେ ଯୁବକ ଅନେକ ଦିନ ହେଲା ଆପଣା ପିତା ଠାରୁ ପୃଥକ ବାସ କରୁଥିଲା । ଅଳ୍ପ ଦିନ ତଳେ ସେ ଆପଣା ପିତାଳୟରେ ପ୍ରବେଶ କରି କେତେଗୁଡ଼ାଏ ବହୁମୂଲ୍ୟ ଦ୍ରବ୍ୟ ନେଇ ଯିବାକୁ ଚେଷ୍ଟା କରିବାରୁ ପିତା ତହିଁରେ ବାଧା ଦେଲେ ମାତ୍ର ପୁତ୍ର ତାହା ନ ମାନି ବୃଦ୍ଧକୁ ତଳେ ପକାଇଦେଇ ତାହାର ଗଳା ଚିପି ଦେଲା । ଯୁବକ ଧୃତ ହୋଇ ପଠୁଆ ଅପରାଧରେ ଦୋଷୀ ପ୍ରମାଣ ହୋଇଅଛି । ତାହାର ବୟସ ବ ୨୨ ବର୍ଷ ।

ଗତ ଅକ୍ଟୋବର ମାସ ତା ୨୮ ଦିନରେ କାଶୀ ଧାମରେ ପ୍ରତିଷ୍ଠିତ ହୋଇଥିବା ନୂତନ ହିନ୍ଦୁ କଲେଜର ପ୍ରଥମ ବାର୍ଷିକ ଅଧିବେଶନ ହୋଇଥିଲା । କମିଶନର ସାହେବ, ଜଜ ସାହେବ, କଲେକ୍ଟର ସାହେବ ଏବଂ ଅନ୍ୟାନ୍ୟ ଅନେକ ମାନ୍ୟଗଣ୍ୟ ୟୁରୋପୀୟ ଏବଂ ଦେଶୀୟ ଭଦ୍ର ଲୋକମାନେ ସଭାସ୍ଥଳରେ ସମୁପସ୍ଥିତ ହୋଇଥିଲେ । ସଭାଗୃହଟି ବେଶ ସଜ୍ଜିତ ହୋଇ ରହିଥିଲା ଏବଂ ଗୃହ ସୁନ୍ଦରରୂପରେ ସୁସଜ୍ଜିତ ହୋଇଥିଲା । ବିଜୟନଗରର ମହାରାଜାଙ୍କ ପ୍ରସ୍ତାବ ମତେ ସାକ୍ଷାତ୍ସ୍ଥ କମିଟିର ସଭାପତି ବାବୁ ମୋକ୍ଷଦାଦାସ ମିତ୍ର ସଭାପତିର ଆସନ ଗ୍ରହଣ କରିଥିଲେ । ଛାତ୍ରମାନଙ୍କ ଦ୍ୱାରା ପ୍ରଥମେ ସମ୍ମୁଖରେ ଈଶ୍ୱରଙ୍କ ସ୍ତୁତିବାଦମୂଳକ ଶ୍ଳୋକ ପଠିତ ହୋଇ ସଭାର କାର୍ଯ୍ୟାରମ୍ଭ ହେଲା ଏବଂ ରିପୋର୍ଟ ଆଦି ପଠିତ ହେଲା ପରେ କାଶୀ ଅନରେବୁଲ ରାଜା ସେ ଏହି କଲେଜ ସ୍ଥାପନର ମୂଳକର୍ତ୍ତା ଅଟନ୍ତି ସେ ଦୋଷ୍ଟ ଏ ସୁନ୍ଦର ବକ୍ତୃତା ପ୍ରଦାନ କଲେ, ସଭାର କାର୍ଯ୍ୟାବଳୀ ଶେଷହୋଇ ଯାଇଥିଲା । ଆମ୍ଭେମାନେ ଏକାନ୍ତ ହୃଦୟରେ ଏହି କଲେଜର ଶ୍ରୀବୃଦ୍ଧିର କାମନା କରୁଁ ।

ପତ୍ରପ୍ରେରକଙ୍କ ପ୍ରତି ।

ଶ୍ରୀ ସୁଧାକରଣ ମହାନ୍ତି —ଗତ ଦୁର୍ଗାପୂଜାର ମହାଷ୍ଟମୀର ବଳିଦାନ ବୁଧବାରଦିନ ନ ହୋଇ ଗୁରୁବାର ହେବାର ଉଚିତ ଥିଲା । ଗତମାସ ତା ୨୮ ରିଖର ଉତ୍କଳଦୀପିକାର ପ୍ରେରିତପତ୍ର ଦେଖନ୍ତୁ ।

ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଯୁକ୍ତ ମାନଂବର ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ !

ଆପଣଙ୍କ ୨୩।୯।୯୯ ପତ୍ରିକାରେ ଶ୍ରୀ ଲକ୍ଷ୍ମୀଧର ଦାସ ପ୍ରଶ୍ନ କରିଥିଲେ ଯେ "ଶୂଦ୍ରମାନେ ବିଷ୍ଣୁସହସ୍ରନାମ, ଶ୍ରୀମଦ୍ ଭଗବଦ୍ଗୀତା ଓ ଶ୍ରୀମଦ୍ ଭାଗବତାଦିର ମୂଳ ପାଠ କରିପାରନ୍ତି କି ନା ?" ଏପ୍ରଶ୍ନ ଏ ସମାଜରେ ଆଲୋଚିତ ହୋଇ ପ୍ରମାଣ ସହ ଯେଉଁ ଉତ୍ତର ସ୍ଥିର ହେଲା ତାହା ପ୍ରେରଣ କରି ପ୍ରାର୍ଥନା କରୁଅଛୁଁ ଯେ ଅନୁଗ୍ରହପୂର୍ବକ ଆପଣଙ୍କ ପତ୍ରିକାର ସ୍ତମ୍ଭରେ ପ୍ରକାଶ କଲେ ବାଧିତ ହେବୁଁ ।

ଉପରୋକ୍ତ ଗ୍ରନ୍ଥମାନ ପୁରାଣ ଅଟେ । ଯେହେତୁ ବିଷ୍ଣୁସହସ୍ରନାମ ମହାଭାରତର ଶାନ୍ତିପର୍ବର ଓ ଭଗବଦ୍ ଗୀତା ଭୀଷ୍ମପର୍ବର ଅନ୍ତର୍ଗତ ଅଟେ ଏବଂ ଶ୍ରୀମଦ୍ ଭାଗବତ ନିଜେ ପୁରାଣ ଅଟେ । ପୁରାଣପାଠରେ ଶୂଦ୍ରମାନଙ୍କର ଅଧିକାର ନାହିଁ, ପ୍ରମାଣଂ ଯଥା, ପଦ୍ମପୁରାଣେ—

ପୁରାଣଶ୍ରବଣଂ କାର୍ଯ୍ୟ ପୁରାଣପଠନଂ । ଅଧ୍ୟେତବ୍ୟଂ ନଶୂଦ୍ରେଣ ବ୍ରାହ୍ମଣଂ ସର୍ବଦ୍ୱଂ ଭଜା । ଶ୍ରୋତବ୍ୟମେବ ଶୂଦ୍ରେଣ ନାଧ୍ୟେତବ୍ୟଂ କଥଞ୍ଚନେତି ବଚନାତ୍ । ଅର୍ଥାତ୍ ଶୂଦ୍ରମାନଙ୍କର କେବଳ ପୁରାଣ ଶ୍ରବଣରେ ଅଧିକାର ଅଛି, ପଠନରେ ଅଧିକାର ନାହିଁ । ନିଜେ ବାଲ୍ମିକି ଆଦିକାଣ୍ଡରେ କହିଅଛନ୍ତି । "ପଠନ୍ ଦ୍ୱିଜୋ ବାଗୃଷଭତ୍ୱମୀୟାତ୍, ସ୍ୟାତ୍କ୍ଷତ୍ରିୟୋ ଭୂମିପତିତ୍ୱମୀୟାତ୍ । ବଣିଗ୍ଜନଃ ପଣ୍ୟଫଲତ୍ୱମୀୟାତ୍, ଜନଶ୍ଚ ଶୂଦ୍ରୋଽପି ମହତ୍ତ୍ୱମୀୟାତ୍" ।

ଅର୍ଥାତ୍ ବ୍ରାହ୍ମଣ ପାଠ କଲେ ପାଣ୍ଡିତ୍ୟ ଲାଭ କରେ, କ୍ଷତ୍ରିୟ ରାଜତ୍ୱ ପାଏ, ବୈଶ୍ୟ ବାଣିଜ୍ୟ ଫଳ ପାଏ, ମାତ୍ର ଶୂଦ୍ର କେବଳ ଶ୍ରବଣ କଲେ ମହତ୍ତ୍ୱ ପାଏ ।

ଏଥିସକାଶେ ଶ୍ରୀ ଜଗନ୍ନାଥ ଦାସ, ସାରଳା ଦାସ ଓ କୃଷ୍ଣସିଂହ ପ୍ରଭୃତି ଭାଗବତ ଓ ମହା-

Digitized by srujanika@gmail.com

Split by PDF Splitter

ଗୁରୁଚାଦର ଉତ୍କଳାନୁବାଦ କରି ଉପରୋକ୍ତ ଅସୁବିଧା ଦୂର କରାଯାଇଅଛନ୍ତି ।

ବଶମ୍ବଦ

ଗଡ଼ ଜଇସିଂହପୁର } ଶ୍ରୀ ଜଗନ୍ନାଥ ମିଶ୍ର
ହେଡ଼ମାଷ୍ଟର ସମ୍ପାଦକ
୨୧।୧୦।୯୯ } ଅର୍ଦ୍ଧମାସିକ ପତ୍ରିକା

ମୂଲ୍ୟପ୍ରାପ୍ତି ।

ଶ୍ରୀ ବାବୁ ମଧୁସୂଦନ ଦାସ ମେମ୍ବର ଅଫ୍ ଦି
କଟକ ୫ ୩
„ ପି ଏଲ୍ ମାଧବ ଇଡ଼େନ୍ଗଡ଼ ୫ ୩
„ ଜଗନ୍ନାଥ ରାୟ ଚୌଧୁରୀ କଟକ ୫ ·
ମୁନ୍ସି ଭଗୀରଥ ମହାନ୍ତି ,, ୫ ୧
ଶ୍ରୀ ବାବୁ ଦାଶରଥି ଶାନ୍ତ ପଲଶାହାଟ ସତ୍ରସାହି ୫ ୩
„ ବ୍ରଜନାଥ ଦାସ ଜଗତସିଂହ ୫ ୩
ଶ୍ରୀଯୁକ୍ତ ନୃସିଂହ ଦାସ ୫ ୩
ଶ୍ରୀ ବାବୁ ବାସୁଦେବ ମହାନ୍ତି ଗାଁ ଦେଓଳି ଜମିଦାର ୫ ୩
ଜିଲା ।ବ । ଜାମ୍ବୁ ୫ ୨
ଶ୍ରୀ ବାବୁ ମଧୁସୂଦନ ଦାସ ୫ ୨
„ ଜଗନ୍ନାଥ ପ୍ରସାଦ ମହାପାତ୍ର ଉପଦେଷ୍ଟା
ପଣ୍ଡିତ ୫ ୩
ମହନ୍ତ ଶ୍ରୀ ଗୋବିନ୍ଦ ଦାସ ପଣ୍ଡିତ ୫ ୩

ବିଜ୍ଞାପନ ।

NOTICE.

Wanted candidates for the Head Mastership and Second Mastership of the Khurda High English School on salaries of Rs 55 & Rs 40 respectively Graduates strong in English and Mathematics and willing to stick to the post for 2 years will be preferred, Applications must reach the undersigned on or before the 15th instant.

Dated 1st November 1899. } Sd A. Garrett, Secretary.

(ସର୍ବରୋଗର ପରୀକ୍ଷିତ !)

ଯାଦୁଗର ଅର୍ଥାତ୍ ମହୌଷଧ ।

(ମୂଲ୍ୟ ୧ଟି ଶିଶି ଟ ୦।୵ ଆଣା ମାତ୍ର)

ଯେ କୌଣସି ରୋଗର ପୀଡ଼ାରେ ଯାରୁ ଦେଖିଛନ୍ତି ଅକାଳୁ ଯେ ଥରେ ଏହି ଔଷଧ ବ୍ୟବହାର କରିବେ ସେ ତତକ୍ଷଣାତ ଆରୋଗ୍ୟ ଲାଭ କରିବେ, ଜ୍ୱର, ଶ୍ୱାସ କାଶ ପ୍ରଭୃତି ଏମନ୍ତ ମହୌଷଧର

ପ୍ରତି ଉଦ୍ଦେଶ ଔଷଧ ଏଥିରେ ଆଉ ଦ୍ୱିତୀୟ ବାହାର ନାହିଁ । ଏହି ଔଷଧର ଆଶ୍ଚର୍ଯ୍ୟ ରୋଗ ଉପଶମକାରୀ ଗୁଣର ଉପକାରିତା ଶତ ଶତ ବ୍ୟକ୍ତି ମୁକ୍ତକଣ୍ଠରେ ସ୍ୱୀକାର କରି ପ୍ରଶଂସା ପତ୍ର ଦେଇଅଛନ୍ତି । ସେ ସମସ୍ତ ପ୍ରଶଂସା ପତ୍ର ସ୍ୱତନ୍ତ୍ର ମୁଦ୍ରିତ ହୋଇ ରହିଅଛି; ତାହାର ଆବଶ୍ୟକ ହେଲେ ଲେଖିବା ମାତ୍ରେ ପ୍ରେରିତ ହେବ

ଔଷଧ ଗ୍ରହଣାର୍ଥୀମାନେ ଆପଣା ନାମ, ଧାମ, ଡାକଘର, ଜିଲା ଏବଂ ତାହାର ରେଳ ଷ୍ଟେସନ ଇତ୍ୟାଦି ସ୍ପଷ୍ଟ ଅକ୍ଷରରେ ଲେଖିବେ । ଏକାଠିକରେ ଯେଉଁମାନେ ଅଧିକ ନେବେ ସେମାନଙ୍କ ସମ୍ବନ୍ଧରେ ବିଶେଷ ସୁବିଧା ଅଛି !

ଶ୍ରୀ ସନାତନ ସେନ
ଦେବ ଲକ୍ଷ୍ମୀନାରାୟଣ; କାଟିଲସ୍ଥଳ ।

ବିଜ୍ଞାପନ

ଏ ଜିଲାର ନିମ୍ନୋକ୍ତ ମହାଲମାନଙ୍କର କିସ୍ତି (ବେଣୀ) ସାଲ ସନ ୧୩୦୭ ସାଲ ଏକବର୍ଷ ସକାଶେ ନିଲାମ ମୁକାମରେ ଚଳିତମାସ ତା ୨୮ ଇଖ ମଙ୍ଗଳବାର ବେଳା ସ ୧୦ ଘ ସମୟରେ ପ୍ରକାଶ୍ୟଭାବେ ନିଲାମ କରାଯିବ । ଇଚ୍ଛୁକଲୋକମାନେ ଯଥାସମୟରେ ଉପସ୍ଥିତ ହୋଇ ନିଲାମ ଡାକିବେ ।

୧ ବରକୋଳିଆ	୭ ସାରକୋଳ
୨ ମହାକାଳବସ୍ତ	୮ ସଧାଙ୍ଗ
୩ ନାଉଗାଁବସ୍ତ	୯ କୁସୁମପୁର
୪ କଙ୍ଗାଟେବା	୧୦ ଚନ୍ଦ୍ରପୁର
୫ ପାଲବଗପୁର	୧୧ ସୁନ୍ଦେଇ
୬ କୁସଧାଙ୍ଗି	୧୨ ଦଣ୍ଡବେଡ଼

ଜି । ଅଠଗଡ଼ ଷ୍ଟେଟ ଅଫିସ
ତା, ୩ ଇଖ ନବେମ୍ବର } Gunanidhi Das
ସନ ୧୮୯୯ ମସିହା } State Officer.

NOTICE.

Is hereby given that the High Level canal Range I will be closed to traffic for certain repairs from 15th, November 99 or until further order. Boats rafts &c. should be removed from the above canal on or before the 14th. November 1899.

Akhoyapada } Sasi Bhushan pal
Th 7-11-99 } for officiating Executive Engineer
Akhoyapada Jajpur Division

ବନାରସି ମାଲ ।

ବନାରସ ନଗରସ୍ଥ ଅମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ବିକ୍ରୟହାର କରା ଭଳି ମାଲ ଉତ୍କଳର ନାନା ସ୍ଥାନର ରାଜା ଜମିଦାରମାନଙ୍କ ହସ୍ତଗୁଡ଼ିକରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । କନିକା, କେନ୍ଦୁଝର ଅଠମଲ୍ଲିକ, ଖଣ୍ଡପଡ଼ା, ଷଣ୍ଢେଇବଲା ପ୍ରଭୃତିର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଅମ୍ଭର ଖାଣ୍ଟି କାରବାରର କଥ ଜଣା ପଡ଼ିବ ।

ଅମ୍ଭର ବାଣିଜ୍ୟ କୋଠିରେ ଭକ୍ତଙ୍କ ସକାଶେ ହାତକୁ ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଧୋତି ଖୋଡ଼ି, ପୈଙ୍ଗା, ଚଂଣାପ, କାମ୍ରା ସଢ଼ୀ ଦୋପଟ୍ଟା ମଖମଲ, ଶିରରେ ବାନ୍ଧିବାର ଫେଟା, ରୁମାଲ, ସାଲ ଏବଂ ନାନା ପ୍ରକାର ରଙ୍ଗୀନ ଓଢ଼ଣ ଅଙ୍ଗୁଷ୍ଠ ପ୍ରଭୃତି ସୁନା ରୂପାର ବାସନ, ହାତୀର ହାଉଦା ପ୍ରଭୃତି ବସ୍ତୁର ଅର୍ଡ଼ର ନିଆଯାଇ ଯୋଗାଇ ଦେଉଁ । ବସ୍ତୁର ବେବାକେଲେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ ନେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଅମ୍ଭର କର୍ମଚାରୀ ବା ଅମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ ଯେଉଁ ଠିକଣାରେ ବ ଉପାୟରେ (ଅର୍ଥାତ୍ ଡାକରେ ବ ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ଅନେକ ଜାଲିଆର ଥିବାରୁ କେହି ଏଠାରୁ ମୋହରର ଲେଖିଅଛି ବୋଲି ସ୍ୱୟଂ ଏଠାରେ ପତ୍ର ଲେଖିଲେ ତାହାର ନାମ ଲେଖାଇଲେ ଅମ୍ଭର ନାମ ଓ ଠିକଣା ଛାପ ବା ଦସ୍ତଖତରେ ଲେଖିଲେ ନିଶ୍ଚୟରେ ଅମ୍ଭର ବସ୍ତୁକର ହେବ ।

ବେଲୁପେବଲ ପାର୍ସେଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରତ ନିଆଯାଏ ।

ଶ୍ରୀ ପାର୍ବତୀ ହୋଲାଇଥ
ଲୁଣ୍ଠଗଲି ପାଟନ ବନାରସ ସିଟି

ମୂଲ୍ୟ ସୁଲଭ ! ଦ୍ରବ୍ୟ ସୁନ୍ଦର !

ବନାରସ

ଦଶାଶ୍ୱମେଧ ଘାଟ ।

ଶାଢ଼ୀ, ଧୋତି, ଇତ୍ୟାଦି ଅମ୍ଭର କୋଠିରେ ସର୍ବଦା ବହୁତ ଅଧିକ ପ୍ରସ୍ତୁତ ଅଛି । ଯାହାଙ୍କର ଯେମନ୍ତ ପସନ୍ଦ ତେମନ୍ତ କିନି ପାରିବେ ଏବଂ ଅନ୍ୟ ପ୍ରକାର ବସ୍ତ୍ର ହେଲେ ଅର୍ଡ଼ରମେ ପ୍ରସ୍ତୁତ କରି ଦେବାକୁ ବନ୍ଦୋବସ୍ତ

Digitized by srujanika@gmail.com

Split by PDF Splitter

ରହିଅଛୁ। ଅଳ୍ପ ବା ଅଧିକ ପରିମାଣର ଜିନିଷ ଯୋଗାଇବାକୁ ସମାନରୂପ ମନୋଯୋଗୀ। ଜିନିଷସଙ୍ଗେ ଆନୁମାନିକ ମୂଲ୍ୟର ଚତୁର୍ଥାଂଶ ପଠାଇବା ଆବଶ୍ୟକ। ଅଧିକ ପରିମାଣରେ ଯେଉଁମାନେ ଜିନିଷ ଖରିଦ କରିବେ ସେମାନେ ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ମାରଫତରେ ପଠାଇ ପାରୁଁ ଅଥବା ସ୍ୱୟଂ ଯିବାକୁ ପ୍ରସ୍ତୁତ।

ରାଜା, ଜମିଦାର ଓ ଅନ୍ୟାନ୍ୟ ଭଦ୍ରଲୋକଙ୍କ ସହିତ ଆମ୍ଭର କାରବାର ବହୁକାଳରୁ ରହିଅଛି। ଆମ୍ଭର ବ୍ୟବହାର କେମନ୍ତ ଖାଣ୍ଟି ଏବଂ ଜିନିଷ କେମନ୍ତ ଉତ୍କୃଷ୍ଟ ଓଡ଼ିଶାଅନ୍ତର୍ଗତ ବୌଦ, କନ୍ଧମାଳ, ଅଠମଲ୍ଲିକ, ସରାଇକଲା ଏବଂ ମାନ୍ଦ୍ରାଜାନ୍ତର୍ଗତ ଭିଜାନଗର, ମଞ୍ଜୁଷାପ୍ରଭୃତି ରାଜାମାନଙ୍କୁ ଉତ୍ତମରୂପେ ଜଣାଅଛି। ଯାହାର ଇଚ୍ଛା ହେବ ସେ ଅନୁସନ୍ଧାନଦ୍ୱାରା ଜାଣିପାରିବ।

ଡାକଯୋଗେ ପତ୍ର ପଠାଇ ମାଲ ମଗାଇଲେ କେଉଁ ସ୍ଥାନକୁ କି ଉପାୟରେ (ଅର୍ଥାତ୍ ଡାକଯୋଗେ କି ରେଲଦ୍ୱାରା) ପଠାଇବାକୁ ହେବ ଲେଖିବା ଉଚିତ। ଓଡ଼ିଶାସହିତ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ଅତଏବ ଓଡ଼ିଆରେ ପତ୍ର ଲେଖିଲେ ଚଳିବ କିନ୍ତୁ ଲଫାଫା ଉପରେ ଆମ୍ଭର ନାମ ଏବଂ ଠିକଣା ହିନ୍ଦି ଅଥବା ଇଂରାଜୀରେ ଲେଖିଲେ ନିର୍ବିଘ୍ନରେ ଆମ୍ଭର ହସ୍ତଗତ ହେବ।

ଭେଲ୍ୟୁପେଏବଲ ପାରସଲରେ ମଧ୍ୟ ମାଲ ପ୍ରେରିତ ହୁଏ ପସନ୍ଦ ନ ହେଲେ ଫେରତ ନେଉଁ।

ଶ୍ରୀ ଗୋପାଳ ଦାସ ମୁରଲୀଧର
ମଦନ୍ପୁରି ବିଶ୍ୱେଶ୍ୱର ବନାରସ ସିଟି

ଯେହେତୁ କଟକ ଜିଲା ଅନ୍ତର୍ଗତ ସଦର ଜଗତସିଂହପୁର, ତିର୍ତ୍ତୋଲ, ଓ ସାଲେପୁର, ଥାନା ମଧ୍ୟସ୍ଥିତ ନିମ୍ନଲିଖିତ କାଞ୍ଜିହାଉସ (ପାଉଣ୍ଡ) ସନ ୧୮୯୯ ମସିହା ନବେମ୍ବର ମାସ ତା ୧ ଋଖଠାରୁ ସନ ୧୯୦୧ ମସିହା ମାର୍ଚ୍ଚ ମାସ ତା ୩୧ ଋଖ ପର୍ଯ୍ୟନ୍ତ ଏକ ବର୍ଷ ପାଞ୍ଚ ମାସ ନିମନ୍ତେ ସନ ୧୮୯୯ ମସିହା ନବେମ୍ବର ମାସ ତା ୧୪ ଋଖ। ମୁ। ସନ ୧୩୦୭ ସାଲ କାର୍ତ୍ତିକ ମାସ ହି ୩୦ ନ ମଙ୍ଗଳବାର ଦିବା ର ୧୨ ଘା ସମୟରେ କଟକ ସଦର ଲୋକେଲ ବୋର୍ଡ ଅଫିସରେ ଶ୍ରୀଯୁକ୍ତ ଚେୟାରମେନ ବାହାଦୁରଙ୍କ ହଜୁରରେ ପ୍ରକାଶ୍ୟ ଡାକ ନିଲାମଦ୍ୱାରା ଇଜରା ବନ୍ଦୋବସ୍ତ କରାଯିବ ଅତଏବ ଏଥିଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ ଯେଉଁମାନେ ଉକ୍ତ ନିଲାମରେ ଇଜରା ନେବାକୁ ଇଚ୍ଛା କରନ୍ତି ସେମାନେ ନିଜେ ୨ ଉପରଲିଖିତ ନିରୂପିତ ତାରିଖରେ ନିଲାମସ୍ଥାନରେ ଉପସ୍ଥିତ ହୋଇ ଡାକ ନିଲାମରେ ଇଜରା ନେଇପାରିବେ ଯାହାଙ୍କ ଡାକ ସର୍ବାପେକ୍ଷା ଉଚ୍ଚ ଦର ହେବ ଅଥବା କୌଣସି ଆପତ୍ତି ନ ଥିଲେ ତାଙ୍କ ଡାକରେ ନିଲାମ ସ୍ଥିର କରାଯିବ। ଏବଂ ନିଲାମ ଗୃହୀତା ତତ୍କ୍ଷଣାତ୍ ଅର୍ଥାତ୍ ନିଲାମ ଡାକ ଶେଷ ହେଲା କ୍ଷଣି ନିଲାମି ଜରସମନର ଚତୁର୍ଥାଂଶ ଜାମିନସ୍ୱରୂପ ଅବିଳମ୍ବେ ଦାଖଲ କରିବେ ବାକି ଜରସମନ ନିରୂପିତ କିସ୍ତି ଅନୁସାରେ ଦାଖଲ କରିବାକୁ ହେବ ଉକ୍ତ ଚତୁର୍ଥାଂଶ ଟଙ୍କା ନିଲାମ ଶେଷ ହେବା ମାତ୍ରେ ଦାଖଲ ନ ହେଲେ ପୁନି ନିଲାମ କରାଯିବ ଓ ପ୍ରତ୍ୟେକ କ୍ୱାର୍ଟରର ଖଜଣା ସେହି କ୍ୱାର୍ଟରର ପ୍ରଥମ ତାରିଖରେ ଅଗାମୀ ଦେବାକୁ ହେବ ନ ଦେଲେ ତହିଁର ଯେ ଯତି ହେବ ତାହା ଠିକାଦାରଙ୍କୁ ଦେବାକୁ ହେବ। ନିଲାମ ସ୍ଥିର ହେଲାରୁ ଗ୍ରହିତା ନିର୍ଦ୍ଦିଷ୍ଟ ଷ୍ଟାମ୍ପ କାଗଜରେ ବୋର୍ଡ ଚେୟାରମେନଙ୍କ ନିରୂପିତ ସର୍ତ୍ତ ଅନୁସାରେ ଆଇନମତେ କବୁଲିୟତ ଲେଖି ଦେଇ ରେଜେଷ୍ଟାରୀ କରିଦେବେ। ଉପରୋକ୍ତ ନିଲାମ ଆଦି ସମ୍ବନ୍ଧୀୟ କୌଣସି ସମ୍ବାଦ ବୁଝିବାକୁ ଆବଶ୍ୟକ ହେଲେ ସଦର ଲୋକେଲ ବୋର୍ଡ ଅଫିସରେ ହାଜର ହୋଇ ବୁଝି ପାରିବେ। ଇତି।

ଥାନା କଟକ।

୧। ବାରଙ୍ଗ

ଥାନା ସାଲେପୁର।

୧। ନରେନ୍ଦ୍ରପୁର

ଥାନା ଜଗତସିଂହପୁର।

୧। ବାଲିଆ   ୨। ଶଙ୍ଖାରିସାହି
୩। କସର୍ଦ୍ଦା   ୪। ଝୁରଲେ

ଥାନା ତିର୍ତ୍ତୋଲ।

୧। କନକପୁର

ପ୍ରକାଶ ଥାଉ କି କାଞ୍ଜିହାଉସମାନ କେବଳ ଭଦ୍ର ଓ ସଙ୍ଗତିପନ୍ନ ଲୋକମାନେ ଡାକି ପାରିବେ ତଦନ୍ତରେ ଯଦ୍ୟପି ନିଲାମଖରିଦଦାର ସେପରି ବ୍ୟକ୍ତିଥିବାର ପ୍ରମାଣ ନ ହେବ ତାହାହେଲେ ତତ୍କ୍ଷଣାତ୍ ତାହାର ଡପାକଟ ଯବତ ହେବ ଓ ଉପଯୁକ୍ତ ସମୟ ମଧ୍ୟରେ ପାଉଣ୍ଡ ଅନ୍ୟ ଭଦ୍ର ସଙ୍ଗତିପନ୍ନ ଲୋକଙ୍କୁ ପୁନି ବନ୍ଦୀ କରାଯିବ।

GOKULANAND CHOWDHURY,
Chairman
Suder Local Board.

NOTICE.

Cuttack District Board.

Tenders are hereby invited for the execution of the following works:—

On Approach road from 25th mile Trunk Road to Dhanmundal Railway Station.

Laterite Masonry, 3ft. Arched Culvert.

Laterite Masonry six drains.

Rubble pitching above.

Earthwork—Raising and widening road from Khosalipur Canal Bridge to Trunk road.

Metalling—Boulmala Soling, Laterite binding from Khosalipur Canal Bridge to Trunk road.

The probable cost of above work is Rs 2500.

On road from 23rd mile trunk road to Genguti River.

Laterite Masonry Bridge, 20 ft. span. (Not including Iron and Timber work).

Earthwork—Raising and widening existing road.

The probable cost of above work is Rs. 3000.

General specification of works, Orissa Circle, will be in force.

Abstract of quantities and rates estimated can be seen by intending tenderers in the offices of—
The District Engineer, Cuttack.
The Local Board, Jajpur.
The District Board's Sub-Overseer Jajpur.

Tenders, on Form No. 2 accompanied by the prescribed earnest money to be submitted in sealed covers, addressed

Tender for Dhanmandal road. or, for Barchana Genguti road.	*Registered.*
To District Engineer Collectorate Cuttack.	

before noon of 30th Nov. 1899

Tender Forms will be supplied free of charge by the above mentioned offices.

Date of commencement of work—10th December 1899.

Date of completion of work—15th August 1900.

The Chairman does not bind himself to accept the lowest or any tender.

Cuttack
The 7th Nov. '99.

Sd. L. E. Desgratoulet
District Engineer,
Cuttack.

Digitized by srujanika@gmail.com

ଏଣ୍ଟ୍ରାନ୍ସ୍ ଏକ୍ସାମିନେସନ୍ ଅପର ପ୍ରାଇମେରି, ଭର୍ଣ୍ଣା- କ୍ୟୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ, ଫ୍ରିସିଂକମ୍ପାନିଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କୁ ବହୁତ ପରିମାଣରେ କମିଶନ୍ ଦିଆଯାଏ । ନାନାପ୍ରକାର କାଗଜ, ପେନସିଲ, କଲମ, ଦୁଆତ, ପ୍ରଭୃତି ସ୍କୁଲ ଏବଂ ଗବର୍ଣ୍ଣମେଣ୍ଟ ଅଫିସରେ ଲେଖିବାର ଆବଶ୍ୟକ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଆମ୍ଭ ନିକଟରେ ମିଳିବ । ଇତି ।

ଶ୍ରୀ ଗୌରୀଶଙ୍କର ଗୁପ୍ତ ।
ସେକ୍ରେଟେରୀ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ କଟକର ପ୍ରସିଦ୍ଧ କବିରାଜ ଶ୍ରୀ ନାରାୟଣ ମିଶ୍ର ଶର୍ମା ମହାଶୟ ଉଲ୍ଲିଖିତ ସ୍ଥାନ- ରେ ଏକ ପୁସ୍ତକାଳୟ ଓ ଦେଶୀୟ ଔଷଧାଳୟ ସ୍ଥାପନ କରିଅଛନ୍ତି । ଏଠାରେ ସର୍ବ ପ୍ରକାର ସ୍କୁଲପାଠ୍ୟ ଓ ସାଧାରଣ ପୁସ୍ତକ ଏବଂ ଦେଶୀୟ କବିରାଜୀ ସର୍ବ ପ୍ରକାର ରୋଗର ଔଷଧ, ତୈଳ ସୁବାସିତ ତୈଳ, ଘୃତ, ଭସ୍ମ ଉତ୍କୃଷ୍ଟ ମକରଧ୍ୱଜ ବଟିକା, ଚୂର୍ଣ୍ଣ, ଚ୍ୟବନପ୍ରାଶ ପ୍ରଭୃତି ସୁଲଭ ମୂଲ ରେ ବିକ୍ରୟ ହୁଏ । ମୋଫସଲ ଗ୍ରାହକମାନଙ୍କ ଚିଠିରୁ ଭିଃ ପିରେ ଔଷଧ ପ୍ରେରିତ ହୁଏ । ଦୂରସ୍ଥିତ ରୋଗୀ ରୋଗର ଲକ୍ଷଣ ଆନୁପୂର୍ବିକ ଜଣାଇଲେ ଚିକିତ୍ସା କରାଯାଏ ।

ଗ୍ରାହକମାନେ ନିର୍ଦ୍ଦିଷ୍ଟ ଠିକଣାରେ ପତ୍ର ଲେଖିଲେ ସକଳ ବିଷୟ ଜାଣି ପାରିବେ ବିଶେଷ ଅଧିକ ବାହୁଲ୍ୟ ମାତ୍ର । "ପଲେକ ପରୀକ୍ଷ୍ୟତେ" ।

ଚୌଧୁରୀବଜାର
କଟକ
୨୧-୯-୯୯

ଶ୍ରୀ ମୋହନ ଦାସ୍ୟକ
ଏଜେଣ୍ଟ

ହୋମିଓପାଥିକ ଔଷଧ ଡ୍ରାମ ଟ ୦/୬ ଟ ୦ /୧୦ ପଇସା ଏନ୍ କେ ମଜୁମଦାର ଏଣ୍ଡ କୋଂ ନ ୨୫୭ ମର ଅପର ଚିତ୍ପୁର ରୋଡ କଲିକତା ଏବଂ ଔଷଧାଳୟ ଡକ୍ଟର ଠାକୁରଙ୍କ ତତ୍ତ୍ୱାବଧାନରେ ପରିଚାଳିତ । ହେବଲ ଅମେ- ରିକାରୁ ଔଷଧ ଆମଦାନୀ ହୁଏ ଏହି ବର୍ଷ ପୁସ୍ତକ ଓ ନାନାବିଧ ଦ୍ରବ୍ୟାଦିର ମୂଲ୍ୟ ମଧ୍ୟ ଅତି ସୁଲଭ କଲେଜ୍ ବାକସ ପୁସ୍ତକ ଜାମ୍ପାର ଦ୍ରପାର ସବ ୧୨, ୨୫, ୩୦, ୩୮ ଟିକି ୨, ୩, ୩୪/, ୫ ଗୃହ ଚିକିତ୍ସାର ବାକସ ୧୨, ୨୪, ୩, ୪୯ ୬୦, ୬୨ ୧୪ ଟିକି ୨.୩ ୩, ୪୧ ମା ଟା ୧୧୫ ।

ଆୟୁର୍ବେଦୀୟ ଔଷଧାଳୟ ।

ପ୍ରମେହସୁଧା ଗନରିଅର ଅବ୍ୟର୍ଥ ମହୌଷଧ ।

ଏହି ଔଷଧ ଶୁକ୍ରମେହ, ପିତ୍ତଜନ୍ୟମେହ ଷପୂଜମେହ (ଗନରିଅ) ଖଡ଼ଜଳ ତୁଲ୍ୟ ସ୍ରାବ ଶୋଣିତସ୍ରାବ, ମୂତ୍ରନାଳୀର କ୍ଷତ, ପ୍ରସ୍ରାବର ଯୋଡ଼ା ଜଳା ପ୍ରଭୃତି ପକ୍ଷରେ ଅଶୁଫଳଦାୟକ । ଯଥାବିଧି ବ୍ୟବହାର କଲେ ସର୍ବପ୍ରକାର ଦୁଃସାଧ୍ୟ ମେହ ଓ ତଜ୍ଜନିତ ଉପଦ୍ରବାଦି ସମ୍ପୂର୍ଣ୍ଣ ନିବୃତ୍ତି ହୁଏ ।

ଏକଶିଶିର ମୂଲ୍ୟ ଟ ୨, ଭି, ପି, ଟ ୦୵୵, ପ୍ୟାକିଂ ଟ ୦ ୵୵, ଡାକମାସୁଲ ଟ ୦ ।

ଅମୃତାଦିକଷାୟ ବା ଦେଶୀ ସାଲସା ।

ଅମ୍ଭମାନଙ୍କର ଏହି ଅତ୍ୟାଶ୍ଚର୍ଯ୍ୟଗୁଣାନ୍ୱିତ ରକ୍ତଦୁଷ୍ଟିର ଅମୋଘ ଔଷଧ ଅମୃତାଦିକଷାୟ ବା ଦେଶୀୟ ସାଲସା ଦେଶଜ ନାନାବିଧ ଉତ୍କୃଷ୍ଟ ଶୋଣିତଶୋଧକ ଲତା ଓ ବୃକ୍ଷର ପ୍ରସ୍ତୁତ ହୋଇଅଛି । ଏଥିରେ ଏପରି କେତେଗୁଡ଼ିଏ ଖାଦ୍ୟ ଲତା ଓ ବୃକ୍ଷର ରସ ଅଛି ଯେ ସେବନ ମାତ୍ରକେ ମନ ପ୍ରାଣ ପ୍ରଫୁଲ୍ଲ ହୁଏ ଏବଂ କୋଷ୍ଠ ପରିଷ୍କାର ଓ କ୍ଷୁଧା ବୃଦ୍ଧି ହୁଏ । ଯେ କୌଣସି କାରଣରୁ ରକ୍ତ ଓ ପିତ୍ତଦୁଷ୍ଟି, ପାରଦଜନିତ କ୍ଷତ, ଉପଦଂଶଜନିତ କ୍ଷତ, କିମ୍ବା ଅନ୍ୟବିଧ ଦୂଷିତ କ୍ଷତ ଗଳିତକୁଷ୍ଠ, ଆମବାତ, କଣ୍ଡୁମେହ, ଗଣ୍ଡମାଳା, ଦାଦ୍, ଲୁତିଆ ପ୍ରଭୃତି ସର୍ବବିଧ ଚର୍ମରୋଗ ପକ୍ଷରେ, ଦୂଷିତ ରକ୍ତ ପରିଷ୍କାର କରିବାପାଇଁ ସ୍ନାୟବିକ ଦୌର୍ବଲ୍ୟ, କୃଶତା, ଧାତୁକ୍ଷୀଣତା ନିବୃତ୍ତି କରି ଶରୀର ହୃଷ୍ଟପୁଷ୍ଟ ବଳିଷ୍ଠ କରିବା ପାଇଁ ଏହାହିଁ ଏକମାତ୍ର ଔଷଧ । ସହସ୍ର ସ୍ଥଳରେ ପରୀକ୍ଷାଦ୍ୱାରା ଜଣା ଯାଇଅଛି ବିଲାତି ସାଲସା ଅପେକ୍ଷା ଏହା ସର୍ବଗୁଣରେ ଉତ୍କୃଷ୍ଟ ।

ଏକଶିଶିର ମୂଲ୍ୟ ଟ ୧, ଏକଡଜନର ମୂଲ୍ୟ ଟ ୧୨, ଭି, ପି, ଟ ୦ ୵୵, ପ୍ୟାକିଂ ଟ ୦ ୵୵, ଡାକମାସୁଲ ଟ ୦ ୵୵ ।

ବୃହଦଶ୍ୱଗନ୍ଧାରସାୟନ ।

ଏହି ଔଷଧ ଶୁକ୍ରବର୍ଦ୍ଧକ, ବଳକାରକ, ସର୍ବଧାତୁପୋଷକ, ଧାତୁଦୌର୍ବଲ୍ୟ, ଶୁକ୍ରମେହ, ଧ୍ୱଜଭଙ୍ଗ, ବାତବ୍ୟାଧି, ମୂର୍ଚ୍ଛା, ଉନ୍ମାଦ, ସ୍ୱପ୍ନ- ଦୋଷ ପ୍ରଭୃତି ରୋଗରେ ଆଶୁଫଳପ୍ରଦ । ଏହା ସେବନ କଲେ କୋଷ୍ଠ ପରିଷ୍କାର ହୋଇ କ୍ଷୁଧା ବୃଦ୍ଧି ହୁଏ, ଶୁକ୍ରତାରଲ୍ୟ ଓ କ୍ଷୀଣଶୁକ୍ରତା ନିବୃତ୍ତି କରି ଶରୀର ହୃଷ୍ଟପୁଷ୍ଟ ବଳିଷ୍ଠ କରିବା ପକ୍ଷରେ ଏହା ଏକମାତ୍ର ଔଷଧ ।

ଏକଶିଶିର ମୂଲ୍ୟ ଟ ୨୵, ଭି, ପି, ଟ ୦୵୵, ପ୍ୟାକିଂ ଟ ୦ ୵୵ ଡାକମାସୁଲ ଟ ୦ ୵ ।

ସ୍ୱପ୍ନସୁଧା

ସ୍ୱପ୍ନଦୋଷ ଯେ ଗୋଟିଏ ଭୟାନକ ରୋଗ ଏହା ଅବଶ୍ୟ ସ୍ୱୀକାର୍ଯ୍ୟ; ଭୁକ୍ତଭୋଗୀ ମାତ୍ରକେ ଏହା ଅବଗତ ଅଛନ୍ତି । ଏହି ମହୌଷଧ ଯଥା ରୀତି ସେବନ କଲେ ଅକାରଣ ସ୍ୱପ୍ନଦୋଷ, ଶୁକ୍ରତାରଲ୍ୟ, ଶଉଚଜଳବତ୍ ସ୍ରାବ ପ୍ରଭୃତି ନିବୃତ୍ତି ହୋଇ କ୍ଷୁଧା ବୃଦ୍ଧି ହୁଏ ଏବଂ କୋଷ୍ଠ ପରିଷ୍କାର ହୁଏ ।

ଏକଶିଶିର ମୂଲ୍ୟ ଟ ୧, ଭି, ପି, ଟ ୦ ୵୵, ପ୍ୟାକିଂ ଟ ୦ ୵୵, ଡାକମାସୁଲ ଟ ୦ । ।

ଏହା ଛଡ଼ା ଆୟୁର୍ବେଦୀୟ ସର୍ବପ୍ରକାର ତୈଳ ଘୃତ, ମୋଦକ, ଆସବ, ଅରିଷ୍ଟ, ଚୂର୍ଣ୍ଣ, ବଟିକା ପ୍ରଭୃତି ଏବଂ ଉତ୍କୃଷ୍ଟ ମକରଧ୍ୱଜ ମୃଗନାଭି ଓ ସୁନା ରୂପା ଲୁହା ପ୍ରଭୃତିର ଭସ୍ମମାନ ବିକ୍ରୟାର୍ଥ ସର୍ବଦା ପ୍ରସ୍ତୁତ ଥାଏ । ମଫସଲର ରୋଗୀମାନେ ପତ୍ରଦ୍ୱାରା ରୋଗର ଆନୁପୂର୍ବିକ ବୃତ୍ତାନ୍ତ ଲେଖିଲେ ବିନା ବ୍ୟୟରେ ବ୍ୟବସ୍ଥା ପଠାଯାଏ । ଔଷଧପାଇଁ ଲେଖିଲେ ଭି, ପି, ଡାକରେ ପଠାଯା ପ୍ରତ୍ୟହ ପ୍ରାତଃ ଘ ୭ ଟାଠାରୁ ଘ ୮ ଟା ପର୍ଯ୍ୟନ୍ତ ଗରିବ ରୋଗୀ ଲୋକମାନଙ୍କୁ ବିନା ମୂଲ୍ୟରେ ଔଷଧ ବିତରଣ କରାଯାଏ ।

ଚିଠିପତ୍ର ଓ ଟଙ୍କା ଆମ୍ଭ ନାମରେ ଉକ୍ତ ଠିକଣାକୁ ପଠାଇବାକୁ ହେବ ।

କବିରାଜ ଶ୍ରୀ ଶାରଦାପ୍ରସାଦ ଦାସ ଗୁପ୍ତ
କବିରତ୍ନ, ବାଲୁବଜାର କଟକ ।

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ରେଟ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ
ଧାଡ଼ିପ୍ରତି ଟ ୦ ୵
ଅଧସ୍ତମ୍ଭକୁ ଟ ୨ ୮
ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୩ ୮

ମାତ୍ର କୌଣସି ବିଜ୍ଞାପନ ଯେବେ ଛୋଟ ହେଲେ କମ୍‌ହିଁରେ ଟଙ୍କା ଟ ୦ ୫ ଣାରୁ ଊଣା ହେବ ନାହିଁ ଦ୍ୱିତୀୟ ଓ ତୃତୀୟଥର ସକାଶେ ଟଙ୍କା ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇ- ବାକୁ ହେବ

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର ଦିସେ- କଟକ "ପ୍ରିଣ୍ଟିଂ କମ୍ପାନି"ର ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED No. C. 8.

ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

ଖଣ୍ଡ ୩୦ ଭାଗ
ସଂ ୪୬ ସଂଖ୍ୟା
ତା ୧୮ ଦିନ ମାହେ ନବେମ୍ବର ସନ ୧୮୯୯ ମସିହା । ମୃ । ଚ ୪ ନ ମାର୍ଗଶିର ସନ ୧୩୦୭ ସାଲ ଶନିବାର
ଅସ୍ତାନ୍ତ ୫ ୩୯
ସୂର୍ଯ୍ୟୋଦୟ ୬ ୨୯

ସୀମାନ୍ତ ପ୍ରଦେଶରେ ମୁଣ୍ଡାପାଉଁନ୍ଦା ଯେଉଁ ଗୋଲମାଲ ଉପସ୍ଥିତ କରିଥିଲେ ତାହା ନିବର୍ତ୍ତ ହୋଇଅଛି ତାହାଙ୍କ ସଂଗୃହୀତ ଲୋକ ସମସ୍ତେ ଭାଙ୍ଗି ଯାଇଅଛନ୍ତି ଏବଂ ସେ ସ୍ୱୟଂ କାଉସ୍ଥବା ଉପଂଭୟଙ୍କାରୁ ପଳାଇ ଅଛନ୍ତି । ଶାନ୍ତି ହେଲେ ରକ୍ଷା ।

———

ଗତ ସିଭିଲ ସରଭିସ ପରୀକ୍ଷାର ଶେଷ ଫଳାନୁସାରେ ମନୋନୀତ ହୋଇଥିବା ୬୩ ଜଣଙ୍କ ମଧ୍ୟରେ ନ ୭ ଣ ଭାରତବାସୀ ଅଛନ୍ତି । ବର୍ତ୍ତମାନ ସ୍ୱରାଜ୍ୟ ସିଭିଲିୟାନଙ୍କ ମଧ୍ୟରେ ନ ୬୭ ଣ ଦେଶୀୟ କର୍ମଚାରୀ ଅଛନ୍ତି । ଉପରିଲିଖିତ ନ ୭ ଣ ମିଶିଲେ ନ ୭୪ ଣ ହେବେ ବଡ଼ ସୁଖର ବିଷୟ ଅଟେ ।

———

ମାନ୍ୟବର ବଙ୍ଗେଶ୍ୱର ବାହାଦୁର ଚଳିତ ମାସ ତା ୨୩ ଦିନରେ ଦାର୍ଜିଲିଂଠାରୁ ଯାତ୍ରା କରି ତହିଁ ଅପରଦିନ ପୂର୍ବାହ୍ନ ପ୍ରାୟ ଘ ୧୧ ଟା ବେଳେ ଶିୟାଲଦା ରେଲ ଷ୍ଟେସନଠାରେ କଲିକତାରେ ପ୍ରବେଶ କରିବେ । ଏହାଙ୍କର ଆଗମନ ଅପ୍ରକାଶ୍ୟଭାବରେ ହେଲେହେଁ ଯଥାନିୟମରେ ତୋପଧ୍ୱନି ହେବ ।

———

ରଙ୍ଗୁନ ସହରରେ ଜଳକଳ କରିବା ନିମନ୍ତେ ଇଷ୍ଟିମେଟ ହୋଇଥିବା ଟ ୧,୩୨,୦୦୦୯ ଙ୍କା ସମ୍ବନ୍ଧୀୟ ଏକାକୀ ହାଜି ଇସାକ ସୁଲେମାନ ସାହେବ ଦାନ ପ୍ରଦାନ କରିବାରୁ ବମ୍ବେଇର ମହାମାନ୍ୟ ଗବର୍ଣ୍ଣର ତାହାଙ୍କୁ ଧନ୍ୟବାଦ ଦେଇ ପ୍ରଦେଶୀୟ ଗଜେଟରେ ତାହାଙ୍କର ସୁଖ୍ୟାତି ପ୍ରକାଶ କରିଅଛନ୍ତି । ଏ ମହାତ୍ମାଙ୍କର ଟଙ୍କା ଅର୍ଜିବା ଧନ୍ୟ ବୋଲିବାକୁ ହେବ ।

———

ଏ ବର୍ଷର ଶୀତର ଆଗମନ କିଛି ଚଞ୍ଚଳ ହୋଇଅଛି ଅର୍ଥାତ୍ ଅନ୍ୟାନ୍ୟ ବର୍ଷ ଏ ସମୟରେ ନାମ ମାତ୍ର ଶୀତ ଜଣାଯାଏ ମାତ୍ର ଏ ବର୍ଷ ବିଶେଷ ହୋଇଅଛି । ଦିନ ବେଳର ତାପରେ ବିଶେଷ ପ୍ରଭେଦ ନାହିଁ ମାତ୍ର ରାତ୍ରରେ ଯେମନ୍ତ ଓଡ଼ିଶାରେ ତେମନ୍ତ ବଙ୍ଗଳା, ଛୋଟନାଗପୁର ଏବଂ ମାନ୍ଦ୍ରାଜ ଉପକୂଳରେ ଶୀତ ଅଧିକ ହୋଇଅଛି ।

———

ଖୋରଧାର ଦୁର୍ଭିକ୍ଷ ସାହାଯ୍ୟକାର୍ଯ୍ୟ ଖୋଲା ଯାଇଅଛି । ଖଣ୍ଡିଆ ବାଲିପଦର, କୁସୁଡିମଣ୍ଡି ଓ ଭୁଲଶିପୁର ଏବଂ ବାଣପୁର ଅଞ୍ଚଳ ରାସ୍ତାମାନଙ୍କରେ କାମ ଲଗିଅଛି । ଗୃହଜଣ ରଲିଫ୍ କର୍ମଚାରୀ ନିଯୁକ୍ତ ହୋଇ ଉକ୍ତ କାର୍ଯ୍ୟମାନ କରାଉଅଛନ୍ତି । କମିଶନର ସାହେବ କଟକଠାରୁ ଖୋରଧା ପର୍ଯ୍ୟନ୍ତ ସ୍ଥାନ ଦେଖିଥିଲେ ସେଠା ଅବସ୍ଥା ତେତେ ମନ୍ଦ ନୁହେ । ନିଇସ୍ପା ମାହାଲକୁ ବଡ଼ ବାଧିଅଛି ।

———

ଓଡ଼ିଆ ଓ ନବସମ୍ବାଦରୁ ଅବଗତ ହେଲୁଁ ଯେ ବାଲେଶ୍ୱରଜିଲ୍ଲା ସାହିବନ୍ଦର ମାହାଲର ଜମିଦାର ଶ୍ରୀଯୁକ୍ତ ଶ୍ରୀଚନ୍ଦନଭୂୟାଁ ବୃନ୍ଦାବନଚନ୍ଦ୍ର ସ୍ୱାମୀଙ୍କଠାରୁ ହସ୍ତାନ୍ତରିତ ଅଂଶ ଟ ୦୧୬୮ ନେବା ଦାବୀରେ ତାହାଙ୍କର ଦୁଇଖୁଡ଼ୁତା ଏକଲକ୍ଷ ଟଙ୍କାର ଊର୍ଦ୍ଧ୍ୱ ଦାବୀରେ ଆଲିପୁରର ସବଜଜଙ୍କ ଅଦାଲତରେ ନାଲିସ କରିଥିଲେ । କଟକରରେ ଜ୍ୟେଷ୍ଠ ପୁତ୍ର ଏକମାତ୍ର ଅଧିକାରୀ ଥିବାର ସାବ୍ୟସ୍ତ ହେବାରୁ ସବଜଜ ବାହାଦୁର ସେମାନଙ୍କର ଦାବୀ ଡିସମିସ କଲେ ଏବଂ ଅପିଲରେ ହାଇକୋର୍ଟ ସେହି ନିଷ୍ପତ୍ତି ବାହାଲ ରଖିଅଛନ୍ତି । ଜ୍ୟେଷ୍ଠ ପୁତ୍ରଙ୍କୁ ପ୍ରଥା ଓଡ଼ିଶା ଗଡ଼ଜାତପରି ମୋଗଲବନ୍ଦୀର କେତେକ ପ୍ରାଚୀନ ଘରେ ବିଦ୍ୟମାନ ରହିଅଛି ।

———

ଭାରତର ଦୁର୍ଭିକ୍ଷର କଷ୍ଟ କ୍ରମାଗତ ବୃଦ୍ଧି ହେଉଅଛି ଗତ ସପ୍ତାହଠାରୁ ସାହାଯ୍ୟ ପାଉଥିବା ବ୍ୟକ୍ତିଙ୍କ ସଂଖ୍ୟା ଏକଲକ୍ଷ ବୃଦ୍ଧି ହୋଇ ବର୍ତ୍ତମାନ ୮,୨୮,୬୦୫ ହୋଇଅଛି । ଏଥିର ପ୍ରାୟ ଅର୍ଦ୍ଧେ ଅର୍ଥାତ୍ ୪,୧୪,୨୬୯ ମଧ୍ୟପ୍ରଦେଶରେ ୧,୮୬,୫୯୬ ବମ୍ବେଇରେ ୬୧,୧୯୩ ଅଜମିରମେର-

Digitized by srujanika@gmail.com

Split by PDF Splitter

ଅଞ୍ଚଳରେ ୬୯,୭୬୩ ପଞ୍ଜାବରେ ୩୩,୦୫୮ ବେଙ୍ଗଲରେ ଏବଂ ୬୮,୫୧୪ ମଧ୍ୟ ଭାରତରେ ସାହାଯ୍ୟ ପାଉଥିଲେ । ସାହାଯ୍ୟ କାର୍ଯ୍ୟ ବିସ୍ତାର ହେତୁ ତତ୍ତ୍ୱାବଧାନ ନିମନ୍ତେ ଅନେକ ସରକାରୀ କର୍ମଚାରୀର ପ୍ରୟୋଜନ ହୋଇଅଛି ଏବଂ ନାନା ବିଭାଗର କର୍ମଚାରୀଙ୍କୁ ଏହି କାର୍ଯ୍ୟରେ ନିଯୁକ୍ତ କରି ଯାଉଅଛି ।

ଗତ ଦୀପାବଳି ଅମାବାସ୍ୟାଦିନ ବାଲେଶ୍ୱର ପୁଲିସ ସୁପରିଣ୍ଟେଣ୍ଡେଣ୍ଟଙ୍କ ଯତ୍ନରେ ସେଠା ପୁଲିସ ଲାଇନ ପଡ଼ିଆରେ ପୁଲିସ କନଷ୍ଟେବଲ ବା ସିପାହୀମାନଙ୍କର କ୍ରୀଡ଼ା ହୋଇଥିଲା । ଦଉଡ଼ିବା, ଡେଇଁବା, ଘୋଡ଼ାରେ ଦୋଉଡ଼ିବା, କୁସ୍ତି, ଯୁଦ୍ଧ ଇତ୍ୟାଦି କ୍ରୀଡ଼ାର ଅଙ୍ଗ ଥିଲା । ଯେଉଁମାନେ ସଫଳ ହେଲେ ସେମାନଙ୍କୁ ଟ ୬୯ ଠାରୁ ଟ ୦। ପର୍ଯ୍ୟନ୍ତ ପୁରସ୍କାର ଦିଆଗଲା । ପୁରସ୍କାରର ବିସ୍ତାରିତ ବିବରଣ ବାଲେଶ୍ୱର ସମ୍ବାଦବାହିକାରେ ପ୍ରକାଶିତ ହୋଇଅଛି । ଅନେକ ଭଦ୍ରଲୋକ ଦର୍ଶକ ହୋଇଥିଲେ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ବିଶେଷ ଉତ୍ସାହ ଦେଇଥିଲେ । ରାତ୍ରରେ ସ୍ୱେସନାର ଅତସବାଜି ଏବଂ ଯାତ୍ରା ହୋଇ ଆମୋଦ ଶେଷ ହେଲା ।

ଦରପଣିର ରାଜା ବାହାଦୁରଙ୍କର ଏ ନଗରସ୍ଥ ସ୍ୱୀୟ ପ୍ରାସାଦରେ ଗତ ବୁଧବାର କାର୍ତ୍ତିକପୂଜା ଏବଂ ସେହି ଉପଲକ୍ଷରେ ରାତ୍ରରେ ମଜଲିସ ଓ ଅତସବାଜି ହୋଇଥିଲା । ପ୍ରତିମାର ଗଠନ ଏବଂ ସାଜସଜ୍ଜା ଯେମନ୍ତ ଉତ୍କୃଷ୍ଟ ମଜଲିସର ଶୋଭା ତେମନ୍ତ ମନୋହର ହୋଇଥିଲା । କେତେପ୍ରକାର ବିଲାତି ନବକଳ୍ପିତ ଚିତ୍ର ବିଚିତ୍ର ମୂଲ୍ୟବାନ୍ ଅଲୋକାଧାର ଦେଖାଗଲା ଯାହା କି ଏତଦ୍ଦେଶକୁ ନୂତନ ଆସିଅଛି । ଆମନ୍ତ୍ରିତ ଭଦ୍ରଲୋକମାନେ ପ୍ରତିମା ଦର୍ଶନ, ପାଣ୍ଡବଲ ନାଚର କାର୍ଯ୍ୟ ନିରୀକ୍ଷଣ ପ୍ରସାଦ ସେବା ଏବଂ ଶେଷରେ ଅତରପାନ ନେଇ ରାଜା ବାହାଦୁରଙ୍କୁ ଧନ୍ୟବାଦ ଦେଇ ରାତ୍ରି ପ୍ରାୟ ଦୁଇପ୍ରହର ବେଳେ ବିଦାୟ ହୋଇ ଆସିଲେ ।

ମହାନଦୀ ଓ କାଠଯୋଡ଼ି ନଦୀକୂଳରେ ଅସ୍ଥାୟୀ ରେଲ୍‌ବାଟ ପ୍ରସ୍ତୁତ ହେବାରୁ କଲିକତାଠାରୁ କଟକ ନଗରବାଟେ ମାନ୍ଦ୍ରାଜପର୍ଯ୍ୟନ୍ତ ରେଲ୍‌ବାଟ ଗତ ବୁଧବାରଠାରୁ ଫିଟିଅଛି ଏବଂ ଯାତ୍ରୀ ଓ ମାଲଗାଡ଼ିମାନ ଯାତାୟାତ କରୁଅଛି । କେବଳ ଖୋଲଘାଟ ଓ କଲିକତାମଧ୍ୟରେ ରେଲବାଟ ପ୍ରସ୍ତୁତ ହୋଇ ନ ଥିବାରୁ କେତେକ ବାଟରେ ଜାହାଜ ଚାଲୁଅଛି । ପୂର୍ବେ ରେଲଯାତ୍ରୀମାନେ କଲିକତାରେ ସକାଳ ଘ ୭ ଟା ବେଳେ ଜାହାଜରେ ଚଢ଼ୁଥିଲେ । ବର୍ତ୍ତମାନ ସକାଳ ଘ ୯ ଟା ବେଳେ କଲିକତାରୁ ଜାହାଜ ବାହାରି ଅପରାହ୍ଣ ଘ ୫॥ ଟା ବେଳେ ଖୋଲଘାଟରେ ଯାତ୍ରୀମାନଙ୍କୁ ପହଞ୍ଚାଇ ଦେଉଅଛି ଏବଂ ତହିଁର ଅଳ୍ପକ୍ଷଣରେ ସେଠାରୁ ରେଲଗାଡ଼ିମାନ ବାହାରି ଅରଦନ ମଧ୍ୟରାତ୍ରେ କଟକରେ ପହଞ୍ଚୁଅଛି ।

ଏ ବର୍ଷ ସାତଗ୍ରହର ଏକାଦଶ ଯୋଗ ଘଟିବାର ମହା ବିପଦର ଆଶଙ୍କା ଭାରତର ପ୍ରାୟ ସର୍ବତ୍ର ଅନେକ ଲୋକ କରିବାର ଶୁଣା ଯାଉଅଛି । ସେହି ବିପଦରୁ ରକ୍ଷା ପାଇବା ନିମନ୍ତେ ପଞ୍ଜାବବାସୀମାନେ ପ୍ରାୟ ଲକ୍ଷେ ଟଙ୍କା ବ୍ୟୟ କରି ଗୋଟିଏ ଶାନ୍ତି ଯଜ୍ଞ କରିଥିଲେ । ଯଜ୍ଞଟି ଉତ୍ତମରୂପେ ସମାଧା ହୋଇଅଛି ଏବଂ ଭରସା କରୁଅଛି ବାଞ୍ଛିତ ଫଳ ଲାଭ ହେବ । ଆମ୍ଭେମାନେ ଏ ପ୍ରଦେଶ ପ୍ରଚଳିତ ପଞ୍ଜିକାରେ ଦେଖିଲୁଁ ଯେ ଗତ ମାର୍ଗଶିର ମାସ ତା ୧୯ ରେ ଷଷ୍ଠଗ୍ରହ ଏକାଦଶସ୍ଥ ହେବେ । ସୁତରାଂ ସପ୍ତଗ୍ରହ ଏକାଦଶ ହେବାର ପ୍ରମାଣ ମିଳୁ ନାହିଁ ? ଫଳତଃ ସାତଗ୍ରହ ଏକାଦଶ ହେଲେ ଯେମନ୍ତ ଛ ଗ୍ରହ ଏକାଦଶ ହେଲେ ତେମନ୍ତ ଶୁଭମଙ୍ଗଳ ଘଟିବାର କଥନ ଅଛି । ଏଥିରୁ ବର୍ତ୍ତମାନ ଭାରତର କେତେ ସ୍ଥାନରେ ମହାମାରୀ ଓ ଦୁର୍ଭିକ୍ଷ ଏବଂ ଅଫ୍ରିକାରେ ଭୀଷଣ ଯୁଦ୍ଧ ଘଟିବାଦ୍ୱାରା ସେହି ଅମଙ୍ଗଳ ଫଳ ଭୋଗ ହୋଇଗଲା ବୋଲିଆଇ ପରେ ଏଣିକ ଲୋକମାନେ ଅସ୍ଥିର ହୋଇ ସ୍ୱଧର୍ମାନୁସାରେ କର୍ତ୍ତବ୍ୟ କର୍ମରେ ମନୋଯୋଗୀ ହେଉନ୍ତୁ ବିପଦଭଞ୍ଜନ ହରି ସମସ୍ତ ବିପଦ ଦୂର କରିବେ ।

ନାନା ପ୍ରଦେଶରୁ ଯେ ସମସ୍ତ କୁଲି ଅର୍ଥାତ୍ ମଜୁରୀ ସଂଗୃହୀତ ହୋଇ ଆସାମ ପ୍ରଦେଶକୁ ଚା କ୍ଷେତ ଇତ୍ୟାଦିରେ କାର୍ଯ୍ୟ କରିବା କାରଣ ପ୍ରେରିତ ହେଉଅଛନ୍ତି ସେମାନଙ୍କ ସମ୍ବନ୍ଧରେ ନୂତନ ଆଇନ ଜାରି କରିବା ନିମନ୍ତେ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ପ୍ରସ୍ତାବ କରିବାରୁ ବିଲାତର ସେକ୍ରେଟେରୀ ତାହା ମଞ୍ଜୁର କରିଅଛନ୍ତି । ପ୍ରସ୍ତାବିତ ଆଇନର ମୂଳ ବିଧାନ ଏହି କି ବିନା ଲାଇସେନ୍ସ ବା ଛାଡ଼ରେ କୌଣସି ବ୍ୟକ୍ତି କୁଲି ସଂଗ୍ରହ କରି ପାରିବ ନାହିଁ, ସଂଗୃହୀତ କୁଲିମାନେ ସବ ନିକଟ ନିରୂପିତ ଗୋଲାରେ ଏକତ୍ରେ ରହିବେ ଏବଂ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ନିକଟରେ ଉପସ୍ଥିତ ହୋଇ ସମ୍ମତି ପ୍ରଦାନ କରିବେ । ମୂର୍ଖ ଲୋକଙ୍କୁ ବଳପୂର୍ବକ ଧରି ନେବା ଅଥବା ନାନା ଲୋଭ ଦେଖାଇ ଫୁସଲାଇ ନେବାର ଅତ୍ୟାଚାର ନିବାରଣ ଅଭିପ୍ରାୟରେ ଏପରି ବିଧାନ ହୋଇଅଛି ଏବଂ ଆଇନର ଅନ୍ୟାନ୍ୟ ବିଧାନ ମଧ୍ୟ ଏପରି ହୋଇଅଛି ଯେ ତହିଁରେ ଭରସା କରୁଅଛୁ ଭବିଷ୍ୟତରେ କୁଲି ସୃଜନ ସଂଲଗ୍ନ ଅତ୍ୟାଚାର ନିବାରଣ ହେବ । ଏହି ଆଇନ ପ୍ରଥମେ ବଙ୍ଗଳ ଉତ୍ତରପଶ୍ଚିମ ଏବଂ ଆସାମରେ ଜାରି ହେବ ଏବଂ ଆବଶ୍ୟକ ହେଲେ ଅନ୍ୟାନ୍ୟ ସ୍ଥଳରେ ପ୍ରଚଳିତ ହୋଇ ପାରିବ ।

ବମ୍ବେଇ ଓ ମାନ୍ଦ୍ରାଜ ପ୍ରଦେଶମାନଙ୍କରେ, ମହୀଶୂର ଓ ହାଇଦ୍ରାବାଦ ରାଜ୍ୟମାନଙ୍କରେ, ମଧ୍ୟପ୍ରଦେଶର ନାଗପୁର ନଗରରେ, ପଞ୍ଜାବର ଫିରୋଜପୁର ଜିଲ୍ଲାରେ, ବିହାରର ସାରନ ଜିଲ୍ଲାରେ ଏବଂ କଲିକତା ନଗରରେ ପ୍ଲେଗ ରୋଗ ବର୍ତ୍ତମାନ ରହିଥିବାରୁ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଜଣାଇ ଦେଇଅଛନ୍ତି ଯେ ସବୁ ସ୍ଥାନରୁ ଏ ବର୍ଷ ବାହାରକ ମକ୍କା ମଦିନା ପ୍ରଭୃତି ହଜ ତୀର୍ଥକୁ ଯାତ୍ରା କରିବା କାରଣ କେବଳ ଚଟ୍ଟଗ୍ରାମ ବନ୍ଦର ଛଡ଼ା ଅନ୍ୟ କୌଣସି ସ୍ଥାନରୁ ଯିବାର ଅନୁମତି ଦିଆଯିବ ନାହିଁ । ଚଟ୍ଟଗ୍ରାମଠାରେ ଯାତ୍ରୀମାନେ ଜାହାଜରେ ଚଢ଼ିବା ପୂର୍ବେ ସରକାରୀ ଡାକ୍ତର ସେମାନଙ୍କୁ ଯେତେ ଦିନ ନିରୂପିତ ସ୍ଥାନରେ ଅଟକ ରଖିବେ ସେତେଦିନ ଅଟକ ରହିବେ ଏବଂ ଯିବାର ଅନୁମତି ପାଇଲେ ଜଣେ ସରକାରୀ ଲୋକ ସେମାନଙ୍କୁ ଜାହାଜରେ ବସାଇ ଆସିବ । ଭାରତରୁ ଯାତ୍ରା କରିବା ବେଳେ ଏତେ ଅସୁବିଧା ମାତ୍ର ସବୁଠାରେ ପହଞ୍ଚିବା ବେଳେ ତୁର୍କର ଗବର୍ଣ୍ଣମେଣ୍ଟ ପ୍ଲେଗ ନିବାରଣର ଅଭିପ୍ରାୟରେ ଯେ ସବୁ ନିୟମ କରିଅଛନ୍ତି ତହିଁରେ ଅଧିକତର କଷ୍ଟ ଭୋଗ କରିବାର ସମ୍ଭାବନା । ଏଥି ପାଇଁ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ସର୍ବସାଧାରଣଙ୍କୁ ସାବଧାନ କରି ଦେଇଅଛନ୍ତି କି ହଜ ତୀର୍ଥକୁ ଏ ବର୍ଷ ନ ଯିବା ସର୍ବାପେକ୍ଷା ଭଲ ଅଟେ ।

ଅବଶ୍ୟ ଯେଉଁମାନେ ଗତ ନାମଗ୍ରହୀର ଚାନ୍ଦା ଦେଇ ନାହାନ୍ତି ସେମାନଙ୍କର ସୁବିଧାର୍ଥେ ଆମ୍ଭମାନଙ୍କର ଏଜେଣ୍ଟ ସାହେବ ଆଗାମୀ

Digitized by srujanika@gmail.com

Split by PDF Splitter

ତା ୨୫ ରିଖପର୍ଯ୍ୟନ୍ତ ଟଙ୍କା ନଅଣିବାର ନୋଟିସ ଦେଇଅଛନ୍ତି । ବାକିଦାରମାନେ ପଥମର ଇତ୍ୟାଦି ସମସ୍ତପ୍ରକାର ସରକାରୀ ବାକି ପାଉଣା ସହିତ ରାଜସ୍ୱ ଦାଖଲ କଲେ ତାହା ଉକ୍ତ ତାରିଖମଧ୍ୟରେ ଗୃହୀତ ହେବ । ଭରସା କରୁଁ ଏ ସୁବିଧା ଜମିଦାରମାନେ ଛାଡ଼ିବେ ନାହିଁ । ଲାଟବନ୍ଦୀମଧ୍ୟରେ ରାଜସ୍ୱ ଦାଖଲ କରିବାପାଇଁ ଏତେ କଷ୍ଟକର ହୋଇଥିଲେସୁଦ୍ଧା ଅନେକ ଜମିଦାର ବାକିଦାର ହୋଇଅଛନ୍ତି ଏହା ଅବଶ୍ୟ ଦୁଃଖର ବିଷୟ । ନୂତନ ବନ୍ଦୋବସ୍ତରେ ଜମା ବେଶୀ ହୋଇଥିବାରୁ ଅନେକ ବାକିଦାର ହୋଇଅଛନ୍ତି । ଯେବେ ସେପରି ଘଟିଥାଏ ତେବେ ଜମିଦାରମାନଙ୍କର ଉପଯୁକ୍ତ ହେତୁ ଦେଖାଇ ତହିଁରୁ ରକ୍ଷାପାଇବାର ଚେଷ୍ଟା କରନ୍ତୁ । ବାକିଦାର ହେବା ଭଲ ନୁହେ । ଯାହାହେଉ କଲେକ୍ଟର ସାହେବ ପୂର୍ବରୁ ସତର୍କ କରି ପୁନର୍ବାର ତା ୨୫ ରିଖପର୍ଯ୍ୟନ୍ତ ମିଆଦ ଦେଇଅଛନ୍ତି ଏଥିରୁ ତାଙ୍କର ଦୟାଗୁଣର ପରିଚୟ ଦେଉଅଛି । ଅତଃପର କାହାର ଜମିଦାରୀ ବାକି ରାଜସ୍ୱହେତୁ ନିଲାମ ହେଲେ କଲେକ୍ଟର ସାହେବଙ୍କୁ ଆଉ ଦୋଷ ଦେବାର ବାଟ ନାହିଁ ।

ଛୁପସଞ୍ଚଳର ନରସିଂହନାମକ କନଷ୍ଟବଲର ମୋକଦ୍ଦମାର ବିବରଣ ପାଠକମାନେ ଗତ ସପ୍ତାହର ଦୀପିକାରେ ପଢ଼ିଥିବେ । ସେ ହତଭାଗ୍ୟ ବ୍ୟକ୍ତି ଅନେକ କଷ୍ଟ ସହି କେବଳ ଯେନାଲ ସାହେବଙ୍କ ପରି ସୁବିଚକ୍ଷଣ ଜଜସାହେବଙ୍କ ହେତୁ ଶେଷରେ ରକ୍ଷା ପାଇଲା । ଜଜ ଯେନାଲ ସାହେବ ବିଚାର ମନର ମର୍ଯ୍ୟାଦା ଯେମନ୍ତ ରକ୍ଷା କରିଅଛନ୍ତି ତହିଁପାଇଁ ସେ ସର୍ବସାଧାରଣଙ୍କର ଧନ୍ୟବାଦ ଏବଂ ଗବର୍ଣ୍ଣମେଣ୍ଟଙ୍କର ପ୍ରିୟପାତ୍ର ଅଟନ୍ତି ଏହା ବୋଲିବା ବାହୁଲ୍ୟ ଇଂରାଜ ଗବର୍ଣ୍ଣମେଣ୍ଟର ଶୁଦ୍ଧ ନ୍ୟାୟ ବିଚାର ଅସ୍ମଦ୍ଦେଶୀୟଙ୍କର ରାଜଭକ୍ତିର ପ୍ରଧାନ ଉତ୍ତେଜକ । ଜଜ ଯେନାଲ ମହୋଦୟ ଆପଣା ରାୟରେ ସ୍ପଷ୍ଟରୂପେ ଦେଖାଇଦେଲେ ଯେ ମୌଲବୀ ଜାକରହୋସେନ ଡେପୁଟି ମାଜିଷ୍ଟ୍ରେଟଙ୍କର ଧର୍ମ ଜ୍ଞାନ ବା ଈଶ୍ୱର ଭୟ ନାହିଁ ଓ ସେ ଆପଣା ଉପରସ୍ଥ ହାକିମଙ୍କର ମନ୍ଦ ବାଞ୍ଛା ଅଟନ୍ତି । ମାଜିଷ୍ଟ୍ରେଟ ଟ୍ରିଭେଲିଆନ ମଧ୍ୟ ଆପଣାର ଉଚ୍ଚପଦରେ କଳଙ୍କ ଲଗାଇଅଛନ୍ତି । ଜଜ ମହୋଦୟ ତାହାଙ୍କର ଅଧୀନସ୍ଥ କର୍ମଚାରୀଙ୍କର ଏପରି ଅପକାର୍ଯ୍ୟ ଦେଖି କର୍ତ୍ତବ୍ୟ ଅନୁରୋଧରେ ମୋକଦ୍ଦମାର ନଥିର ପ୍ରତିଲିପି ଗବର୍ଣ୍ଣମେଣ୍ଟଙ୍କ ନିକଟକୁ ପଠାଇଦେଲେ ଏଥିରୁ ଦୁଃଖର ସହିତ ସମ୍ବାଦପତ୍ରରେ ପାଠ କଲୁଁ କି ଗବର୍ଣ୍ଣମେଣ୍ଟ ଡେପୁଟି ମାଜିଷ୍ଟ୍ରେଟ ମାଜିଷ୍ଟ୍ରେଟ ଏବଂ ଅନ୍ୟ ଦୁଇ ହାକିମଙ୍କୁ ଛାଡ଼ିଦେଇ କେବଳ ଜଜଯେନାଲସାହେବଙ୍କୁ ନୁଆଖାଲିକୁ ବଦଳି କରି ଦେଇଅଛନ୍ତି ଯହିଁରୁ ଅସ୍ୱାସ୍ଥ୍ୟକର ଜିଲ୍ଲା ବଙ୍ଗାଳାମଧ୍ୟରେ ଆଉ ନାହିଁ । ଆମ୍ଭେମାନେ ଆଶା କରୁଁ ଏହି ବଦଳସଙ୍ଗେ ଏ ମୋକଦ୍ଦମାର ସମ୍ପର୍କ ନାହିଁ । ନଭୁବା ଯେ ନିରପେକ୍ଷଭାବରେ କାର୍ଯ୍ୟ କଲେ ତାହାଙ୍କର ଦଣ୍ଡ ଏବଂ ଯେଉଁମାନେ କର୍ତ୍ତବ୍ୟ କର୍ମରେ ତ୍ରୁଟିକଲେ ସେମାନେ ଅବ୍ୟାହତି ପାଇଲେ ବଙ୍ଗେଶ୍ୱର ସର ଇଲିଅଟ ବାହାଦୁରଙ୍କର ଶାସନରେ ଏମନ୍ତ ହେବା ଅସମ୍ଭବ ଓ ତାହା ହୋଇଥିଲେ ତହିଁରେ କି ଗୂଢ଼ ରହସ୍ୟ ଅଛି ତାହା ଶୀଘ୍ର ପ୍ରକାଶ ପାଇଲେ ଲୋକଙ୍କର ସନ୍ଦେହ ଦୂର ହେବ ।

ସଲାମ ନକରିବାର ଗ୍ରହଣକରିବା ସମ୍ବନ୍ଧରେ ଏକ ଦରଖାସ୍ତ ମାନନୀୟ ବଡ଼ଲାଟଙ୍କ ନିକଟରେ ହାଜର ହୋଇଅଛି । ଏକ ପ୍ରକୃତଘଟଣାଘେନି ଉକ୍ତ ଦରଖାସ୍ତ ଲିଖିତ ହୋଇ ଅଛି ।

ଦରଖାସ୍ତକାରୀ ଜଣେ ଦେଶୀ ଧର୍ମଯାଜକ । ତାଙ୍କର ନିବାସ ହରିପୁର । ସେ ଅବୋଟାବାଦସ୍ଥିତ ତାଙ୍କର ବନ୍ଧୁଗୃହକୁ ଆସିଥିଲେ । ଗତ ସେପ୍ଟେମ୍ବରମାସ ତା ୧୯ ରିଖ ଅପରାହ୍ଣ ଘ ୭ ଟା ସମୟରେ ଭ୍ରମଣାର୍ଥେ ବାହାରି ତତ୍ରସ୍ଥ କେଣ୍ଟୋନମେଣ୍ଟର ଗିର୍ଜା ସନ୍ନିକଟରେ ଯାଉଥିଲେ । ଏମନ୍ତ ସମୟରେ ସେଠା ଷ୍ଟେସନ ଷ୍ଟାଫ କର୍ମଚାରୀ ଲେଫ୍ଟେନେଣ୍ଟ ଷ୍ଟୁଅର୍ଟ ତାଙ୍କ ପାର୍ଶ୍ୱଦେଇ ଚାଲିଗଲେ ମାତ୍ର ଏହାଙ୍କୁ ଜାଣି ନ ଥିବାରୁ ସଲାମ କରିପାରି ନ ଥିଲେ । ସାହେବ ଗୋରଖା ସେଣ୍ଟ୍ରିକୁ ପଠାଇ ତାଙ୍କୁ ଧରି ନେଇ ଗଲେ । ତାଙ୍କ ନିକଟରେ ଉପସ୍ଥିତ ହେବାମାତ୍ରେକେ ସେ ଘୋଡ଼ାରୁ ଓହ୍ଲାଇ ଏହାଙ୍କୁ ଭୟାନକ ବେତ୍ରାଘାତ କଲେ କାରଣ ସେ ତାଙ୍କୁ ସଲାମ କରି ନ ଥିଲେ ଓ ତାଙ୍କର ଆଦେଶମତେ ସେ ସଲାମକରି ସେଠାରୁ ଅବ୍ୟାହତି ପାଇ ଆସିଥିଲେ ବେତ୍ରାଘାତ ପୀଡ଼ାରେ ଗୃହଦଳପର୍ଯ୍ୟନ୍ତ ତାଙ୍କୁ ଜ୍ୱର ହେଲା ତା ୧୫ ରିଖଦିବସ ପୋଲିସରେ ଏତଲା ଦିଆଗଲା ଓ ଏକ ଦରଖାସ୍ତ ଲେଖି ତହିଁ ପରଦିବସ ତାହା ମାଜିଷ୍ଟ୍ରେଟଙ୍କ ନିକଟରେ ଦାଖଲ ହେଲା । ମାଜିଷ୍ଟ୍ରେଟ ବେଷ୍ଟାତ୍ତ ପରୀକ୍ଷା କରି କମାଣ୍ଡିଂ ଅଫିସରଙ୍କ ନିକଟକୁ ପଠାଇଥିଲେ ସେ ଲେଫ୍ଟେନେଣ୍ଟ ଷ୍ଟୁଅର୍ଟଙ୍କ ନିକଟକୁ ଏକ ପତ୍ର ଲେଖି ତାଙ୍କ ନିକଟକୁ ପଠାଇବାରେ ଲେଫ୍ଟେନେଣ୍ଟ ତାଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିଥିଲେ ଓ ୨୫୦୯ ଟଙ୍କା କ୍ଷତିପୂରଣସ୍ୱରୂପ ଦେଇଥିଲେ । ଏହାଙ୍କର କୌଣସପ୍ରକାର ଆକ୍ରୋଶ ଅବା ଶତ୍ରୁତା ନ ଥିବାରୁ ସନ୍ତୁଷ୍ଟ ହୋଇଥିଲେ । ତଦନନ୍ତର ଦରଖାସ୍ତରୁ ଦସ୍ତବରଦାର ହୋଇଯିବାର ଦରଖାସ୍ତ ଦାଖଲ କରିଥିଲେ । ବର୍ତ୍ତମାନ ସେ ଉପରୋକ୍ତ ଘଟଣାଟି ବଡ଼ଲାଟଙ୍କ ନିକଟରେ ଜଣାଇ ପ୍ରାର୍ଥନା କରିଅଛନ୍ତି ଯେ ତାଙ୍କପରି ଶତ ଶତ ମୂର୍ଖ କେଣ୍ଟନମେଣ୍ଟ ବାଟେ ଗମନାଗମନ କରୁଅଛନ୍ତି ଓ ମୂର୍ଖତା ନିବନ୍ଧନ ଅନେକେ ସଲାମ କରନ୍ତି ନାହିଁ ଅତଏବ ଆଦେଶ ଦିଆଯାଉ ଯେ କୌଣସି ସାହେବ କୌଣସି ଲୋକଙ୍କୁ ସଲାମ ନ କରିବା ଦୋଷରେ ବେତ୍ରାଘାତ କରିବେ ନାହିଁ ଆମ୍ଭେମାନେ ଆଶା କରୁଁ ଦରଖାସ୍ତକାରୀର ପ୍ରାର୍ଥନା ଗ୍ରହଣକରିବା ପକ୍ଷରେ ବଡ଼ଲାଟ ବାହାଦୁର କୁଣ୍ଠିତ ହେବେ ନାହିଁ ।

ଏକ୍ସଇଜାତ ମହାଲ ।

ପୁରୀ ମହାରାଜାଙ୍କ ଏକ୍ସଇଜାତ ମହାଲର ନିଲାମ ଓ ଜମାବନ୍ଦି କାର୍ଯ୍ୟ ଶେଷ ହୋଇଅଛି । ଏକ୍ସଇଜାତ ଡାପଙ୍ଗ ଓ ଗମେଣ୍ଡର ଅଞ୍ଚଳରୁ ପ୍ରାୟ ୨୩ ହଜାର ଟଙ୍କା ଅସୁଲ ହେଉଥିଲା । ଜମାବନ୍ଦି ହାକିମ ଟଙ୍କାରେ ଟ ୦ ୵ ଲେଖାଏ ଚଢ଼ାଇ କରି ଏବଂ ତୋଳା ଅବାଦୀ ଉପରେ ଚୌହଦୀ ଜରିଣ ଅନୁସାରେ ଜମା ଧାର୍ଯ୍ୟ କରିବାରେ ୧୦ ହଜାର ଟଙ୍କା ବୃଦ୍ଧି ହୋଇ ମୋଟ ପ୍ରାୟ ୩୩ ହଜାର ହୋଇଅଛି । ସ୍ୱାହାଙ୍କ ଉତ୍ତାକାରେ ପ୍ରାୟ ୨୨ ହଜାର ଟଙ୍କା ଜମା ଧାର୍ଯ୍ୟ ଥିଲା । ତହିଁର ହାଲ ଜମା ୨୫ ହଜାରରୁ କିଛି ଊର୍ଦ୍ଧ୍ୱ ହୋଇଅଛି । ଏପରି ଏକ୍ସଇଜାତର ଡାଲଯୋଡ଼ା ଓ ଲଙ୍କାପଦାରେ ଯେସବୁ ମୌଜା ଅଛି ତହିଁର ଜମା ନିଶି ପ୍ରାୟ ୭୦ ସହସ୍ର ଟଙ୍କା ବାର୍ଷିକ ଅସୁଲ ହେବ । ଏଥିରେ ଜଗନ୍ନାଥଙ୍କ ସେବା ପୂଜାକାର୍ଯ୍ୟ ସୁଶୃଙ୍ଖଳରୂପେ ଚଳିବାର ଆଶା କରାଯାଉଅଛି । ଇଂରେଜ ମାନେଜର କର୍ମ ତ୍ୟାଗ କରି ଚାଲିଗଲେ । ପୂର୍ବରେ କମିଶନ ସାହେବଙ୍କ ସହିତ ମହାରାଜାଙ୍କର ସାକ୍ଷାତ ହୋଇଥିଲା । ସାହେବ ମହୋଦୟ ରାଜାଙ୍କ ସହିତ

Digitized by srujanika@gmail.com

Split by PDF Splitter

କଥୋପକଥନ କରି ଅନନ୍ଦିତ ହେଲେ ଏବଂ ଭିନ୍ନ ଧର୍ମୀ ଲୋକଙ୍କୁ ଦେଉଳର ମାଲେଛର କରିବାକୁ ନିଷେଧ କଲେ । ମହାରାଜା ସାହେବଙ୍କ ସଙ୍ଗେ ଦେଖା କରି ଆନନ୍ଦମନରେ ଫେରିବା ପାଇଁ ବଡ଼ 'ଦେଉଳରେ କେତେକ ମଙ୍ଗଳସୂଚକ ସ୍ୱସ୍ତ୍ୟୟନାଦି କାର୍ଯ୍ୟର ଅନୁଷ୍ଠାନ କରାଇଥିଲେ ।

ପାରଲୁଦରେ ଦୁର୍ଭିକ୍ଷ ।

ଜଣେ ବନ୍ଧୁଙ୍କ ପତ୍ରରୁ ଅବଗତ ହେଲୁ ଯେ ପାରଲୁଦରେ ଦିନକୁ ଦିନ ଅନ୍ନକଷ୍ଟ ବୃଦ୍ଧି ହେଉଅଛି । କେତେଲୋକ ଆପଣା ପ୍ରଭୃତି ଦେଶକୁ ଭୁଲି ହୋଇ ବାହାରିଯାଉଅଛନ୍ତି ଏବଂ କେତେ ଲୋକ ଭିକ୍ଷା ମାଗି ବୁଲୁଅଛନ୍ତି । ପାରଲୁଦର ରାଜା ବାହାଦୁର ଲୋକଙ୍କର କଷ୍ଟ ଦେଖି ଗତ ଆଶ୍ୱିନମାସରୁ ସାହାଯ୍ୟ କାର୍ଯ୍ୟ ଆରମ୍ଭ କରି ପ୍ରତିଦିନ ୬୦ ଶତଲୋକଙ୍କୁ ଖଟାଉଅଛନ୍ତି ଏବଂ ନଗରସ୍ଥ ଗରିବ ଭଦ୍ର ପରିବାରମାନଙ୍କୁ ଦଣ୍ଡ ଦାନ ଦେଇ ପ୍ରାଣରକ୍ଷା କରୁଅଛନ୍ତି । ଦୁଃସମୟରେ ପ୍ରଜାପାଳନ ବିଷୟରେ ରାଜା ବାହାଦୁରଙ୍କ ବଦାନ୍ୟତା ଓ ସହାନୁଭୂତି ଜଗଦ୍ବିଖ୍ୟାତ ଏବଂ ଏହିପାଇଁ ଏହା ସେ ଗବର୍ଣ୍ଣମେଣ୍ଟଙ୍କଦ୍ୱାରା ସମ୍ମାନିତ ହୋଇଅଛନ୍ତି । ତେତେବେଳେ ରାଜାଙ୍କର ଅର୍ଥ ବଳ ଥିବାରୁ ସରକାରଙ୍କର ସାହାଯ୍ୟର ଅପେକ୍ଷା ନ ରଖି ଅପେ ଆପଣା ପ୍ରଜାବୃନ୍ଦଙ୍କୁ ଅସମୟରେ ରକ୍ଷା କରୁଥିଲେ । ମାତ୍ର ଏତେବେଳେ ତାହା ନାହିଁ । ଲବଣ ଗୋଲ୍ଲାନ ନିଷେଧାଜ୍ଞା ସବୁ ବନ୍ଦ କରି ଦେଇଅଛି । ଲୁଣ ଗୋଲ୍ଲାନ ହେଉଥିଲେ ପ୍ରଜାମାନେ ଜୀବିକା ନିର୍ବାହ କରନ୍ତେ ସନ୍ଦ ଅକ୍ଷମ ହୁଅନ୍ତେ ନାହିଁ ଏବଂ ରାଜା ଅଧିକା ଅର୍ଥ ବ୍ୟୟ କରିବାକୁ ସମର୍ଥ ହୁଅନ୍ତେ । ଲବଣ ଗୋଲ୍ଲାନ ବନ୍ଦ ହେବାରୁ ସୃଷ୍ଟିର ସୁବିଧା ନିମନ୍ତେ ଚିଲିକାନିକଟରେ ବନ୍ଧମାନ ପ୍ରସ୍ତୁତ କରିବାରେ ଅନେକ ଟଙ୍କା ବ୍ୟୟ କରି ରାଜା ଋଣଗ୍ରସ୍ତ ହୋଇଅଛନ୍ତି । ସୁତରାଂ ଅଧିକ ପରିମାଣରେ ସାହାଯ୍ୟ କାହୁଁ କରିବେ ? ରାଜା ବାହାଦୁର ଉପସ୍ଥିତ ଦୁର୍ଭିକ୍ଷର ସମ୍ବାଦ ପ୍ର[illegible] ହାକିମମାନଙ୍କୁ ଜଣାଇବାରେ ସରକାର କର୍ମଚାରୀମାନେ ଏକପରେ ଏକ ସ୍ଥାନରୁ ଅନୁସନ୍ଧାନ କରି ଆସିଅଛନ୍ତି ଏବଂ ଶୁଣାଯାଉଅଛି ଯେ ସରକାର ପକ୍ଷରୁ ସାହାଯ୍ୟ ଦାନ ଆରମ୍ଭ ହୋଇଅଛି । ସରକାରଙ୍କର ସାହାଯ୍ୟରେ ପ୍ରଜାମାନେ ଉପସ୍ଥିତ ଦୁଃଖରୁ ନିସ୍ତାର ପାଇବେ ସନ୍ଦେହ ନାହିଁ । ମାତ୍ର ଲବଣ ଗୋଲ୍ଲାନର ବ୍ୟବସ୍ଥା ନ ହେଲେ ପାରଲୁଦ ପ୍ରଜାଙ୍କର ଅବସ୍ଥା ଭଲ ହେବ ନାହିଁ ଏବଂ ସାମାନ୍ୟ ମଡ଼କ ସେମାନଙ୍କୁ ବିସ୍ତର ବାଧିବ ।

ଏ ପ୍ରବନ୍ଧ ଲେଖା ହେଲା ଉତ୍ତାରୁ କଲିକତା ଗଜେଟରେ ପାଠ କଲୁ ଯେ ସାହାଡ଼ା ଓ ମାଲୁଦ ଛଡ଼ା ପୂର୍ବୋକ୍ତ ଥାନର ଅନ୍ୟ ଯେ ସବୁ ସ୍ଥାନର ପରୀକ୍ଷା ସ୍ୱରୂପ ସାହାଯ୍ୟ କାର୍ଯ୍ୟ ଖୋଲି ଥିଲା ତାହା ଉଚ୍ଛିନ୍ନ ହୋଇଗଲା ।

ବଙ୍ଗଳାର ସ୍ୱାସ୍ଥ୍ୟ ।

ବଙ୍ଗପ୍ରଦେଶର ଜନ୍ମ ଓ ମୃତ୍ୟୁ ସନ ୧୮୯୮ ଓ ତହିଁ ପୂର୍ବ ବର୍ଷରେ ନିମ୍ନ ଲିଖିତମତେ ଥିଲା । ଯଥା—

	ଜନ୍ମ	ମୃତ୍ୟୁ
ସନ ୧୮୯୭	୨୨,୨୫,୮୪୪	୨୦,୪୪,୯୦୨
ସନ ୧୮୯୮	୨୫,୪୩,୭୦୪	୧୮,୮୮,୪୬୮

ଲୋକସଂଖ୍ୟା ଅନୁପାତରେ ସନ ୧୮୯୮ ସାଲର ଜନ୍ମ ଶତକଡ଼ା ୩୬.୭୯ ତହିଁ ପୂର୍ବ ବର୍ଷ ଶତକଡ଼ା ୩୬.୯୪ ଏବଂ ପୂର୍ବ ପାଞ୍ଚବର୍ଷର ହରତରରେ ବାର୍ଷିକ ଶତକଡ଼ା ୩୫.୬୮ ଥିଲା । ସ୍ୱାସ୍ଥ୍ୟ କମିସନର କହନ୍ତି ସନ ୧୮୯୭ ସାଲର ଦୁର୍ଭିକ୍ଷରେ ଲୋକଙ୍କର ତେଜ ହାନି ହେବାରୁ ତହିଁ ଆର ବର୍ଷ ଅର୍ଥାତ୍ ଗତ ସାଲର ଜନ୍ମ ଊଣା ପଡ଼ିଅଛି । ମାତ୍ର ଯେ ସବୁ ଜିଲାରେ ଦୁର୍ଭିକ୍ଷର କୋପ ଅଧିକ ଥିଲା ସେପରି କେତେକ ଜିଲାରେ ଜନ୍ମର ଶତକଡ଼ା ଊଣା ନ ହୋଇ ବରଂ କିଛି ଅଧିକ ହୋଇଥିବାରୁ ଗବର୍ଣ୍ଣମେଣ୍ଟ ସେହି କୈଫିୟତରେ ସନ୍ତୁଷ୍ଟ ନ ହୋଇ ପ୍ରକୃତ କାରଣ ଅନୁସନ୍ଧାନ କରିବାକୁ କହୁଅଛନ୍ତି । ଗତ ଦଶ ବର୍ଷର ହାରାହାରି ମୃତ୍ୟୁ ଶତକଡ଼ା ୨୮.୨୭ ଥିବା ସ୍ଥଳେ ସନ ୧୮୯୮ ସାଲରେ ଶତକଡ଼ା ୨୬.୫୭ ଏବଂ ତହିଁ ପୂର୍ବ ବର୍ଷ ୩୨.୯୪ ଥିଲା । ସୁଭିକ୍ଷ ଏବଂ ସୁପବନ ଗତ ବର୍ଷର ଅଳ୍ପ ମୃତ୍ୟୁର କାରଣ ବୋଲି ଜଣା ଯାଉଅଛି । ମୋଟ ମୃତ୍ୟୁର ପ୍ରାୟ ଏକ ଚତୁର୍ଥାଂଶ ଏକବର୍ଷ ବୟସ ମଧ୍ୟରେ ଘଟିଲା । ଅପରିପକ୍ୱ ବୟସରେ ପ୍ରସବ କରିବା ଏହାର କାରଣ ଅଟେ । ଉକ୍ତରୂପ ଜନ୍ମ ମୃତ୍ୟୁର ତାଲିକା ଶୁଦ୍ଧରୂପେ ପ୍ରସ୍ତୁତ ନ ହେବା ପର୍ଯ୍ୟନ୍ତ କୌଣସି ଠିକ୍ ସିଦ୍ଧାନ୍ତ ହେବା କଠିନ । ଜନ୍ମ ଓ ମୃତ୍ୟୁର ସମ୍ବାଦ ନ ଦେବା ଦୋଷରେ ନ ୧୯୫୩୫ ଣ ଦଣ୍ଡିତ ହୋଇଥିଲେ ଏବଂ ନ ୩୬୨ ଣଙ୍କୁ ତାଗିଦ କରି ଛାଡ଼ି ଦିଆ ଯାଇଥିଲା । ଜମାଦାର ଭଲ ଦୃଷ୍ଟି ରଖୁଥିଲେ ଶୁଦ୍ଧ ତାଲିକା ପ୍ରାପ୍ତ ହୋଇ ପାରିବ ବୋଲି ଗବର୍ଣ୍ଣମେଣ୍ଟ ଆଶା କରନ୍ତି । ଯାହା ହେଉ ବର୍ତ୍ତମାନ ବର୍ଷଟି ସ୍ୱାସ୍ଥ୍ୟକର ଥିଲା । ଜ୍ୱର ଏବଂ ଓଲାଉଠା ମୃତ୍ୟୁର ପ୍ରଧାନ କାରଣ ଅଟେ । ମାତ୍ର ପୂର୍ବବର୍ଷଠାରୁ ଜ୍ୱରର ମୃତ୍ୟୁ କିଛି ଊଣା ଏବଂ ଓଲାଉଠାର ମୃତ୍ୟୁ ବିଶେଷ ଊଣା ଥିଲା । ବୃଷ୍ଟିଜଳର ବାର୍ଷିକ ପରିମାଣ ସଙ୍ଗେ ଏହି ଦୁଇରୋଗର ବିଶେଷ ସମ୍ବନ୍ଧ ଥିବାର କଥିତ ହୁଏ, ମାତ୍ର ତାଲିକାଦ୍ୱାରା ପ୍ରମାଣ ହେଉ ନାହିଁ । ଏଣିକି ପ୍ରତିଜିଲାର ଏହିପରି ବାର୍ଷିକ ଇତିହାସ ଲେଖି ରଖିବାର ପ୍ରସ୍ତାବ ହେଉଅଛି । ତାହାହେଲେ ବିଶେଷ ବୃତ୍ତାନ୍ତ ଜଣାପଡ଼ିବାର ଆଶା ଅଛି । ଅନ୍ୟାନ୍ୟ ରୋଗର ପ୍ରଭୁ ମଧ୍ୟ ଏବର୍ଷ ଊଣା ଥିଲା । ଅନ୍ୟାନ୍ୟ କେତେକ ସ୍ଥାନପରି ଖୋରଧା ଅନ୍ତର୍ଗତ ଜଟଣି ରେଲଷ୍ଟେସନ ସେଠାରେ ପ୍ଲେଗ ପରୀକ୍ଷାର ଘାଟିଏ ସ୍ଥାନ ନିରୂପିତ ହୋଇଥିଲା । ବିଗତବର୍ଷରେ ନ ୧,୧୦,୦୮୩ଣ ପରୀକ୍ଷିତ ଏବଂ ନ ୩,୪୭୮ଣ ଅଟକ ହୋଇଥିଲେ । ଅଟକରେ ଥିବାବେଳେ କେବଳ ବସନ୍ତରୋଗରେ ଏକଜଣର ମୃତ୍ୟୁ ହୋଇଥିଲା ।

ଟ୍ରାନ୍ସଭାଲଯୁଦ୍ଧ ।

ତା ୨ ରିଖ ତାରସମ୍ବାଦ ଲେଡିସ୍ମିଥର ପଶ୍ଚିମପାର୍ଶ୍ୱରେ ହେଉଥିବା ଯୁଦ୍ଧ ବିଷୟରେ ବୁଅର ପକ୍ଷରୁ ଧଳା ପତାକା ଦର୍ଶିତ ହୁଅନ୍ତେ ବ୍ରିଟିଶ୍ ସୈନ୍ୟ ସେମାନଙ୍କ ବଶତା ଗ୍ରହଣାର୍ଥେ ଅଗ୍ରସର ହେବାରୁ ଶତ୍ରୁପକ୍ଷ ସେମାନଙ୍କ ପ୍ରତି ଗୋଳି ବର୍ଷଣ କଲେ ଏହି ବିଶ୍ୱାସଘାତକତା ହେତୁରୁ ବ୍ରିଟିଶ ସୈନ୍ୟ ପଦାତିକ ଓ ଅଶ୍ୱାରୋହୀ ସୁଗାନ୍ଧ ହୋଇ ଶତ୍ରୁପକ୍ଷର ଅନେକଙ୍କୁ ହତ କଲେ ଓ ଅନେକଙ୍କୁ ବନ୍ଦୀ କରି ଘେନି ଆସିଲେ ଏଥି ଉତ୍ତାରେ ଲେଡିସ୍ମିଥର ଦକ୍ଷିଣ ଭାଗରେ ଯୁଦ୍ଧ ହେଲା । ସେଥିରେ ବୁଅରମାନେ ନୂତନ କପାର ସମତଳ ଭୂମିରୁ ତାଡ଼ିତ ହୋଇଥିଲେ । ବୁଅର ପକ୍ଷରୁ ଅନେକ ହତ ହୋଇଥିଲେ । ଏ ଯୁଦ୍ଧରେ ଜନରେଲ ହ୍ୟୁଠଚୁ. ଓ ନେଟାଲସ୍ଥ ଭଲ୍ମାନେ ଖୁବ୍ ସହିତ ଯୋଗ ଦେଇଥିଲେ । ଶତ୍ରୁମାନେ କଲେଞ୍ଜୋକୁ ବିତାଡ଼ିତ ହେଲେ । ଭନ୍ଦ୍ରବର୍ଗଠାରେ ମଧ୍ୟ ଯୁଦ୍ଧ ଲାଗିଥିଲା । ଏ ଯୁଦ୍ଧରେ ଲୁଡଲ୍ ବିର୍ଣ୍ଣ ସେନାପତି ହୋଇଥିଲେ । ଶତ୍ରୁସେନାମାନେ ଅନେକଦୂର ପଶ୍ଚାଦ୍ପଦ ହୋଇଥିଲେ ଓ ସେମାନଙ୍କର ଗୋଟିଏ ତୋପ ଅବ୍ୟବହାର୍ଯ୍ୟ ହୋଇଥିଲା ।

Digitized by srujanika@gmail.com

ଡମ୍ବର୍ଲିଠାରୁ ସମ୍ବାଦ ଆସିଅଛି ଯେ ମେଫି-ରେ ପ୍ରତ୍ୟହ ଯୁଦ୍ଧ ଲାଗିଅଛି । ବ୍ରିଟିଶ ସୈନ୍ୟ-ମାନେ ଉତ୍ତମ କାର୍ଯ୍ୟ କରୁଅଛନ୍ତି କୌଣସି କ୍ଷ-ତିର ସମ୍ବାଦ ନାହିଁ । ଏକଦଳ ମଧ୍ୟ ଅନେକଗୁଡ଼ିଏ ଶତ୍ରୁର ଓ ଘୋଡ଼ା ଧରିଆଣିଥିଲେ ।

ତା ୮ ରଖ ତାର ସମ୍ବାଦ ।— ସେନାପତି ଫେଞ୍ଚ ଅଶ୍ୱାରୋହୀ ସୈନ୍ୟମାନଙ୍କ ସୈନ୍ୟାଧ୍ୟକ୍ଷ ହୋଇ କେପ ଟାଉନ ଗମନ କରୁଅଛନ୍ତି । ବୁଅରମାନେ ଜୁଲୁଲଣ୍ଡକୁ ଲୁଟ କରୁଅଛନ୍ତି । ଜର୍ମାନ ସମ୍ରାଟ ତାଙ୍କର ସମସ୍ତ ଜର୍ମାନ କର୍ମ-ଚାରୀମାନଙ୍କୁ ଟ୍ରାନ୍ସଭାଲକୁ ଯିବାକୁ ନିଷେଧାଜ୍ଞା ପ୍ରଚାର କରୁଅଛନ୍ତି ।

ତା ୯ ରଖର ତାର ସମ୍ବାଦ ।— ମେଫିଙ୍କ ଯୁଦ୍ଧରେ ବୁଅରମାନେ ଛତ୍ରଭଙ୍ଗ ହୋଇ ପଳା-ୟନ କରିଥିଲେ । ଲେଡିସ୍ମିଥ ଯୁଦ୍ଧରେ ବ୍ରିଟିଶ ସୈନ୍ୟଙ୍କ ଜୟ ।

ତା ୧୦ ରଖ ତାର ସମ୍ବାଦ ।— ବୁଅରମାନେ କଲେନ୍‌ସୋରେ ପଶୁଣିବାର ଦେଖା ଯାଉଅଛି । ଜେନେରଲ ବୁଲର ତାର ଖବର ଦେଇଅଛନ୍ତି ଯେ ବୁଅରମାନେ ତା ୩ ରଖ ଶେଷ ପର୍ଯ୍ୟନ୍ତ ଲେଡିସ୍ମିଥରେ ତୋପ ଛାଡ଼ୁଥିଲେ । ତା ୪ ରଖ ଓ ତା ୫ ରଖରେ ବନ୍ଦ ଥିଲା । ବୁଅରମାନେ ଇଂରାଜପକ୍ଷର ନ ୯୯ ଜଣ ଆହତ କରି ଡର୍ବାନକୁ ପଠାଇଅଛନ୍ତି । ସେମାନେ ଭଲ ଅଛନ୍ତି ।

ପ୍ରିଟୋରିଆରୁ ସମ୍ବାଦ ଆସିଅଛି ଯେ ପ୍ରେସି-ଡେଣ୍ଟ କ୍ରୁଗର ସୁସ୍ଥାବସ୍ଥାରେ ଅଛନ୍ତି ଓ ଏହି-ସବୁ ଘଟଣାରେ କଣ୍ଟକାଦ ବ୍ୟସ୍ତ ହୋଇ ନାହାନ୍ତି ।

କୁଲୁଙ୍ଗଆଠାରୁ ସରକାରୀ ସମ୍ବାଦ ଆସିଅଛି ଯେ କପ୍ତାନ ଗ୍ରେଞ୍ଜଲେର ଅଧୀନସ୍ଥ ଏକଦଳକୁ ବୁଅରମାନେ ଆକ୍ରମଣ କରିଥିଲେ । ନ ୨ ଜଣ ସିପାହୀ ଡଙ୍କାରେ ମିଳୁ ନାହାନ୍ତି ।

ବୁଅରମାନେ ପୁଣି ବିଶ୍ୱାସଘାତକତାର କାର୍ଯ୍ୟ କରୁଅଛନ୍ତି । ଶ୍ୱେତ ପତାକା ଦେଖାଇ ଟ୍ରେଞ୍ଚ-ଲରୁ କେତେକ ବ୍ରିଟିଶଗଣମାନଙ୍କୁ ଯେଉଁ ପଠାଇ ସେମାନଙ୍କ ଉପରେ ଗୋଲାବୃଷ୍ଟି କରି-ଥିଲେ ।

ସାପ୍ତାହିକ ସମ୍ବାଦ ।

... ନଗରର ବାଦସାହୀ ଗଡ଼ ଦାବ ଏବଂ ତହିଁ ପୂର୍ବ ଦକ୍ଷିଣ ...ର ପିଠାସାନ । ସଶ୍ଚାନଙ୍କରେ ହୋଇଥିବ ସାକ୍ଷୀ ଅନେକ ହୋଇଥିଲେ ।

ଅସ୍ମମାନଙ୍କ କମିଶନରସାହେବ ଗତ ସୋମବାର ଉତ୍ତ-ରାତ ଉତ୍ତରେ ଏ ନଗରରୁ ପ୍ରସ୍ଥାନ କଲେ । ପ୍ରାୟ ୫୨୦ ଦିନରେ ଫେରିଆସିବେ ।

ଏଠା କଲେକ୍ଟର ବଡ଼ ଜଙ୍ଗଲରେ ଶିକାରକୁ ଯାଇ ଅଛନ୍ତି । ଅଦ୍ୟାପି ଜଣା ନାହିଁ ।

ଏ ନଗର ମାଣିକ ଘୋଷ ବଜାର ଭଣ୍ଡାରସାହିରେ କଙ୍ଗଲମାନଙ୍କର ବାଳସ୍ୱାଦ କାର୍ଯ୍ୟ ବିଭୂତି । ସମାବେଶ ହୁରେ ହୋଇଥିଲା । ସଞ୍ଜୁଡ଼ି ଏକଗଛର ସ୍ୱାସ୍ଥ୍ୟ ଭଲ ବୋଲି କାହୁ ହେବ କୌଣସି ରୋଗର ବିଶେଷ ପ୍ରାଦୁର୍ଭାବ ନାହିଁ ।

କଟକ ଟ୍ରେନିଂ ସ୍କୁଲର ମାଷ୍ଟର ବାବୁ ମଧୁସୂଦନ ଦାସଙ୍କ ବସାରୁ ନଗଦ ଟ ୫୦ ଟା କେତେକ କାଗଜ ଓ ଲୁଗାପଟା ଅନ୍ଦାଜ ଟ ୧୫୦ ଟଙ୍କାର ମାଲ ଚୋରି ଯାଇଅଛି ।

କେନ୍ଦ୍ରାପଡ଼ାର ଯେଉଁ ମୁସଲମାନମାନେ ସ୍ୱଗ୍ରାମ ହୋଇ-ଥିଲେ ତାଙ୍କ ମଧ୍ୟରୁ ନ ୨ ଜଣ ବୃଦ୍ଧ ମାସ ଲେଖାଏ ମିଶ୍ରିତ ପାଇଅଛନ୍ତି । ମିଶ୍ରିତ ହୁକୁମ ଶୁଣିବା ମାତ୍ରେ ତାଙ୍କର ସ୍ତ୍ରୀ ଓ ପିଲାମାନେ ମୁଣ୍ଡ ବାଡେଇ ବାଳ ଛିଣ୍ଡାଇ ଉଚ୍ଚାଗଣ୍ଡ ହୋଇ କଲେକ୍ଟରଙ୍କୁ ଅନେକ ଧନ୍ୟବାଦ ଦେଲେ ।

ଗୋଟିଏ ପଞ୍ଜାବୀ ମୁସଲମାନ ବାଙ୍କା ବଜାରରେ ଗୋଟିଏ ବାରଣ୍ଡାରେ ସନ୍ଧ୍ୟାରେ ଶୋଇଥିଲା । ତାହାର ମୁଣ୍ଡଟିକୁ କାଟି ନେଇଗଲା । ଅପରୂପ ପଞ୍ଜାବୀ ଜଣ ଅଟକରେ ଅନେକ ହତ୍ୟାକାଣ୍ଡ କରି କରାଣ ଦେଲା ।

ଦର୍ଜିର ବନ୍ଦୋବସ୍ତ କାର୍ଯ୍ୟ ଜମିରୁ କେତେକ ଅଂଶ ମଞ୍ଜୁରୀପ୍ରାପ୍ତ ହୋଇଅଛି ।

କଂଶୀଧର ମିଶ୍ରର ବୟସ ୮୦ ବର୍ଷ ହେବ । ଘର ଖୋରଧା ଗୁରୁଜଙ୍ଗ ଗ୍ରାମରେ । ସେ ଦିନେ ଗ୍ରାମାନ୍ତର ଏକ ଗଉଡ଼ଘରକୁ ହୋମ କରିବା ନିମିତ୍ତ ଯାଇ ରାତ୍ରରେ ସେ ଘରର ଗୋଟିଏ ଖଞ୍ଜାଘରେ ଶୋଇଥିଲା । ସେଠାରେ ସର୍ପା-ଘାତ ହେଲା । ସେ ପ୍ରଥମ ଗୋଟି ହାତରେ କାମୁଡ଼ି ଦେଲେ କ୍ୟାବୁଜ ହୋଇ ଘରୁ ଫିଙ୍ଗାଇବାକୁ ଚେଷ୍ଟା କଲା । ମାତ୍ର ତାହାର ପଶୁଙ୍କୁ ଜୀବ ଜଡ଼ିତ ଲାଗି ଥିବାରୁ କାହାରକୁ ଅତି ନ ପଡ଼ି ମରିଗଲା । କଂଶୀଧର ବଦଳରେ ତାହାର ନ ୭ ଓ ବୟସ୍କା ସ୍ତ୍ରୀ ବିଧବା ହୋଇଅଛି । ଅହୋ କି ଦୁର୍ଦ୍ଦୈବ ।

ମାଜପୁର ଗ୍ରାମରେ ଗୋଟିଏ ଜଳଦେବୀ ମୋହନମ୍ମା ଉପାଉଣ ହୋଇଅଛି ।

ଗୁରୁଜଙ୍ଗ ଗ୍ରାମରେ ଗୋଟିଏ ଗାଈଗୁଣୀ ପୁଷ୍କ ବୋଧରେ ଅନେକମାନ କଦ କୂଅରେ ପଡ଼ି ମରୁଅଛି ।

ଖୋରଧା ଅବକାରୀ ସବ ଇନ୍‌ସ୍ପେକ୍ଟର ଶିବଭଦ୍ର ପଟ୍ଟ-ନାୟକ ଅର୍ଥାତ୍ ଗେଟଠାରୁ ଟଙ୍କା କରଜ ନେଇଥିବା ଦୋଷରେ ଦଣ୍ଡିତ ହୋଇ ବାଲେଶ୍ୱରକୁ ବଦଳି ହୋଇଅଛନ୍ତି ।

ତତ୍ପାରୁ ପଟେଶ୍ୱର ଜଙ୍ଗଲ ଅଗ୍ନି ଲଗାଇ କରିଥିବ, ଉପକ୍ଷରେ ସନ୍ଦେହ ହୋଇଅଛନ୍ତି ।

ଖୋରଧା ଡେପୁଟି ଜଣେ ଅନରାରି ମାଜିଷ୍ଟ୍ରେଟ ପଣ୍ଡିତ ଲାଲବିହାରୀ ମହାପାତ୍ର କୁରେଶ୍ୱରରେ ପରଲୋକ ଗମନ କରି-ଅଛନ୍ତି । ବୟସ ବର୍ଷ ୫୪ ହୋଇଥିଲା । ମହାପାତ୍ରେ ଗୁଣୀ-ମନୁଷ୍ୟ । ଅନେକେ ତାହାଙ୍କୁ ମୁରବୀସ୍ୱରୂପ ମାନୁଥିଲେ ।

ସନ ୧୮୯୮ ମସିହା ସେପ୍ଟେମ୍ବରମାସ ତା ୧ ରଖଠାରୁ ଗତ ଅକ୍ଟୋବରମାସ ମଧ୍ୟଭାଗପର୍ଯ୍ୟନ୍ତ ବୋମ୍ବାଇଠାରେ ସର୍ବ-ମୋଟ ନ ୩୮୦୦୦ ଜଣ ଲୋକେ ମହାମାରୀ ଟୀକା ନେଇ ଥିଲେ । ସନ ୧୮୯୭ ମସିହା ଆରମ୍ଭରୁ ଏପର୍ଯ୍ୟନ୍ତ ନ ୫୨୦୦୦ ଜଣ ଲୋକେ ଟୀକା ନେଇଅଛନ୍ତି ।

ଅଫ୍ରିକାଯାତ୍ରାର ଯୁଦ୍ଧହେତୁ ଅନେକ ଶତର ଏ ଦେଶରୁ ପଠାଯାଉଥିବାରୁ ପାରସ୍ୟ ଏବଂ ଆରବଦେଶରୁ ଭାରତ ଗବର୍ଣ୍ଣମେଣ୍ଟ ଦୁଇହଜାରରୁ ଅଧିକ ଶତର କିଣିବାର ବନ୍ଦୋବସ୍ତ କରୁଅଛନ୍ତି ।

ଆସାମର ଖୋକାଙ୍ଗରଠାରେ ଗତମାସ ତା ୭ ରଖ ଅପରାହ୍ନକାଳରେ ଭୂମିକମ୍ପ ଅନୁଭୂତ ହୋଇଥିବାର ସମ୍ବାଦ ମିଳିଛି । ଏଥିର ଗତି ଉତ୍ତରରୁ ଦକ୍ଷିଣକୁ ଥିଲା । ତେଜପୁରଠାରେ ମଧ୍ୟ ତହିଁର ଏକଘଣ୍ଟାପରେ ଭୂମିକମ୍ପ ହୋଇଥିଲା ଏବଂ ପ୍ରାୟ ଏକମିନିଟକାଳ ସ୍ଥାୟୀ ହୋଇଥିଲା । ଏଥିସଙ୍ଗେ ଭୂଗର୍ଜ୍ଜନ ମଧ୍ୟ ଥିଲା ।

ଜଳଗାଁଠାରେ ରମଜାନ ଯାତ୍ରା ଉପଲକ୍ଷରେ ଗତ ମାସ ତା ୩ ରଖରେ ନ ୩୦୦୦୦ ଜଣ ଲୋକଙ୍କୁ ମିଷ୍ଟ ଖାଦ୍ୟ ଦିଆଯାଇଥିଲା । ଏହିସ୍ଥାନରେ ଦୁର୍ଭିକ୍ଷ ସାହାଯ୍ୟରେ ନ ୨୦୦୦୦ ଜଣ ଲୋକେ ପ୍ରତିପାଳିତ ହେଉଅଛନ୍ତି । ବ୍ୟବସାୟୀମାନେ ଉକ୍ତ ଲୋକଙ୍କ ବ୍ୟୟ ଭାର ସୁଦ୍ଧା ବହନ କରୁଥିଲେ ।

ଦକ୍ଷିଣଅଫ୍ରିକାର ଯୁଦ୍ଧ ବ୍ୟୟ ସାହାଯ୍ୟାର୍ଥ ବିଲାତରେ ଚାନ୍ଦା ସଂଗୃହୀତ ହେଉଅଛି । ଶ୍ରୀମତୀ ଗ୍ରସଭେଣ୍ଟଙ୍କ ୧୦୦୦ ପାଉଣ୍ଡ ଏବଂ ଯୁବରାଜ ୨୫୦ ପାଉଣ୍ଡ ଦାନ କରିଅଛନ୍ତି ।

ଗତମାସ ତା ୧୩ ରଖଠାରୁ ତା ୧୬ ରଖ ମଧ୍ୟରେ ପୃଥିବୀର ଉତ୍ତରଦେଶରେ ଆକାଶରେ ଉଲ୍କାପାତ ଓ ତାରକା ବୃଷ୍ଟି ହେବାର ଥିଲା । ତାହା ଦର୍ଶନ କରିବାର୍ଥ ଅଷ୍ଟ୍ରେଲିଆରୁ ଏକଦଳ ଜ୍ୟୋତିର୍ବେତ୍ତା ଆମେରିକାକୁ ଯାତ୍ରା ପ୍ରେରଣ କରିଥିଲେ । ଫଳ ଅଦ୍ୟ ପ୍ରକାଶ ପାଇନାହିଁ ।

ଅବକାରୀ କମିଶନର ମି: କୃଷ୍ଣଗୋବିନ୍ଦ ଗୁପ୍ତ ୩ ମାସ ଛୁଟି ନେବାରୁ ମାଜିଷ୍ଟ୍ରେଟ ହେସ୍ପର ସାହେବ ଏକଟିଂ କମିଶ-ନର ହୋଇଅଛନ୍ତି ।

ଭାରତର ଭୂତପୂର୍ବ ଅର୍ଥସଚିବ ବ୍ରାଉନ ସାହେବ ସଭ୍ୟ ନିଯୁକ୍ତ ହୋଇଅଛନ୍ତି ।

ଅଲିଗଡ଼ର ପ୍ରଧାନ କଲେଜରେ ମୁସଲମାନ ଛାତ୍ର-ମାନଙ୍କ ନିମନ୍ତେ ଗୋଟିଏ ମସଜିଦ ନିର୍ମିତ ହେଉଅଛି । ଅନ୍ୟାନ୍ୟ ଧର୍ମାବଲମ୍ବୀମାନଙ୍କର ଧର୍ମ ମନ୍ଦିରମାନ କେବେ ନିର୍ମିତ ହେବ ।

ଦ୍ୱାରବଙ୍ଗର ମହାରାଜା ୧୪ ହଜାର ବ୍ରାହ୍ମଣ ପଣ୍ଡିତ ଏବଂ ଜାତିବନ୍ଧୁ ସଙ୍ଗେ ବଡ଼ ଜେଷ୍ଠ ଭ୍ରାତାଙ୍କର ଶ୍ରାଦ୍ଧ କରିବା କାରଣ ଗଙ୍ଗାକୁ ଯାତ୍ରା କରୁଅଛନ୍ତି ।

କପୁରଥାଲର କୁମାର ସର୍ ହରନାମ ସିଂହ କେ, ସି, ଆଇ, ଇ, ବଡ଼ଲାଟ ବାହାଦୁରଙ୍କ ସଭାର ସଦସ୍ୟ ମନୋନୀତ ହୋଇଅଛନ୍ତି । ଏ ମହାଶୟ ଖ୍ରୀଷ୍ଟଧର୍ମାବଲମ୍ବୀ ଏବଂ ସ୍ୱଦେଶାନୁରାଗୀ ବୋଲି କଥିତ ହୁଅନ୍ତି ।

ଏକବାଲି ପୁଲିସ ଇନ୍‌ସ୍ପେକ୍ଟରର ବେଶ ହୋଇ ୨୪ ପରଗଣାର କଣ୍ଟୁପୁର ଓ ଭବଟକର୍ଣ୍ଣି ଗ୍ରାମର ଲୋକଙ୍କୁ ଧମକାଇ ଟଙ୍କା ଆଦାୟ କରିଥିବା ଅପରାଧରେ ଅଭିଯୁକ୍ତ ମା ୭ ସ କଏଦ ହୋଇଅଛି ।

Split by PDF Splitter

Digitized by srujanika@gmail.com

Split by PDF Splitter

କଣ୍ଟକଘାଇ ସ୍କୁଲକାର ଏବଂ ଅନ୍ୟକର୍ମଚାରୀ ଅନ୍ୟକର୍ମ-ଚାରୀଙ୍କର ପକ୍ଷକରି ମୋକଦମା ଉଠା ହେବାର କଥା ଥିଲା ମାତ୍ର ତାହା ହୋଇ ମୋକଦମା ଚାଲୁଅଛି ।

ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେ-ମାନେ ଦାୟୀ ନୋହୁଁ ।

ମାନ୍ୟବର ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ଅମ୍ଭର ପିତୃବ୍ୟ ଏକପ୍ରକାର ଉତ୍କଟ ପୃଷ୍ଠବ୍ରଣ ବ୍ୟାଧିରେ ପୀଡ଼ିତ ହୋଇ ସ୍ଥାନୀୟ ଅନେକ ବୈଦ୍ୟ ଓ ହାକିମୀ ଚିକିତ୍ସାର ଅଶେଷ ଯତ୍ନ କରିଥିଲେ କିନ୍ତୁ କୌଣସି ଚିକିତ୍ସାରେ ଆରୋଗ୍ୟ ନ ଲଭି ଶେଷରେ ବ୍ରଣଟି ଏମନ୍ତ ବୃହତ୍ ଓ ଭୟଙ୍କର ହୋଇ ଉଠିଥିଲା ଯେ ଜୀବନର ଆଶା ନ ଥିଲା ଶେଷରେ ଗାଈଘା ସଡ଼କର ମା ୨୨ଇଲ ଉତ୍ତରକୁ ଗୋପା ନିବାସୀ ଜନ ବୈଦ୍ୟଙ୍କ କାମନ୍ତ ଏକ ଚିକିତ୍ସକର ଚିକିତ୍ସାରେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କଲେ । ଏହି ଚିକିତ୍ସକ ଅନେକ ଦିନ କଲିକତାରେ ରହି ସେଠାରେ ଏକଜଣ ପ୍ରସିଦ୍ଧ ଡାକ୍ତରଙ୍କଠାରୁ ଚିକିତ୍ସା ଶାସ୍ତ୍ର ଶିକ୍ଷା କରି ଏଠା-ରେ କତୁକ ପ୍ରକାର ରୋଗିଙ୍କୁ ଆରୋଗ୍ୟ କରୁ ଅଛନ୍ତି । ଇତି ।

ବଶମ୍ବଦ ।

ଶ୍ରୀ ବୃନ୍ଦାବନଚନ୍ଦ୍ର ସାହୁ ।

ସଂ । ଦ । ଅଫ୍‌ରେଶ୍ୱର । ମୌ । ପାଣିତପଡ଼ା ନିବାସୀ ଶ୍ରୀ ନରେଶ୍ୱର ସାହୁ ରୈତମାନଙ୍କ ମୂଳ ମୂଲ୍ୟର ପ୍ରକଳ୍ପ ହୀର ଅନୁସାରେ ବନ୍ଦୋବସ୍ତ ଉପଲକ୍ଷରେ ପ୍ରଶସ୍ତ ଅନ୍ୟାନ୍ୟ ଉପାୟ ଅମ୍ଭେମାନେ ଦେଖିଅଛୁଁ । ସମ୍ପାଦକ

ମୂଲ୍ୟପ୍ରାପ୍ତି ।

ବାବୁ ଜଗନ୍ନାଥ ସାହୁ	ଟ ୧ ୪
„ ଈଶ୍ୱରଚନ୍ଦ୍ର ଲାଲ ପାଣ୍ଡେ	ଟ ୩
„ ବଳରାମ ସାହୁ ରାୟ	ଟ ୩
„ ଗୌରୀ ଚରଣ ମହାନ୍ତି	ଟ ୩
„ ଜଗନ୍ନାଥ ମିଶ୍ର ଅମୀନ ବନ୍ଦୋବସ୍ତ	ଟ ୧
„ ମୁଦଲିୟାର ସ୍ୱା ଠା ବାନ୍ଧାଲ ବାରଇ	ଟ ୩
„ ବଳ୍ଲଭ ଲାଲ କାମଦାର	ଟ ୧ ।

ବିଜ୍ଞାପନ ।

କଟକ ସହର ମଧ୍ୟସ୍ଥିତ ଜଜ ଅଦାଲତ ସମୀପବର୍ତ୍ତୀ ଗଙ୍ଗାମଣ୍ଡଳ ଦ୍ୱିତଳ ପ୍ରସ୍ତରଣୀ ଏବଂ ଦେବଦେଉଳମଠ ରହୁ ସଲଶ ପ୍ରାୟ ମା ୨୧୬ ଜମି

ଅଭାବ ହେବ । ଗ୍ରାହକମାନେ ଅମ୍ଭ ସହିତ ଦର ଦାମ ବନ୍ଦୋବସ୍ତ କରିବେ । ଇତି ।

କେନ୍ଦ୍ରାପଡ଼ା । } ପଣ୍ଡିତମୋହନ ସେନାପତି

ସପ୍ତକାଣ୍ଡ ରାମାୟଣ ।

ବାଲ୍ମୀକି କୃତ ମୂଳ ସଂସ୍କୃତ ଗ୍ରନ୍ଥରୁ ପଣ୍ଡିତ ଶ୍ରୀ କପିଳେଶ୍ୱର ବିଦ୍ୟାଭୂଷଣଙ୍କଦ୍ୱାରା ସରଳ ବୋଧ ଉତ୍କଳପଦ୍ୟାନୁବାଦିତ ହୋଇ କଟକ ପ୍ରିଣ୍ଟିଂ-କୋମ୍ପାନୀଙ୍କ ପୁସ୍ତକ ଦୋକାନରେ, ବାଲୁବଜାର ସ୍ଥିତ ବାବୁ ମଧୁସୂଦନ ଦତ୍ତଙ୍କ ପୁସ୍ତକଦୋକାନ-ରେ ଏବଂ କଟକର ସମସ୍ତ ବୁକ୍ ଏଜେଣ୍ଟଙ୍କ ନିକଟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ଗ୍ରାହକମା-ନଙ୍କ ସୁବିଧାପାଇଁ ସପ୍ତକାଣ୍ଡ ଏକତ୍ରରେ ବନ୍ଧନ କରିବା ହୋଇ ପ୍ରତ୍ୟେକ ଖଣ୍ଡର ମୂଲ୍ୟ ଟ ୨ ୧ ଙ୍କା ଧାର୍ଯ୍ୟ ହୋଇଅଛି ।

ଝଞ୍ଜାହାଟ, କଟକ } ଶ୍ରୀ ସୁଦର୍ଶନ ଉପାଧ୍ୟାୟ ।

(ସର୍ବହାଲର ପରୀକ୍ଷିତ ।)

ଯାଦୁଇ ଅର୍ଥାତ୍ ମହୌଷଧ ।

(ମୂଲ୍ୟ ପ୍ରତି ଡବା ଟ ୦ ।୵ ଅଣା ମାତ୍ର)

ଯେ କେହି ଯେ କୌଣସି ପ୍ରକାର ଯାଦୁ ରୋଗରେ ଆକ୍ରାନ୍ତ ହୋଇ ଥିଲେ ଏହି ଔଷଧ-ନେଇ ସେହି ପଦ୍ଧତିରେ ବ୍ୟବହାର କରନ୍ତୁ କଲା, ଯନ୍ତ୍ରଣା ଯାଇ ଏମନ୍ତ ମହୋପକାରୀ ଗୁଣ ନିର୍ଦ୍ଦୋଷ ଔଷଧ ଏଯାଏ ଆଉ ଦ୍ୱିତୀୟ ବାହାର ନାହିଁ । ଏହି ଔଷଧର ଆଶ୍ଚର୍ଯ୍ୟ ରୋଗ ଉପଶମକାରୀ ଗୁଣର ଉପକାରିତା ଶତ ଶତ ବ୍ୟକ୍ତି ମୁକ୍ତକଣ୍ଠରେ ସ୍ୱୀକାର କରି ପ୍ରଶଂସା-ପତ୍ର ଦେଇଅଛନ୍ତି । ସେ ସମସ୍ତ ପ୍ରଶଂସା ପତ୍ର ପୁସ୍ତକରେ ମୁଦ୍ରିତ ହୋଇ ରହିଅଛି, ତାହାର ଆବ-ଶ୍ୟକ ହେଲେ ଲେଖିବା ମାତ୍ରେ ପ୍ରେରିତ ହେବ

ଔଷଧ ଗ୍ରହଣାର୍ଥୀ ମାନଙ୍କେ ଆପଣାର ନାମ, ଧାମ, ଡାକଘର, ଜିଲା ଏବଂ ତାହାର ନିକଟେ ଡବା ଆବଶ୍ୟକ ସେଥିରୁ ସ୍ପଷ୍ଟକରି ଜମ୍ମ ଠିକଣାକୁ ପତ୍ର ଲେଖିବେ । ଏକାବେଳକେ ଯେଉଁମାନେ ଛଅଗୋଟା ଡବାରୁ ଊର୍ଦ୍ଧ୍ୱ ନେବେ ସେମାନଙ୍କ ସମ୍ବନ୍ଧରେ ବିଶେଷ ସୁବିଧା ଅଛି ।

ଶ୍ରୀ ରାମଚାରିଙ୍କ ସେନ

ଦେବ ଉତ୍କଳପ୍ରେସ୍; ବାଲେଶ୍ୱର ।।

ନୂତନ ପୁସ୍ତକ ।

ହେମ୍ବ୍ରମ ଖାଉଲାଦାସଙ୍କ

ସଚିତ୍ର

ମହାଭାରତ ।

ସମ୍ପୂର୍ଣ୍ଣ ଅଷ୍ଟାଦଶପର୍ବର ମୁଦ୍ରାଙ୍କନକାର୍ଯ୍ୟ ଶେଷ ହୋଇଅଛି ତହିଁର ମୂଲ୍ୟ ଏକସାଙ୍ଗରେ ଟ ୧୬୵୦ ଓ ପ୍ରତ୍ୟେକ ପର୍ବର ମୂଲ୍ୟ ନିମ୍ନଲି-ଖିତରୂପ ଅଟଇ ଯଥା;—

୧ ଆଦ୍ୟ ପର୍ବ	ଟ ୨୳
୨ ସଭା ପର୍ବ	ଟ ୨୳
୩ ସଭା ପର୍ବ	ଟ ୨୳
୪ ବନ ପର୍ବ	ଟ ୨।
୫ ବିରାଟ ପର୍ବ	ଟ ୧।
୬ ଉଦ୍ୟୋଗ ପର୍ବ	ଟ ୧।
୭ ଭୀଷ୍ମ ପର୍ବ	ଟ ୧।
୮ ଦ୍ରୋଣ ପର୍ବ	ଟ ୧୯
୯ କର୍ଣ୍ଣ ପର୍ବ	ଟ ୦।୵
୧୦ ଶଲ୍ୟ ପର୍ବ	ଟ ୦ ୵
୧୧ ଗଦା ପର୍ବ	ଟ ୦।
୧୨ ସୌପ୍ତିକ ବା ଐଷିକ ପର୍ବ	ଟ ୦।୵
୧୩।୧୪ ନାରୀ ଓ ଶାନ୍ତି ପର୍ବ	ଟ ୦ ୵
୧୫।୧୬ ଆଶ୍ରମିକ ଓ ଅଶ୍ୱମେଧ ପର୍ବ	ଟ ୦୳
୧୭ ମୌଷଳି ପର୍ବ	ଟ ୦।୵
୧୮ ସ୍ୱର୍ଗାରୋହଣ ପର୍ବ	ଟ ୦।
ସପକ୍ଷ ଚରିତ୍ର ଉତ୍ତରାମ୍ବର	ଟ ୨୳

ଗ୍ରାହକେ କଟକ ବଲଶାକିଜାଗିର କଟକ ପ୍ରିଣ୍ଟିଂକମ୍ପାନିର ସନ୍ନାଳୟରେ ତଦ୍ଧ କରେ ପାଇ ପାଇବେ ।

ଏ ଜିଲାର ଲାଖେରାଜ ମହାଲମାନଙ୍କର ଖଣ (ବେଣା) ପାଟ ସନ ୧୩୦୭ ସାଲ ଏକବର୍ଷ ସକାଶେ ନିଳଗଡ଼ ମୁକାମରେ ଆଗାମୀ ତା ୨୮ ଇଶ ମଙ୍ଗଳବାର ଦିବା ଘ ୧୦ ଣ୍ଟା ସମୟରେ ପ୍ରକାଶ୍ୟରେ ନିଲାମ ହୋଇବ । ଗ୍ରାହକମାନେ ଯଥା ସମୟରେ ଉପସ୍ଥିତ ହୋଇ ନିଲାମ ଡାକିବେ ।

୧ କରକୋଟଥ	୭ ସାରଠୋଟ
୨ ମାହାକାଲବସ୍ତ	୮ ସସାଙ୍ଗ
୩ ଡାଇଙ୍ଗବସ୍ତ	୯ କୁଅଁରପୁର
୪ ଲଙ୍କାପଦା	୧୦ ଦଣ୍ଡପୁର
୫ ପାଳକପୁର	୧୧ ଗୁଡ଼େଶ
୬ କୁସପାଙ୍ଗି	୧୨ କଣ୍ଡେଇନ

। ବ । ଅଫିସ ସୁହାଇ ତା ୩ ଦଶ ନଭେମ୍ବର ସନ ୧୮୯୯ ମସିହା }

Gunanidhi I...

State Officer.

Digitized by srujanika@gmail.com

Split by PDF Splitter

ବନାରସି ମାଲ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ସ୍ୱଲଭର ନାନାସ୍ଥାନର ସ୍ଥଳ। ଜମିଦାରମାନଙ୍କୁ ଫରମାସ୍ଥଙ୍କବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ। ବାମଣ୍ଡା, କେନ୍ଦୁଝର ଅଠମଲ୍ଲିକ, ସ୍ୱପୁରଗଡ଼, ସରେଇକଳା ପ୍ରଭୃତିର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଧୋତି ଚୋଟି, ଫେଗା, ଦୋଶାଲ, ବାଘ୍ରା ସଙ୍ଗୀ ଦୋପଟ୍ଟା ମଖମଲ, ଶିରରେ ବାନ୍ଧିବାର ଫେଟା, ରୁମାଲ, ଶାଲ ଏବଂ ନାନା ପ୍ରକାର ରହିତ ଖଚିତ ଅଙ୍ଗୁଷ୍ଠୀ ପ୍ରଭୃତି ଛଡ଼ା ସୁନା ରୁପାର ବାସନ, ହାଣ୍ଡିର ହାଣ୍ଡିଦା ପ୍ରଭୃତି ବରାଦ ଅନୁସାରେ ତିଆରି କରିଦେଉଁ। ବରାଦ ଦେବାବେଳେ ଆନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରିବୁଁ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ (ଅର୍ଥାତ୍ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ। ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାପା ଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ।

ଭେଲ୍ୟୁପେଏବଲ ପାର୍ସଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରତ ନିଆଯାଏ।

ଶ୍ରୀ ପାଲୁମାଲ ଭୋଲାନାଥ
କୁଞ୍ଜଗଳି ଫାଟକ ବନାରସ ସିଟି

NOTICE.

Is hereby given that the High Level canal Range I will be closed to traffic for certain repairs from 15th November 99 or until further order. Boats rafts &c. should be removed from the above canal on or before the 14th. November 1899.

Akhoyapada The 7-11-99	Sasi Bhushan pal *for officiating Executive Engineer* Akhoyapada Jajpur Division

ମୂଲ୍ୟ ସୁଲଭ ! ଦ୍ରବ୍ୟ ସୁନ୍ଦର !

ବନାରସି

ବିଶେଷ-ସୁବିଧା।

ଶାଢ଼ୀ, ଧୋତି, ଇତ୍ୟାଦି ଆମ୍ଭର କୋଠିରେ ସର୍ବଦା ବିକ୍ରୟ ନିମନ୍ତେ ପ୍ରସ୍ତୁତ ଅଛି। ଯାହାଙ୍କର ଯେମନ୍ତ ପସନ୍ଦ ସେ ତେମନ୍ତ ଜିନିଷ ପାଇବେ ଏବଂ ଭିନ୍ନ ଭିନ୍ନ ପ୍ରକାର ବରାଦ ଦେଲେ ଅବିଳମ୍ବେ ପ୍ରସ୍ତୁତ କରି ଦେବାର ବନ୍ଦୋବସ୍ତ ରହିଅଛି। ଅଳ୍ପ ବା ଅଧିକ ପରିମାଣର ଜିନିଷ ଯୋଗାଇବାକୁ ସମାନରୂପ ମନୋଯୋଗୀ ବରାଦସଙ୍ଗେ ଆନୁମାନିକ ମୂଲ୍ୟର ଚତୁର୍ଥାଂଶ ପଠାଇବା ଆବଶ୍ୟକ। ଅଧିକ ପରିମାଣରେ ଯେଉଁମାନେ ଜିନିଷ ଖରିଦ କରିବେ ସେମାନେ ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ମାରଫତରେ ପଠାଇ ପାରୁଁ ଅଥବା ସ୍ୱୟଂ ଯିବାକୁ ପ୍ରସ୍ତୁତ।

ରାଜା, ଜମିଦାର ଓ ଅନ୍ୟାନ୍ୟ ଭଦ୍ରଲୋକଙ୍କ ସହିତ ଆମ୍ଭର କାରବାର ବହୁକାଳରୁ ରହିଅଛି। ଆମ୍ଭର ବ୍ୟବହାର କେମନ୍ତ ଖାଣ୍ଟି ଏବଂ ଜିନିଷ କେମନ୍ତ ଉତ୍କୃଷ୍ଟ ଓଡ଼ିଶାଅନ୍ତର୍ଗତ ବୌଦ, ନୟାଗଡ଼, ଅଠମଲ୍ଲିକ, ସରେଇକଳା ଏବଂ ମାନ୍ଦ୍ରାଜାନ୍ତର୍ଗତ ଇଚ୍ଛାନଗର, ମଞ୍ଜୁସାପ୍ରଭୃତି ରାଜାମାନଙ୍କୁ ଉତ୍ତମରୂପେ ଜଣାଅଛି। ଯାହାର ଇଚ୍ଛା ହେବ ସେ ଅନୁସନ୍ଧାନଦ୍ୱାରା ଜାଣିପାରିବ।

ଡାକଯୋଗେ ପତ୍ର ପଠାଇ ମାଲ ମଗାଇଲେ କେଉଁ ସ୍ଥାନକୁ କି ଉପାୟରେ (ଅର୍ଥାତ୍ ଡାକଯୋଗେ କି ରେଲଦ୍ୱାରା) ପଠାଇବାକୁ ହେବ ଲେଖିବା ଉଚିତ। ଓଡ଼ିଶାସହିତ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁଁ ଅତଏବ ଓଡ଼ିଆରେ ପତ୍ର ଲେଖିଲେ ଚଳିବ କିନ୍ତୁ ଲଫାପା ଉପରେ ଆମ୍ଭର ନାମ ଏବଂ ଠିକଣା ହିନ୍ଦି ଅଥବା ଇଂରାଜୀରେ ଲେଖିଲେ ନିର୍ବିଘ୍ନରେ ଆମ୍ଭର ହସ୍ତଗତ ହେବ।

ଭେଲ୍ୟୁପେଏବଲ ପାରସଲରେ ମଧ୍ୟ ମାଲ ପ୍ରେରିତ ହୁଏ ପସନ୍ଦ ନ ହେଲେ ଫେରତ ନେଉଁ।

ଶ୍ରୀ ଗୋପାଳ ଦାସ ମୁରଲୀଧର
ମଣ୍ଡଲ ସିଦ୍ଧେଶ୍ୱରୀ ବନାରସ ସିଟି

NOTICE.

Cuttack District Board.

Tenders are hereby invited for the execution of the following works:—

On Approach road from 25th mile Trunk Road to Dhanmundal Railway Station.

Laterite Masonry, 3ft. Arched Culvert.

Laterite Masonry six drains.

Rubble pitching above.

Earthwork—Raising and widening road from Khosalipur Canal Bridge to Trunk road.

Metalling—Boulmala Soling, Laterite binding from Khosalipur Canal Bridge to Trunk road.

The probable cost of above work is Rs 2500.

On road from 23rd mile trunk road to Genguti River.

Laterite Masonry Bridge, 20 ft. span. (Not including Iron and Timber work).

Earthwork—Raising and widening existing road.

The probable cost of above work is Rs. 3000.

General specification of works, Orissa Circle, will be in force.

Abstract of quantities and rates estimated can be seen by intending tenderers in the offices of—

The District Engineer, Cuttack,
The Local Board, Jajpur.
The District Board's Sub-Overseer Jajpur.

Tenders, on Form No. 2 accompanied by the prescribed earnest money to be submitted in sealed covers, addressed

Tender for Dhanmandal road, or, for Barchana Genguti road.	*Registered.*
To District Engineer Collectorate Cuttack.	

before noon of 30th Nov. 1899.

Tender Forms will be supplied free of charge by the above mentioned offices.

Date of commencement of work—10th December 1899.

Date of completion of work—15th August 1900.

The Chairman does not bind himself to accept the lowest or any tender.

Cuttack The 7th Nov. '99.	Sd. L. E. Desgratoulet District Engineer, Cuttack.

Digitized by srujanika@gmail.com

Split by PDF Splitter

ଇଣ୍ଟ୍ରାନ୍ସ, ଅପରପ୍ରାଇମେରୀ, ଭର୍ଣ୍ଣାକ୍ୟୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ, ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କୁ ପ୍ରଚୁର ପରିମାଣରେ କମିସନ୍ ଦିଆଯାଏ । ନାନାପ୍ରକାର କାଗଜ, ପେନସିଲ, କଲମ, ଦୁଆତ, ପ୍ରଭୃତି ସ୍କୁଲ ଏବଂ ଗବର୍ଣ୍ଣମେଣ୍ଟଙ୍କ ଅଫିସରେ ଲେଖିବାର ଯାବତୀୟ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଆମ୍ଭ ନିକଟରେ ମିଳିବ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ ।
ସେକ୍ରେଟେରୀ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ କଟକର ପ୍ରସିଦ୍ଧ କବିରାଜ ଶ୍ରୀ ନାରାୟଣ ମିଶ୍ର ଶର୍ମା ମହାଶୟ ନିମ୍ନଲିଖିତ ସ୍ଥାନରେ ଏକ ପୁସ୍ତକାଳୟ ଓ ଦେଶୀୟ ଔଷଧାଳୟ ସ୍ଥାପନ କରିଅଛନ୍ତି । ଏଠାରେ ସର୍ବ ପ୍ରକାର ସ୍କୁଲପାଠ୍ୟ ଓ ସାଧାରଣ ପୁସ୍ତକ ଏବଂ ଦେଶୀୟ କବିରାଜୀ ସର୍ବ ପ୍ରକାର ରୋଗର ଔଷଧ, ତୈଳ ସୁବାସିତ ତୈଳ, ଘୃତ, ଭସ୍ମ ଉତ୍କୃଷ୍ଟ ମକରଧ୍ୱଜ ବଟିକା, ଚୂର୍ଣ୍ଣ, ଚ୍ୟବନପ୍ରାଶ ପ୍ରଭୃତି ସୁଲଭ ମୂଲ୍ୟରେ ବିକ୍ରୟ ହୁଏ । ମୋଫସଲ ଗ୍ରାହକମାନଙ୍କ ନିକଟକୁ ଭିପି ଯୋଗେ ଔଷଧ ପ୍ରେରିତ ହୁଏ ଦୂରସ୍ଥିତ ରୋଗୀ ରୋଗର ଲକ୍ଷଣ ଆନୁପୂର୍ବିକ ଜଣାଇଲେ ଚିକିତ୍ସା କରାଯାଏ ।

ଗ୍ରାହକମାନେ ନିର୍ଦ୍ଧାରିତ ଠିକଣାରେ ପତ୍ର ଲେଖିଲେ ସକଳ ବିଷୟ ଜାଣି ପାରିବେ ବିଶେଷ ଅଧିକ ବାହୁଲ୍ୟ ମାତ୍ର । "ଫଳେନ ପରିଚୀୟତେ" ।

ଚୌଧୁରୀବଜାର }
କଟକ }
୨୧-୯-୯ }

ଶ୍ରୀ ମୋହନ ନାୟକ
ଏଜେଣ୍ଟ

ହୋମିଓପାଥିକ ଔଷଧ ଡ୍ରାମ ଟ ୦/୫ ଓ ୦/୧୦ ପଇସା ଏଲ୍ କେ ମଜୁମଦାର ଏଣ୍ଡ କୋଂ ର ୨୯୭ ନଂ ଅପର ଚିତ୍ପୁର ରୋଡ କଲିକତା ଏହି ଔଷଧାଳୟ ଜଣେ ଡାକ୍ତରଙ୍କ ତତ୍ତ୍ୱାବଧାନରେ ପରିଚାଳିତ । କେବଳ ଆମେରିକାରୁ ଔଷଧ ଆମଦାନୀ ହୁଏ ଚିକିତ୍ସା ପୁସ୍ତକ ଓ ନାନାବିଧ ଦ୍ରବ୍ୟାଦିର ମୂଲ୍ୟ ମଧ୍ୟ ଅତି ସୁଲଭ କଲେରା ବାକସ ପୁସ୍ତକ ଡ୍ରପାର ସହ ୧୨, ୨୪, ୩୦, ୪୮ ଶିଶି ୨, ୩, ୩୧୦, ୬ ଗୃହ ଚିକିତ୍ସାର ବାକସ ୧୨, ୨୪, ୩୦, ୪୮ ୬୦, ୭୨ ୧୦୪ ଶିଶି ୨.୩ ୩, ୪। ୬। ୭। ୧୧।

ଆୟୁର୍ବେଦୀୟ ଔଷଧାଳୟ ।

ପ୍ରମେହସୁଧା ଗନେରିଅର ଅବ୍ୟର୍ଥ ମହୌଷଧ ।

ଏହି ଔଷଧ ଶୁକ୍ରମେହ, ପିତ୍ତଜନ୍ୟମେହ ସପୂଜମେହ (ଗନେରିଆ) ଖଡିଜଳ ତୁଲ୍ୟ ସ୍ରାବ ଶୋଣିତସ୍ରାବ, ମୂତ୍ରନାଳୀର କ୍ଷତ, ପ୍ରସ୍ରାବର ପୋଡ଼ା ଜଳା ପ୍ରଭୃତି ପକ୍ଷରେ ଆଶୁଫଳଦାୟକ । ଯଥାବିଧି ବ୍ୟବହାର କଲେ ସର୍ବପ୍ରକାର ଦୁଃସାଧ୍ୟ ମେହ ଓ ତଜ୍ଜନିତ ଉପଦ୍ରବାଦି ସମ୍ପୂର୍ଣ୍ଣ ନିବୃତ୍ତ ହୁଏ ।

ଏକଶିଶିର ମୂଲ୍ୟ ଟ ୨, ଭି, ପି, ଟ ୦୬, ପ୍ୟାକିଂ ଟ ୦ ୬, ଡାକମାସୁଲ ଟ ୦ ।

ଅମୃତାଦିକଷାୟ ବା ଦେଶୀ ସାଲସା ।

ଆମ୍ଭମାନଙ୍କର ଏହି ଅତ୍ୟାଶ୍ଚର୍ଯ୍ୟଗୁଣାନ୍ୱିତ ରକ୍ତଦୁଷ୍ଟିର ଅମୋଘ ଔଷଧ ଅମୃତାଦିକଷାୟ ବା ଦେଶୀୟ ସାଲସା ଦେଶଜ ନାନାବିଧ ଉତ୍କୃଷ୍ଟ ଶୋଣିତଶୋଧକ ଲତା ଓ ବୃକ୍ଷର ପ୍ରସ୍ତୁତ ହୋଇଅଛି । ଏଥିରେ ଏପରି କେତେଗୁଡିଏ ସାରବାନ ଲତା ଓ ବୃକ୍ଷର ରସ ଅଛି ଯେ ସେବନ ମାତ୍ରକେ ମନ ପ୍ରାଣ ପ୍ରଫୁଲ୍ଲ ହୁଏ ଏବଂ କୋଷ୍ଠ ପରିଷ୍କାର ଓ କ୍ଷୁଧା ବୃଦ୍ଧି ହୁଏ । ଯେ କୌଣସି କାରଣରୁ ରକ୍ତ ଓ ପିତ୍ତଦୁଷ୍ଟି, ପାରଦଜନିତ କ୍ଷତ, ଉପଦଂଶଜନିତ କ୍ଷତ, କମ୍ପା ଅନ୍ୟବିଧ ଦୂଷିତ କ୍ଷତ ଗଳିତକୁଷ୍ଠ, ଆମବାତ, ବିସ୍ଫୋଟକ, ଗଣ୍ଡମାଳା, କାଉଁ, କୁଣ୍ଡିଆ ପ୍ରଭୃତି ସର୍ବବିଧ ଚର୍ମରୋଗ ପକ୍ଷରେ, ଦୂଷିତ ରକ୍ତ ପରିଷ୍କାର କରିବାପାଇଁ ଶାରୀରିକ ଦୌର୍ବଲ୍ୟ, କୃଶତା, ଧାତୁକ୍ଷୀଣତା ନିବୃତ୍ତି କରି ଶରୀର ହୃଷ୍ଟପୁଷ୍ଟ ବଳିଷ୍ଠ କରିବା ପାଇଁ ଏହାହିଁ ଏକମାତ୍ର ଔଷଧ । ବହୁସ୍ଥଳରେ ପରୀକ୍ଷାଦ୍ୱାରା ଜଣା ଯାଇଅଛି ବିଲାତି ସାଲସା ଅପେକ୍ଷା ଏହା ସର୍ବଗୁଣରେ ଉତ୍କୃଷ୍ଟ ।

ଏକଶିଶିର ମୂଲ୍ୟ ଟ ୧।, ଏକଡଜନର ମୂଲ୍ୟ ଟ ୧୨, ଭି, ପି, ଟ ୦ ୬, ପ୍ୟାକିଂ ଟ ୦ ୬, ଡାକମାସୁଲ ଟ ୦ ୯ ।

ବୃହଦଶ୍ୱଗନ୍ଧାରସାୟନ ।

ଏହି ଔଷଧ ଶୁକ୍ରବର୍ଦ୍ଧକ, ବଳକାରକ, ସର୍ବଧାତୁପୋଷକ, ଧାତୁଦୌର୍ବଲ୍ୟ, ଶୁକ୍ରମେହ, ଧ୍ୱଜଭଙ୍ଗ, କାଉଁବାଧି, ମୂର୍ଚ୍ଛା, ଉନ୍ମାଦ, ସ୍ୱପ୍ନଦୋଷ ପ୍ରଭୃତି ରୋଗରେ ଅଶୁଫଳପ୍ରଦ । ଏହା ସେବନ କଲେ କୋଷ୍ଠ ପରିଷ୍କାର ହୋଇ କ୍ଷୁଧା ବୃଦ୍ଧି ହୁଏ, ଶୁକ୍ରତାରଲ୍ୟ ଓ କ୍ଷୀଣଶୁକ୍ରତା ନିବୃତ୍ତି କରି ଶରୀର ହୃଷ୍ଟପୁଷ୍ଟ ବଳିଷ୍ଠ କରିବା ପକ୍ଷରେ ଏହା ଏକମାତ୍ର ଔଷଧ ।

ଏକଶିଶିର ମୂଲ୍ୟ ଟ ୨୯, ଭି, ପି, ଟ ୦୬ ପ୍ୟାକିଂ ଟ ୦ ୬ ଡାକମାସୁଲ ଟ ୦ ୯ ।

ସ୍ୱପ୍ନସୁଧା

ସ୍ୱପ୍ନଦୋଷ ଯେ ଗୋଟିଏ ଭୟାନକ ରୋଗ ଏହା ଅବଶ୍ୟ ସ୍ୱୀକାର୍ଯ୍ୟ; ଭୁକ୍ତଭୋଗୀ ମାତ୍ରକେ ଏହା ଅବଗତ ଅଛନ୍ତି । ଏହି ମହୌଷଧ ଯଥାରୀତି ସେବନ କଲେ ଅକାରଣ ସ୍ୱପ୍ନଦୋଷ, ଶୁକ୍ରତାରଲ୍ୟ, ଖଡିଜଳବତ୍ ସ୍ରାବ ପ୍ରଭୃତି ନିବୃତ୍ତି ହୋଇ କ୍ଷୁଧା ବୃଦ୍ଧି ହୁଏ ଏବଂ କୋଷ୍ଠ ପରିଷ୍କାର ହୁଏ ।

ଏକଶିଶିର ମୂଲ୍ୟ ଟ ୧, ଭି, ପି, ଟ ୦ ୬, ପ୍ୟାକିଂ ଟ ୦ ୬, ଡାକମାସୁଲ ଟ ୦ । ।

ଏହା ଛଡ଼ା ଆୟୁର୍ବେଦୀୟ ସର୍ବପ୍ରକାର ତୈଳ ଘୃତ, ମୋଦକ, ଆସବ, ଅରିଷ୍ଟ, ଚୂର୍ଣ୍ଣ, ବଟିକା ପ୍ରଭୃତି ଏବଂ ଉତ୍କୃଷ୍ଟ ମକରଧ୍ୱଜ ମୃଗନାଭି ଓ ସୁନା ରୂପା ଲୁହା ପ୍ରଭୃତିର ଭସ୍ମମାନ ବିକ୍ରୟାର୍ଥ ସର୍ବଦା ପ୍ରସ୍ତୁତ ଥାଏ । ମଫସଲର ରୋଗିମାନେ ପତ୍ରଦ୍ୱାରା ରୋଗର ଆନୁପୂର୍ବିକ ବୃତ୍ତାନ୍ତ ଲେଖିଲେ ବିନା ବ୍ୟୟରେ ବ୍ୟବସ୍ଥା ପଠାଯାଏ । ଔଷଧପାଇଁ ଲେଖିଲେ ଭି ପି, ଡାକରେ ପଠାଯାଏ । ପ୍ରତ୍ୟହ ପ୍ରାତଃ ସ ୭ ଘଟିକାଠାରୁ ସ ୮ ଘଟିକା ପର୍ଯ୍ୟନ୍ତ ନିତାନ୍ତ ଗରିବ ଲୋକମାନଙ୍କୁ ବିନା ମୂଲ୍ୟରେ ଔଷଧ ବିତରଣ କରାହୁଏ ।

ଚିଠିପତ୍ର ଓ ଟଙ୍କା ଆମ୍ଭ ନାମରେ ଉକ୍ତ ଠିକଣାକୁ ପଠାଇବାକୁ ହେବ ।

କବିରାଜ ଶ୍ରୀ ସାରଦାପ୍ରସାଦ ଦାସ ଗୁପ୍ତ
କବିରଞ୍ଜନ, ବାଲୁବଜାର କଟକ ।

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ହାର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

ଧାଡ଼ପ୍ରତି	ଟ ୦ ୬
ଅଧସ୍ତମ୍ଭକୁ	ଟ ୨ ୯
ପୂର୍ଣ୍ଣ ଏକ ସ୍ତମ୍ଭକୁ	ଟ ୩ ୯

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ତହିଁର ଦର ଟ ୦ ୯ ଠାରୁ ଊଣା ହେବ ନାହିଁ

ଦ୍ୱିତୀୟ ଓ ତୃତୀୟଥର ସକାଶେ ଯଥା ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର ପ୍ରିଣ୍ଟିଂକମ୍ପାନି "ପ୍ରିଣ୍ଟିଂ"ଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED No. C. S.

377

ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

ଭା ୩୪ ନା — ସଂ ୪୭ ସଂଖ୍ୟା

ତା ୨୫ ଋଷ ମାହେ ନବେମ୍ବର ସନ ୧୮୯୯ ମସିହା । ମୃ । ବ ୧୧ ଜ ମାର୍ଗଶିର ସନ ୧୩୦୭ ସାଲ ଶନିବାର

ଅଗ୍ରୀମ ଟ ୩୧
ପଶ୍ଚାଦେୟ ଟ ୬୧

ଗବର୍ଣ୍ଣମେଣ୍ଟ ବିଜ୍ଞାପନ ଦେଇଅଛନ୍ତି କି ନିମ୍ନ ଓ ଉଚ୍ଚ ଉଭୟ ପରୀକ୍ଷା ପାସ କରି ଯେଉଁ ସିଭିଲିୟାନମାନେ ଆସାମରୁ ବଙ୍ଗଦେଶକୁ ବଦଳି ହୋଇ ଆସିବେ ଏବଂ ହିନ୍ଦୋସ୍ତାନୀ ଭାଷାରେ ପାସ କରି ନ ଥିବେ ସେମାନଙ୍କର ଚାକିରିର କାଳ ବ ୧୨ ବର୍ଷରୁ ଊଣା ଥିଲେ ଉଚ୍ଚଶ୍ରେଣୀରେ ହିନ୍ଦୋସ୍ତାନୀ ଭାଷାରେ ପାସ କଲେ ଟ୫୦୦୦ଙ୍କା ପୁରସ୍କାର ପାଇବେ ।

ଟ୍ରାନ୍ସଭାଲ ଯୁଦ୍ଧରେ ବିପଦଗ୍ରସ୍ତ ବ୍ରିଟିସ ପ୍ରଜାଙ୍କ ସାହାଯ୍ୟ ନିମନ୍ତେ ବିଲାତରେ ଗୋଟିଏ ପାଣ୍ଠି କରିବା ଆରମ୍ଭ ହେବା ସବୁସ୍ଥିର ହେଉଅଛି । ଲଣ୍ଡନର ଲର୍ଡ ମେୟରଙ୍କର ପ୍ରାର୍ଥନାମତେ କଲିକତାରେ ଶେରିଫ୍ ଏଠାରେ ସେଥିପାଇଁ ଟଙ୍କା ସଂଗ୍ରହ କରିବାର ଆରମ୍ଭ କରୁଅଛନ୍ତି ଏବଂ ସୁଖର ବିଷୟ ଯେ ଏଥିମଧ୍ୟରେ ଟ୧୪୦୦୦ଙ୍କା ଚାନ୍ଦା ଜମା ହୋଇଅଛି । ତହିଁମଧ୍ୟରେ ଏକା ଟାଙ୍ଗାମେଲିଟନ କମ୍ପାନୀ ଟ ୨୫୦୦୦ ଙ୍କା ଦେଇଅଛନ୍ତି । ଚାନ୍ଦାଦାତାମାନଙ୍କ ତାଲିକାରେ କେବଳ ଇଂରେଜଙ୍କର ନାମ ଦେଖିଲୁଁ ।

ସର୍ବକାରୀ ସିଭିଲିୟାନ ଅମଲାମାନଙ୍କଠାରୁ ଘରବାଡ଼ୀ ନେବାର ଶୀଘ୍ର ବନ୍ଦ ହେବା ବିଷୟରେ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଶୀଘ୍ର ଆଦେଶ ପ୍ରଚାର କରିବେ ବୋଲି ଶୁଣାଯାଏ । ଦରମାକ ବଦଳରେ ଅନ୍ୟ କି ଦଣ୍ଡ ଦିଆଯିବ ତହିଁର ବ୍ୟବସ୍ଥା ଓ ସେ ଆଦେଶ ମଧ୍ୟ ଏକାସଙ୍ଗରେ ବାହାରିବ । ଦରମାନା ନିଷେଧ ହେଲେ ହାକିମ ଡେପୁଟି ମାଜିଷ୍ଟ୍ରେଟ ବା ଯଥେଚ୍ଛାଚାରରୁ ଅମଲାମାନେ ରକ୍ଷା ପାଇବେ ସତ୍ୟ ମାତ୍ର ତହିଁ ପରବର୍ତ୍ତିରେ ଯେଉଁ ଦଣ୍ଡ ହେବ ତାହା ତ ଜାଣିବା ପର୍ଯ୍ୟନ୍ତ ନିର୍ଭୟ ହେବ ନାହିଁ ।

ଝିନ୍ଦର ରାଜା ନାବାଳଗ ବୟସ ଅତିକ୍ରମ କରିବାରୁ ସ୍ୱରାଜ୍ୟ ଶାସନ କରିବାର ଅଧିକାର ଗବର୍ଣ୍ଣମେଣ୍ଟଠାରୁ ପ୍ରାପ୍ତ ହୋଇଅଛନ୍ତି । ମାତ୍ର ଲେଫ୍ଟେନଣ୍ଟ ଗବର୍ଣ୍ଣରଙ୍କ ବିବେଚନାରେ ତାହାଙ୍କର ବାଲ ସୁଲଭରୁଚି ଅବଧି ଯାଇ ନାହିଁ ଏବଂ ସବୁ ସ୍ଥିର ଦୃଢ଼ ଅସ୍ଥା ଜନ୍ମି ନାହିଁ । ଏଥିପାଇଁ ଅଳ୍ପକାଳ ନିମନ୍ତେ ସେ ଜଣେ ଇଂରେଜ କର୍ମଚାରୀଙ୍କ ପରାମର୍ଶ ଅନୁସାରେ ଶାସନ କାର୍ଯ୍ୟ କରିବେ । ସୁତରାଂ ବର୍ତ୍ତମାନ ନିମନ୍ତେ ଜଣେ ଇଂରେଜ କର୍ମଚାରୀ ପ୍ରକୃତ ଶାସନକର୍ତ୍ତା ଏବଂ ରାଜା କେବଳ ସାକ୍ଷୀ ଗୋପାଳ ହେଲେ ।

ଉତ୍ତର ପଶ୍ଚିମର ଜଣେ ବିଖ୍ୟାତ ହିତାସ୍ପଦ ବାବୁ ଗୋସାଇଁ ପନ୍ନାଲାଲ ପଣ୍ଡିତ ବଡ଼ ସୁଖ୍ୟାତି ଲାଭ କରୁଅଛନ୍ତି । ବଡ଼ଲାଟ କର୍ଜନ ବାହାଦୂର ଦିଲ୍ଲୀରେ ଉପସ୍ଥିତ ହୋଇଥିବା କାଳରେ ସେ ଓ ତାହାଙ୍କର ସହଧର୍ମିଣୀ ସିତାର ବାଦ୍ୟ ଶୁଣିବାକୁ ଇଚ୍ଛା କରିବାରେ ଗୋସାଇଁଜୀ ତହିଁପାଇଁ ମନୋନୀତ ହେଲେ ଏବଂ ତାହାଙ୍କର ଆଶ୍ଚର୍ଯ୍ୟ ବାଦ୍ୟ ଶକ୍ତିରେ ଉଭୟେ ଅତ୍ୟନ୍ତ ଆନନ୍ଦିତ ହୋଇ ଲେଡି କର୍ଜନ ଗୋସାଇଁ ଜୀଙ୍କୁ ଏକ ପ୍ରଶଂସାପତ୍ର ପ୍ରଦାନ କରିଅଛନ୍ତି । ଏମନ୍ତ ୬ ଟି ସ୍ଥାନରୁ ପ୍ରଶଂସାପତ୍ର ପାଇବା ଅତ୍ୟନ୍ତ ଭାଗ୍ୟର ବିଷୟ ଅଟେ । ଧନ୍ୟ ଗୋସାଇଁ ପନ୍ନାଲାଲ !

ଭାଗଲପୁର ଚିକିତ୍ସା ସମାଜ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କୁ ଏକ ସୁଯୁକ୍ତିପୂର୍ଣ୍ଣ ଆବେଦନ ପତ୍ର ପଠାଇ ତହିଁରେ ପ୍ରାର୍ଥନା କରୁଅଛନ୍ତି କି ଭାରତରେ ଡାକ୍ତରୀ କାର୍ଯ୍ୟ କରିବାର ଯୋଗ୍ୟତା ନିମନ୍ତେ ବିଲାତରେ ଯେଉଁ ପରୀକ୍ଷା ଗୃହୀତ ହେଉଅଛି ତାହା ବିଲାତ ଏବଂ କଲିକତା ଉଭୟ ସ୍ଥାନରେ ଏକସମୟରେ ଗୃହୀତ ହେଉ ଏବଂ ଭାରତର ବିଶ୍ୱବିଦ୍ୟାଳୟମାନଙ୍କର ଉତ୍ତୀର୍ଣ୍ଣ ଛାତ୍ରମାନେ ସେ ପରୀକ୍ଷା ଦେବାର ଯୋଗ୍ୟ ବ୍ୟକ୍ତିଙ୍କ ମଧ୍ୟରେ ପରିଗଣିତ ହେଉନ୍ତୁ । ପ୍ରାର୍ଥନାଟି ନ୍ୟାଯ୍ୟ ସଙ୍ଗତ ଏ କଥା ବୋଲିବା ଅଧିକ ଏବଂ ଯେବେ ବିଲାତି ଡାକ୍ତରମାନେ

Digitized by srujanika@gmail.com

ସ୍ଥାନରେ କାର୍ଯ୍ୟ କରିବାକୁ ସୁଖ ପାଉ ନ ଥିବା ସତ୍ୟ ହୁଏ ତେବେ ଗବର୍ଣ୍ଣମେଣ୍ଟଙ୍କର ଏଥିରେ ଅସନ୍ତୁଷ୍ଟ ହେବାର ହେତୁ ନାହିଁ ।

ଅନ୍ନକଷ୍ଟ ।—ବହୁତ ଅଞ୍ଚଳରେ ଅନ୍ନକଷ୍ଟ ପଡିବାରୁ ରାଜା ଦେବାନଙ୍କ ସହିତ ସାହାଯ୍ୟର ବନ୍ଦୋବସ୍ତ ବିଷୟରେ ବିଚାର କରୁଅଛନ୍ତି । ଯେଉଁଠାରେ ଟଙ୍କାକୁ ଛଅ ମାଣ ଧାନ ମିଳୁଥିଲା । ରାଜା ଅଠ ମାଣି ବିକ୍ରିକରିବାକୁ ମନାହ କରିଅଛନ୍ତି ।

ଦୁର୍ଭିକ୍ଷ ସାହାଯ୍ୟ ସ୍ୱରୂପ ଅନୁଗୁଳର ସ୍ଥାନେ ସ୍ଥାନେ ପୋଖରୀ, ସଡ଼କ, ବନ୍ଧ କାମ ଲାଗିଅଛି ଏବଂ କୁଲୁରସିଂହା ନିକଟରେ ଖଣ୍ଡେ ଜଙ୍ଗଲ କଟା କାମ ଲାଗିବାରୁ ଲୋକଙ୍କୁ ଏକ ଅଣାଠାରୁ ଦୁଇଅଣା ପର୍ଯ୍ୟନ୍ତ ମଜୁରି ମିଳୁଅଛି । ଏପରି ଭୁବନା, ଖଣ୍ଡବେଢ଼, ପାଣ୍ଡଗଡ଼, କୁଲୁରସିଂହା ଓ ଜାରସ ଏହି କେନ୍ଦ୍ରରେ ଏକ ହଜାର ଟଙ୍କାର ଚାଉଳ ଜମା ରଖି ଅସମୟରେ ଗରିବଙ୍କୁ ବାଣ୍ଟିବାର ବନ୍ଦୋବସ୍ତ ହେଉଅଛି ।

ତାଲଚେରରେ ଗରିବଙ୍କୁ ଗୃହାଳ ଇଣ୍ଡିବଣ୍ଡ ନ କରିବା ନିମନ୍ତେ ସୁପରିଣ୍ଟେଣ୍ଡେଣ୍ଟ ସାହେବ ଘର ତିଆରି ଟଙ୍କା ମଞ୍ଜୁରି କରି ଥିବାର ଶୁଣା ଯାଉ-ଅଛି ।

ପୁରୀ କ୍ଷେତ୍ରରେ ଯାତ୍ରୀମାନଙ୍କର ବସାଘରର ଉନ୍ନତି ନିମନ୍ତେ କଲିକତା ସହରର ମୁଙ୍ଗେର ସୁମନ୍ତଭାଇ ଲାଲ ନାମକ କୋଠିର ଅନ୍ତର୍ଗତ ବାବୁ ବଟକୃଷ୍ଣ ବୋଷ କଲିକତା ନିବାସୀ ରାୟ କୈଲାସଚନ୍ଦ୍ର ବସୁ ବାହାଦୂରଙ୍କ ମାରଫତରେ ବଙ୍ଗଳାର ସାନିଟାରୀ କମିଶନରଙ୍କ ନିକଟକୁ ୨୫୦୦୦ ଟଙ୍କା ଦାନ ସ୍ୱରୂପ ପଠାଇ ଦେଇ କମିଶନର ସାହେବଙ୍କ ଅଭିପ୍ରାୟରେ ସେ ଟଙ୍କା ବ୍ୟୟ କରିବାର ଅଧିକାର ଦେଇ ଅଛନ୍ତି । ବଙ୍ଗୀୟ ଲେପ୍ଟେନେଣ୍ଟ ଏହି ଉତ୍କୃଷ୍ଟ ଦାନ ନିମନ୍ତେ ତାହାଙ୍କୁ ଯଥୋଚିତ ଧନ୍ୟବାଦ ଦେଇ ଏବଂ ସର୍ବସାଧାରଣଙ୍କ ଜାଣିବା ନିମନ୍ତେ ଏ ବିଷୟ କଲିକତା ଗେଜେଟରେ ପ୍ରକାଶ କରିବାର ଆଦେଶ ଦେଇଅଛନ୍ତି । କମିଶନର ସାହେବ କିପରି ପ୍ରକାରରେ ବ୍ୟୟ କରିବାକୁ ଇଚ୍ଛା କରନ୍ତି ତାହା ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବେ ଏବଂ ମଞ୍ଜୁରି ନେଇ ଖରଚ କରିବେ । ଗତ ରଥଯାତ୍ରା ବେଳେ ପୁରୀଠାରେ ଯାତ୍ରୀଙ୍କର ବସାଘରର କଷ୍ଟ ଶୁଣି ବୋଷ ମହାଶୟ ଏ ଦାନ କରି ଅଛନ୍ତି ସ୍ପଷ୍ଟ ଜଣା ଯାଉଅଛି ଏବଂ ଏହା ତାହା-ଙ୍କର ଦୟାର୍ଦ୍ର ଚିତ୍ତର ଉତ୍କୃଷ୍ଟ ପରିଚୟ ଦେଉ-ଅଛି । ଏମନ୍ତ ଧର୍ମପରାୟଣ ବ୍ୟକ୍ତି ଅବଶ୍ୟ ଦୁର୍ଲଭ ଅଟନ୍ତି ।

ଗତ ତା ୧୨ ରିଖଠାରୁ ତା ୧୬ ରିଖ ପର୍ଯ୍ୟନ୍ତ ଦ ୫ ଦିନ ପ୍ରତି ଶେଷ ରାତ୍ରରେ ତାରାବାଜି ପରି ଆକାଶରୁ ବହୁ ପରିମାଣ ଉଲ୍କା ବୃଷ୍ଟି ହେବାର ଜ୍ୟୋତିର୍ବିତ୍ମାନେ ଗଣନା କରିଥିବାରୁ ସେହି ଅପୂର୍ବ ମନୋହର ଦୃଶ୍ୟ ଦେଖିବାପାଇଁ ଭାରତର ସ୍ଥାନେ ସ୍ଥାନେ ଯେଉଁମାନେ ରାତ୍ରରେ ଜଗିଥିଲେ ସେମାନଙ୍କର ଆଶା ପୂର୍ଣ୍ଣ ହେଲା ନାହିଁ ଓ ରାତ୍ରିଜାଗରଣ ସାର ହେଲା । କଲିକତାର ସେଣ୍ଟଜେଭିଅର କଲେଜର ପାଦରିସାହେବମାନେ ୧୨ ଗୋଟିରୁ ଅଧିକ ଉଲ୍କାପାତ ଦେଖି ନାହାନ୍ତି । ମାନ୍ଦ୍ରାଜର ନଙ୍ଗମ୍ବାକମ୍ ସରକାରୀ ମାନମନ୍ଦିରରେ ତା ୧୪ ରିଖ ଶେଷ ରାତ୍ରରେ କେବଳ ଗୋଟିଏ ନକ୍ଷତ୍ର ଖସିବାର ଦେଖା ଯାଇଥିଲା । ଦକ୍ଷିଣ ଦର୍ଶକମାନେ ଅପେକ୍ଷା କରୁ ଦେଖି ନାହାନ୍ତି ସେମାନେ କହନ୍ତି ଆଗାମୀ ବର୍ଷକୁ ଅପେକ୍ଷା କରାଯାଉ । ପୁନାରେ ଶୁକ୍ରବାର ସକାଳେ ଅଳପ ନକ୍ଷତ୍ର ଖସିବାର ଦେଖା ଯାଇଥିଲା । କେବଳ ରୁଡ଼କୀଦର୍ଶକମାନେ ୧୩ ଓ ୧୫ ତାରିଖ ମଧ୍ୟରେ ୨୪ ଗୋଟି ଉଲ୍କା ଦେଖିଥିଲେ । ପୃଥିବୀର ଅନ୍ୟ କୌଣସି ଅଂଶରେ ଉଲ୍କାପାତ ଅଧିକ ପରିମାଣରେ ହୋଇଥିବ ମାତ୍ର ଭାରତବାସିଙ୍କର ତୃପ୍ତି ହେଲା ନାହିଁ ।

ବଙ୍ଗପ୍ରଦେଶରେ ପଥ ଓ ପ୍ରଦେଶୀୟ କର ସନ ୧୮୮୩।୮୪ ସାଲରେ ଆରମ୍ଭ ହେବା ସମୟରେ ଟ ୧୩,୧୧,୬୮,୪୩୨ ଟଙ୍କା ଖଜଣା ଉପରେ ତାହା ଧାର୍ଯ୍ୟ ହୋଇଥିଲା । ସନ ୧୮-୯୩।୯୪ ସାଲରେ ତାହା ଟ ୧୬,୩୬,୦୭,୨୪୭ କାରୁ ଏବଂ ଗତ ସନ ୧୮୯୪।୯୫ ସାଲରେ ଟ ୧୬,୫୩,୭୩,୧୧୭ ଟଙ୍କାକୁ ବୃଦ୍ଧି ହେଲା । ବୃଦ୍ଧିର କାରଣ ବର୍ଦ୍ଧମାନ, ମେଦିନୀପୁର, ବାକରଗଞ୍ଜ ପ୍ରଭୃତି ଜିଲ୍ଲାର ପଥ ଓ ପ୍ରଦେଶୀୟ କରର ନୂତନ ବନ୍ଦୋବସ୍ତ । ଅତଏବ ଆଦ୍ୟରୁ ଗତବର୍ଷ ପର୍ଯ୍ୟନ୍ତ ଖଜଣା ମୋଟରେ ପ୍ରାୟ ୩୫ କୋଟି ଏବଂ ପୂର୍ବବର୍ଷଠାରୁ ପ୍ରାୟ ୧୮ ଲକ୍ଷ ୬୭ ହଜାର ଟଙ୍କା ବଢ଼ିଅଛି । ତଦନୁସାରେ ପୂର୍ବବର୍ଷରେ ଟ ୮୮,୭୧,୭୧୩ ଟଙ୍କା କର ଆଦାୟ ହୋଇଥିବା ସ୍ଥଳେ ଗତବର୍ଷ ଟ ୯୦,୦୨,୪୪୯ ଟଙ୍କା ଆଦାୟ ଅର୍ଥାତ୍ ଟ ୧,୩୫,୭-୩୧ ଟଙ୍କା ବୃଦ୍ଧି ହୋଇଅଛି । କର ଆଦାୟ ନିମନ୍ତେ ଗତବର୍ଷ ଟ ୧,୨୫,୨୧୭ ଏବଂ ତହିଁ ପୂର୍ବବର୍ଷ ୧,୦୧,୪୧୯ ସାର୍ଟିଫିକେଟ ଜାରି ହୋଇ-ଥିଲା ଏବଂ ଯଥାକ୍ରମେ ୩,୩୨୩ ଏବଂ ୨,୮୭୭ ଜମିର ନିଲାମ ହୋଇଥିଲା ଅର୍ଥାତ୍ ଉଭୟର ପରିମାଣ ବୃଦ୍ଧି ହୋଇଅଛି । ସବାପେକ୍ଷା ଅଧିକ ଅର୍ଥାତ୍ ୧୦,୫୭୭ ସାର୍ଟିଫିକେଟ ହୁଗଲିରେ ଏବଂ ସବାପେକ୍ଷା ଊଣା ଅର୍ଥାତ୍ ୫,୧୮୩ ସାର୍-ଟିଫିକେଟ କଟକ ଜିଲ୍ଲାରେ ଜାରି ହୋଇଥିଲା । ମାନ୍ୟବର ଲେପ୍ଟେନେଣ୍ଟଙ୍କ ବିବେଚନାରେ ଗତ ବର୍ଷର କାର୍ଯ୍ୟ ସନ୍ତୋଷଜନକ ଅଟେ ।

ମହୀଶୂରରେ ପ୍ରାୟ ୩୦୦ ଘର ନର୍ତ୍ତକୀ ବା ଦାସୀ ଅଛନ୍ତି । ସେମାନେ ସ୍ୱଜାତୀୟ ଉନ୍ନତି ନିମନ୍ତେ ଗୋଟିଏ ସଭା ସ୍ଥାପନ କରିଅଛନ୍ତି । ସଭାର କାର୍ଯ୍ୟନିର୍ବାହ ସମିତିରେ ୨୫ ଜଣ ସଭ୍ୟ ନିଯୁକ୍ତ ହୋଇଅଛନ୍ତି । ସମିତି ନିମ୍ନଲିଖିତ କାର୍ଯ୍ୟ କରିବେ ଯଥା (୧) ଜାତି ସମ୍ବନ୍ଧୀୟ ସକଳ ବିଷୟ ଉନ୍ନତି କରିବା, (୨) ବ୍ୟବସାୟ ଘଟିତ ବିବାଦମାନ ଭାଙ୍ଗିବା, (୩) ସେହି ଜାତୀୟ ବାଳକ ଓ ବାଳିକାମାନଙ୍କର ଶିକ୍ଷାର ବନ୍ଦୋ-ବସ୍ତ କରିବା ଏବଂ (୪) ଗୋଟିଏ ପାଣ୍ଠି ସଂଗଠିତ କରିବା । ସଭାର ଅନ୍ୟାନ୍ୟ ଅଧିବେଶନରେ ସ୍ଥିର ହୋଇଅଛି ଯେ ଅଧୁନାତନଃ ଘର ପ୍ରତି ଏକଟଙ୍କା ଲେଖାଏଁ ମାସିକ ଦେବା ହେବେ ଯେ ତଦ୍ୱାରା ପୁରୁଷ ଓ ସ୍ତ୍ରୀ ପିଲଙ୍କର ଶିକ୍ଷାର ବ୍ୟୟ ନିର୍ବାହ ହେବ । ଲେଖାପଢ଼ା, ଧର୍ମ, ଏବଂ ସଙ୍ଗୀତ ଶିକ୍ଷାର ବିଷୟ ହେବ ଏବଂ ତହିଁ ନି-ମନ୍ତେ ଉପଯୁକ୍ତ ଶିକ୍ଷକମାନ ନିଯୁକ୍ତ ହେବେ । ଏହା ଛଡ଼ା ନୃତ୍ୟ ଗୀତ ବ୍ୟବସାୟଦ୍ୱାରା ଯେ ଯାହା ଅର୍ଜିବେ ତହିଁର ଚତୁର୍ଥାଂଶ ସଭାକୁ ଦେବେ ଯେ ତାହା ଗୋଟିଏ ପାଣ୍ଠି ସ୍ୱରୂପ ଗଚ୍ଛିତ ହୋଇ ତହିଁର ସୁଧ ଜାତୀୟ ଦୁଃଖୀମାନଙ୍କ ସାହାଯ୍ୟ ଦିଆଯିବ । ଏ ସଭାର ସଭାପତି ଓ ସମ୍ପାଦକଙ୍କ ନାମ ପ୍ରକାଶ ହୋଇଥିଲେ ଭଲ ହୋଇଥାନ୍ତା । ଏ ପ୍ରଦେଶରେ ଦାସୀମାନଙ୍କର ମହନ୍ତ ଅଧିକାରୀ ପ୍ରଭୃତି ଅଛନ୍ତି ଓ ଜାତୀୟ ସଭାରେ ସକଳ ବିଷୟ ବୁଝା ସୁଝା ହୁଅଇ । ମାତ୍ର ଶିକ୍ଷା ଓ ସାହାଯ୍ୟର ବ୍ୟବସ୍ଥା କିଛି ନାହିଁ । ମହୀଶୂର ନର୍ତ୍ତକୀ ସଭା ସଫଳ ହେଲେ ଅନ୍ୟତ୍ର ତହିଁର ଅନୁକରଣ ହେବା ସମ୍ଭବ ହେବ

Digitized by srujanika@gmail.com

ଏବଂ ଯେବେ ନୃତ୍ୟ ଗୀତ ବାଦ୍ୟ ସଙ୍ଗେ ସାହିତ୍ୟ ଓ ଧର୍ମ ଶିକ୍ଷାର ଉନ୍ନତି ହେବ ତେବେ ସଭାର ଶ୍ରମ ସଫଳ ହେବ ନାହିଁ ।

ଜାଲ ମନୁଷ୍ୟ ।—ଯାଜପୁର ଥାନା ଅନ୍ତର୍ଗତ ବେଲମପୁର ବଡ଼ଶାସନର ଝିଙ୍ଗାପଡ଼ା ନାମକ ଏକ ସାଠିଏ ବ୍ରାହ୍ମଣ ଯୁବକ ବିବାହର ପରେ ପ୍ରାୟ ୨୦ ବର୍ଷ ହେଲା ଦେଶାନ୍ତରିତ ହୋଇ ଯାଇଅଛି ଓ ତାହାର ବିବାହିତା ସ୍ତ୍ରୀ କେତେବେଳେ ବଡ଼ଶାସନ ଶ୍ୱଶୁରାଳୟରେ ଓ ଅଧିକାଂଶ ସମୟ ଉଦରଶାଥାନା ଅନ୍ତର୍ଗତ ଷଣ୍ଢ ସଂଶାସନ ଆପଣା ପିତାଳୟରେ ବିଧବା ଅବସ୍ଥାରେ ବାସ କରୁଥାଏ । ଧାମନଗର ଥାନାଅନ୍ତର୍ଗତ ବେତଳୀ ଗ୍ରାମର ଭଗବାନ ସାହୁ ନାମକ ଏକ ସୁନାରି ବଣିଆ ଆପଣାର ସ୍ତ୍ରୀ ପୁତ୍ରାଦିଙ୍କୁ ପରିତ୍ୟାଗ କରି ଗ୍ରାମର ଅପର ଏକ ସ୍ତ୍ରୀକୁ ତାହା ଘରୁ ବାହାର କରି ନେଇ କଲିକତା ଅଞ୍ଚଳକୁ ଚାଲିଯାଇଥିଲା କେତେକ ଦିନ ପରେ ସେ ଉକ୍ତ ସ୍ତ୍ରୀକୁ ପରିତ୍ୟାଗ କରି ଗେରୁଆ ବସନ ଓ ଭଗବତ ଭୂଷଣ ହୋଇ ବୈଷ୍ଣବ ରୂପରେ ସେହି ଶାସନରେ ପହଞ୍ଚି ଏକ ଗଛମୂଳ ଘରେ ଆଶ୍ରୟ ନେଇ ଲୋକମାନଙ୍କୁ ବିଭୂତି ଦେଇ ଅଲୌକିକ ଚରିତ୍ର ଜନମତ ଜାଣି କଲେ । ଗୁରୁଅନ୍ତେ ନାମ ବାହାରିଗଲା ଓ ପ୍ରତ୍ୟହ ଅନେକ ଲୋକଙ୍କ ସମାଗମ ହେଲା । ଜନୁଦେଶ୍ୟ ଝିଙ୍ଗାପଡ଼ାର ଚେହେରା ସହିତ ଉକ୍ତ ବୈଷ୍ଣବ ଚେହେରା ସାଦୃଶ୍ୟ ଥିବାରୁ ସେହି ସୂତ୍ରରେ ଝିଙ୍ଗାପଡ଼ାର ସ୍ତ୍ରୀ ସହିତ ତାହାର ପରିଚୟ ଓ ଗୁପ୍ତ ପ୍ରଣୟ ହେଲା । ସେ ସ୍ତ୍ରୀ ଅପଣା ପିତାମାତାଙ୍କ ଠାରେ ପରିଚୟ ଦେବନ୍ତେ ସେମାନେ ବୈଷ୍ଣବଙ୍କୁ ଅପଣା ଘରକୁ … ନ୍ତି କେତେକ ଦିନ ପରେ ବଡ଼ଶାସନକୁ ସମ୍ବାଦ … ରୁ ସେ ଝିଙ୍ଗାପଡ଼ାର ଭାଇ ଓ ପ୍ରଭୃତି … ଅପଣା ଘରଠାକୁ ନେଇଆସିଲେ । … ଗତ ହେଲ ପର ଦିନରେ ଉକ୍ତ … ଙ୍ଗାପଡ଼ାର ଜଣେ ବନ୍ଧୁ ବରଙ୍କୁ … ଠାରୁ ସେଠାରେ ପହଞ୍ଚି ତାହାକୁ … ତାହାସହିତ ଝିଙ୍ଗାପଡ଼ାର … ଗ୍ରାମବାସୀଙ୍କର ବୁଦ୍ଧି ଲୋପ … ହେଲ ଅବଶେଷରେ ସେ ପୁଲିସ କର୍ତ୍ତୃକ ଧୃତ … ଦଣ୍ଡବିଧି ଆଇନର ୪୭୮/୪୧୯ ଧାରା … ନମାନେ ଅଭିଯୁକ୍ତ ହୋଇ ହାଜତ ବାସ … କରୁଅଛି ମକଦ୍ଦମା ବିଚାରାଧୀନରେ ଅଛି ଏଥିର … ଫଳ ପରେ ପ୍ରକାଶ କରିବୁଁ ।

—※—

ଶିକ୍ଷା ବିଷୟରେ ନୂତନ ବିଧି ।

ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ଶିକ୍ଷା ସମ୍ବନ୍ଧୀୟ ନିୟମାବଳୀର ଏକ ନୂତନ ସଂସ୍କରଣ ପ୍ରସ୍ତୁତ କରି ସ୍ଥାନୀୟ ଗବର୍ଣ୍ଣମେଣ୍ଟ ଗେଜେଟରେ ପ୍ରଚାର କରିଅଛନ୍ତି । ତହିଁରେ କେତୋଟି ନୂତନ ନିୟମ ସନ୍ନିବେଶ ହୋଇଅଛି । ଗୋଟିକର ମର୍ମ ଏହି ଯେ କୌଣସି ସାହାଯ୍ୟ ପ୍ରାପ୍ତ ବିଦ୍ୟାଳୟର ତତ୍ତ୍ୱାବଧାରକ କାର୍ଯ୍ୟାଧ୍ୟକ୍ଷ ଅଥବା ଶିକ୍ଷକମାନେ ସାକ୍ଷାତ ଅଥବା ଗୌଣ ଭାବରେ କୌଣସି ରାଜନୈତିକ ଚର୍ଚ୍ଚା ବା ଆନ୍ଦୋଳନରେ ଯୋଗ ଦେବେ ନାହିଁ ଏବଂ କୌଣସି ରାଜନୈତିକ ସଭାରେ ଡିରେକ୍ଟରଙ୍କର ଅନୁମତି ବିନା ଉପସ୍ଥିତ ହେବେ ନାହିଁ । ଅନ୍ୟ ଏକ ନିୟମରେ ସାହାଯ୍ୟ ପ୍ରାପ୍ତ ବିଦ୍ୟାଳୟରେ ପଠିତ ହେଉ ଥିବା କୌଣସି ପୁସ୍ତକ ନିଷେଧ କରିବାର ଅଧିକାର ଗବର୍ଣ୍ଣମେଣ୍ଟ ସ୍ୱହସ୍ତରେ ରଖି ଅଛନ୍ତି ଏବଂ ଅନ୍ୟ ଏକ ନିୟମରେ ସାହାଯ୍ୟ ପ୍ରାପ୍ତ ବିଦ୍ୟାଳୟର ମ୍ୟାନେଜର ଏବଂ ଶିକ୍ଷକମାନଙ୍କ ଅଧିକାର ଦିଆଯାଇଅଛି ଯେ କୌଣସି ଛାତ୍ର ସ୍କୁଲର ସମୟ ଛଡ଼ା ଅନ୍ୟ ବେଳେ ଅନ୍ୟତ୍ରରେ କୌଣସି ମନ୍ଦାଚରଣ କରିବାର ଜାଣି ପାରିଲେ ଶାସନ କରି ପାରିବେ । ଏ ସମସ୍ତ ନିୟମର ଯେ ଗୋଟିଏ ଉଦ୍ଦେଶ୍ୟ ତାହା କହି ଦେବାକୁ ହେବ ନାହିଁ । ମାନ୍ଦ୍ରାଜର ବର୍ତ୍ତମାନ ଗବର୍ଣ୍ଣର ସର ଆର୍ଥର ହାଭଲକଙ୍କ ଅମଳରେ ଏମନ୍ତ ଅସଙ୍ଗତ ନିୟମ ପ୍ରଚଳିତ ହେଲା ଏହାଇ ଆଶ୍ଚର୍ଯ୍ୟ । ସରକାରୀ ବିଦ୍ୟାଳୟ ସମ୍ବନ୍ଧରେ ସରକାର ଯାହା ଇଚ୍ଛା ନିୟମ କରି ପାରନ୍ତି । ମାତ୍ର ସାହାଯ୍ୟ ପ୍ରାପ୍ତ ବିଦ୍ୟାଳୟ ସରକାରୀ ବିଦ୍ୟାଳୟ ନୁହେ । ଲୋକେ ସ୍ୱତଃ ପ୍ରବୃତ୍ତ ହୋଇ ବିଦ୍ୟାଳୟ ସ୍ଥାପନ କଲେ ସେମାନଙ୍କ ଉତ୍ସାହ ନିମନ୍ତେ ସରକାର ସାହାଯ୍ୟ ଦେଇ ଶିକ୍ଷା ବିସ୍ତାରର ଅଧିକତର ସୁବିଧା କରି ଦିଅନ୍ତି । ସେ ସବୁ ବିଦ୍ୟାଳୟର ତତ୍ତ୍ୱାବଧାରକ ବା କାର୍ଯ୍ୟ ନିର୍ବାହକମାନେ ବେତନଭୋଗୀ ଭୃତ୍ୟ ନ ଥିବା ସ୍ଥଳେ ସେମାନଙ୍କ ସ୍ୱାଧୀନତାରେ ହସ୍ତକ୍ଷେପ କରିବାର ଯୁକ୍ତିସଙ୍ଗତ କୌଣସି କାରଣ ଜଣା ଯାଉ ନାହିଁ । ଉପର ଲିଖିତ ଅନ୍ୟାୟ ନିୟମମାନଙ୍କର ଫଳ ଏହି ହେବ ଯେ ସ୍ୱାଧୀନଚେତା କାର୍ଯ୍ୟାଧ୍ୟକ୍ଷମାନେ ବିଦ୍ୟାଳୟର ଭାର ନେବାକୁ ଇଚ୍ଛା କରିବେ ନାହିଁ ଏବଂ ତଦ୍ୱାରା ଶିକ୍ଷା ବିସ୍ତାରର ବ୍ୟାଘାତ ଘଟିବ । ଏଥି ମଧ୍ୟରେ ମାନ୍ଦ୍ରାଜ ପ୍ରଦେଶର ଅନେକ ସଭା ସମିତି ଏ ନିୟମାବଳୀର ଘୋର ପ୍ରତିବାଦ କରିବାର ଆୟୋଜନ କରୁଅଛନ୍ତି ଏବଂ ଗବର୍ଣ୍ଣମେଣ୍ଟ ଯେବେ ତାହା ନ ଶୁଣିବେ ତେବେ ସାଧାରଣ ଆନ୍ଦୋଳନ ବିନା ଇଷ୍ଟ ଲାଭ କଷ୍ଟ ହେବ ନାହିଁ । ଆଜ ରାଜନୈତିକ ଚର୍ଚ୍ଚା ପ୍ରତି ଏତେ ବିରାଗ କାହିଁକି ? ରାଜନୈତିକ ଚର୍ଚ୍ଚାର ମୂଳ ଅଭିପ୍ରାୟ ସାଧାରଣ ଦୁଃଖ ଜଣାଇବା ବିନା ଅନ୍ୟ କିଛି ନୁହେ । ଦୁଃଖ ପ୍ରକାଶ କଲେ ତହିଁର ବେଦନା ଲଘୁ ହୁଅଇ ମାତ୍ର ତହିଁରେ ବାଧା ପଡିଲେ ବେଦନା ବଢ଼େ । ସୁତରାଂ ଗବର୍ଣ୍ଣମେଣ୍ଟ ଏହା ଜାଣି ବିପରୀତ କାର୍ଯ୍ୟ କରୁଅଛନ୍ତି ବଡ଼ ଦୁଃଖର ବିଷୟ ।

ଧବଳେଶ୍ୱର ।

ଧବଳେଶ୍ୱରଙ୍କ ସ୍ଥାନ ଯେମନ୍ତ ରମଣୀୟ, ଦେବଙ୍କ ମହିମା ଦିନକୁ ଦିନ ଯେମନ୍ତ ବିସ୍ତାରିତ ହେଉଅଛି ସେହି ପରିମାଣରେ ଜନତା ବୃଦ୍ଧି ହେଉଅଛି । ଅସଂଖ୍ୟ ଯାତ୍ରୀ ସମାଗମ ସ୍ଥଳରେ ଶାନ୍ତି ରକ୍ଷାର ବିଶେଷ ବନ୍ଦୋବସ୍ତ ନାହିଁ । ଗତସାଲ ସମୟରେ ଆମ୍ଭେମାନେ ଯେପରି ଭିଡ଼ ଦେଖିଲୁଁ ତହିଁରେ ମନୁଷ୍ୟ ମରି ପଡ଼ିବାର ଅସମ୍ଭବ ନୁହେ । ଜଣେ ଜମିଦାର ସନ୍ତାନ ସେବକ ଭିଡ଼ରେ ପଡି ଅତି ସଙ୍କଟାପନ୍ନ ଅବସ୍ଥାରେ ସ୍ୱୀୟ ଶକ୍ତି ବାହରେ ଆଶ୍ରୟ ନେଇ ଖଳାସ କରୁଥିଲେ । ଏତେ ଜନତାରେ ରାଜାଙ୍କ ତରଫରୁ କେବଳ ଦୁଇଜଣ ମାତ୍ର କନଷ୍ଟବଲ ଉପସ୍ଥିତ ଥିଲେ । ଏଠାରେ କଟକ ଯାତ୍ରୀ ଅସଂଖ୍ୟ ସେମାନେ ସ୍ଥାନୀୟ ନିଷେଧ ମାନନ୍ତି ନାହିଁ । ଡୋଙ୍ଗାମାନେ ବେଢ଼ା ମଧ୍ୟରେ ଏପରି ଜଳାକୀର୍ଣ୍ଣ ହୋଇ ଡୋଙ୍ଗାର ଛିଦ୍ର ଥାନ୍ତି ଯେ ଦୁଇ ଚାରି ଜଣ ମନୁଷ୍ୟ ସ୍ୱଚ୍ଛନ୍ଦରେ ଗମନାଗମନ କରିବା କଷ୍ଟକର । ଅନେକ ଡୋଙ୍ଗାର ଉପରେ ଲୋକ ମଡ ପଡ଼ି ଭୁଡ଼ ଉଲଟି ଦେବାର ଆମ୍ଭେମାନେ ଦେଖିଅଛୁଁ । ଆମ୍ଭେମାନେ ଭକ୍ତ ଶ୍ରେଣୀ ହୋଇ ଥିବାରୁ ଶ୍ରୀଯୁକ୍ତ ରୁଷମାନଙ୍କୁ ବିନୀତ ଭାବରେ ଜଣାଉଅଛୁଁ ଯେ ଯାତ୍ରା ପୂର୍ବରୁ ଉପର ବେଢ଼ା ଓ ତଳ ବେଢ଼ାକୁ ସାଫ କରାଇଦେଇ ତଳ ବେଢ଼ାରେ କେବଳ ଡୋଙ୍ଗାମାନଙ୍କୁ ବସାଇବାର ବନ୍ଦୋବସ୍ତ କରାଇ ଦେବେ । ଉପର ବେଢ଼ା ଖାଲି ରହିଲେ ଆଉ ଏପରି ଭିଡ଼ ହେବ ନାହିଁ । ପୂର୍ବେ ଏହିପରି ବନ୍ଦୋବସ୍ତରେ ଚଳୁଥିଲା କାଳକ୍ରମରେ ସେବକମାନେ ସ୍ୱେଚ୍ଛାରେ ସବୁ ଉଠାଇ କରି ତଳ ବେଢ଼ାକୁ ନଷ୍ଟ କରି ଦେଇ ଅଛନ୍ତି । ଏ ସବୁ ସରମାନ ଉଠାଇ ଦେବାର

Split by PDF Splitter

ଉଚିତ। ଆଉ ପୂଜାରୀମାନେ ଦେଉଳକୁ ଲଗାଇ ଚୁଲି କରି ତରକାରୀ ଆଦି ରନ୍ଧନ କରନ୍ତି ଏବଂ ସେହି ହାଣ୍ଡିରେ ଠାକୁରଙ୍କ ପାଇଁ ଭୋଗ ମଧ୍ୟ ରନ୍ଧନ କରନ୍ତି ଏବଂ ପଣ୍ଡାମାନେ ସ୍ୱଚ୍ଛନ୍ଦରେ ଦେଉଳର ଗୃହ ପାଖରେ ବ୍ୟବହାର କରୁଅଛନ୍ତି। ଏ ସବୁ ଦେଖି ଅନେକ ଧର୍ମଭୀରୁ ଲୋକ ମନରେ କଷ୍ଟଭୋଗ କରି ସେ ସ୍ଥଳ କେବଳ ଯାତନା ବଦଳି ଭୋଗ ଲଗାଇ ଥିଲେ। ଏ ସବୁ ଅନାଚାରମାନ ବାରଣ ନ ହେଲେ ପ୍ରକୃତ ପକ୍ଷେ ହିନ୍ଦୁ ଧର୍ମର ରକ୍ଷା ହେଉ ନାହିଁ। ପରିଶେଷରେ ଅମ୍ଭମାନଙ୍କର ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କୁ ଅନୁରୋଧ ଯେ ଉକ୍ତ ସ୍ଥାନରେ ସୁବନ୍ଦୋବସ୍ତ ହେବା ପାଇଁ ସେମାନଙ୍କୁ ଉପଦେଶ ଦେବେ।

ଧବଳେଶ୍ୱରଙ୍କଠାରେ ଦୁର୍ବାଜାଳରେ ଶଙ୍କରାଚାର୍ଯ୍ୟ ତପସ୍ୟା କରୁଥିବାର ଗୋଟିଏ ପ୍ରବାଦ ପ୍ରଚଳିତ ଅଛି। ତାହାଙ୍କର ତପସ୍ୟା ସ୍ଥାନ ଗୋଟିଏ ଉଚ୍ଚ ବେଦୀ ଥିଲା। ତାହାକୁ ଶଙ୍କର ବେଦୀ କହନ୍ତି। ବର୍ତ୍ତମାନ ସ୍ଥଳ ସେହି ବେଦୀ ଭାଙ୍ଗି ସେହି ସ୍ଥଳରେ ଗୋଟିଏ ଦେଉଳ ତିଆରି କରାଉଅଛନ୍ତି। ଏହିଁରେ ରାଧା କୃଷ୍ଣ ମୂର୍ତ୍ତି ବସାଇ ଧବଳେଶ୍ୱରଙ୍କୁ ହରିହର କ୍ଷେତ୍ର କରିବା ପାଇଁ ମନ ବଳାଇଅଛନ୍ତି। ମାତ୍ର ଦେଉଳର କାର୍ଯ୍ୟ ଶେଷ ହେଉ ନାହିଁ। ଧବଳେଶ୍ୱର ଆଗ୍ନେୟ ଦିଗ ସେହି ଦେଉଳ କର୍ଣ୍ଣର ଜଡ଼ିତ ରହିଅଛି।

ମଠିଆ ଭଳି ବସନ୍ତଙ୍କ ଧବଳେଶ୍ୱରଙ୍କ ଯେଉଁ ଦେଉଳ ତିଆରି ହୋଇଅଛି ସେଥିରେ ଠାକୁରଙ୍କ ଭୋଗ ତିଆରି ନ ହୋଇ କେବଳ ଯାତ୍ରୀ ରହୁଅଛନ୍ତି। ଗୋଟିଏ କୋଠରୀରେ ରାଧା କୃଷ୍ଣ ମୂର୍ତ୍ତି ଅଛନ୍ତି। ସେବକମାନେ ପାଳି ଅନୁସାରେ ଆପଣା ଆପଣାର ଘର ମାନଙ୍କରେ ଭୋଗ ରାନ୍ଧୁଅଛନ୍ତି। ଏ କଥାଟା ଭଲ ହେଉ ନାହିଁ ଦାତାର ଅଭିପ୍ରାୟ ଅନୁସାରେ କାର୍ଯ୍ୟ ହେବା ଉଚିତ ଏବଂ ଠାକୁରଙ୍କର ପ୍ରତିଦିନ ଗୋଟିଏ ସ୍ଥାନରେ ଭୋଗ ରନ୍ଧନ ହେବା ବାଞ୍ଛନୀୟ।

ଟ୍ରାନ୍ସଭାଲ ଯୁଦ୍ଧ।

ତା ୧୧ ରିଖର ତାରସମ୍ବାଦ ଯେ ଅରେଞ୍ଜ ନଦୀର ଷ୍ଟେସନ ନିକଟସ୍ଥ ସୈନ୍ୟ ଦଳ ସହିତ ବେଲମୋଣ୍ଟର ପୂର୍ବଦିଗ ମା ୪ ମାଇଲ ଅନ୍ତରରେ ଶତ୍ରୁ ସୈନ୍ୟର ଯୁଦ୍ଧ ଘଟିଥିଲା। ଉକ୍ତ ଯୁଦ୍ଧରେ କର୍ଣ୍ଣେଲ କିଥଫାଲ୍ କୋନର ହତ ହୁଏ ଓ ଅନ୍ୟ ତିନିଜଣ କର୍ମଚାରୀ ଓ ଦୁଇଜଣ ସୈନ୍ୟ ଆହତ ହୁଅନ୍ତି।

ତା ୧୨ ରିଖ ତାରସମ୍ବାଦ ଯେ ବୁଅରମାନେ କିମ୍ବର୍ଲିଠାରେ ଦୁଇଜଣ ଅସ୍ତ୍ରହୀନ ଲୋକଙ୍କୁ ଗୁଳିକରିଅଛନ୍ତି। କିମ୍ବର୍ଲିରେ ଗୋଳା ବର୍ଷଣ ଚଳାଇବାର ସୂତ୍ରପାତ କରିଅଛନ୍ତି। ସେଠା ତା ୭ ରିଖ ଯୁଦ୍ଧରେ ଶତ୍ରୁମାନଙ୍କର ତୋପ କୌଣସି କର୍ମର ହୋଇ ନାହିଁ। ଅନ୍ୟ ପକ୍ଷରେ ନ ୭ ଣ ବୁଅର ହତ ହୋଇଅଛନ୍ତି ଓ ଅଧିକ ଅଧିକ ହୋଇ ଥିବାର ସମ୍ଭାବନା।

ମେଫିକିଙ୍ଗ ଯୁଦ୍ଧରେ ନ ୫୦ ଣ ବୁଅର ହତ ହୁଅନ୍ତି ପକ୍ଷରେ ଯତ ସାମାନ୍ୟ ଅର୍ଥାତ ନ ୧୦ ଣ ହତ ଓ ଆହତ ଅବଶେଷରେ ଶତ୍ରୁମାନେ ପରାଜିତ ହୋଇଅଛନ୍ତି।

ବୁଅରମାନେ ଡଲେନେଷ୍ଟୋ ଓ କଲେନ୍ସୋ ନଗର ପରିତ୍ୟାଗ କରିଅଛନ୍ତି।

ତା ୧୩ ରିଖ ତାରସମ୍ବାଦ ଯେ ଆଇରିସ୍ ଫ୍ୟୁସିଲିୟର ଦଳର ଗ୍ରେପଲେନ ଫାଦର ମାଥ୍ୟୁ ଲେଡିସ୍ମିଥ ଧୃତହୋଇ ପ୍ରିଟୋରିଆକୁ ଗୃହୀତ ହୋଇ ଥିଲେ ସେ ବର୍ତ୍ତମାନ ଖଲାସ ପାଇ ଡେଲାଗୋଆ ଉପସାଗରରେ ଉପସ୍ଥିତ ହୋଇ ପ୍ରକାଶ କରି-ଅଛନ୍ତି ଯେ ସେ ଯେଉଁ ସୈନ୍ୟମାନଙ୍କ ସହିତରେ ଧୃତ ହୋଇଥିଲେ ସେମାନଙ୍କ ମଧ୍ୟରୁ କେତେକ ସ୍ୱଇଚ୍ଛାରେ ସାଦା ପତାକା ଉଡ଼ାଇବାରୁ ସମସ୍ତ ଦଳ ବାଧହୋଇ ବଶୀଭୂତ ସ୍ୱୀକାର କରିଥିଲେ।

ତା ୧୪ ରିଖ ତାରସମ୍ବାଦ ଯେ ଏକଜଣ ବୁଅର ଚର ଧୃତ ହୋଇ ହସ୍ତାଧୀନରେ ଅଛି। ବୁଅରମାନେ ଧମକ ଦେଇଅଛନ୍ତି ଯେ ସେମାନଙ୍କ ଚର ନେଥାନମାର୍କ୍ଲ ଫାଶି ହେଲେ ସେମାନେ ପ୍ରିଟୋରିଆରେ ବନ୍ଦିଥିବା ମଧ୍ୟରୁ ନ ୭ ଜଣଙ୍କୁ ଗୁଳି କରି ହତ୍ୟା କରିବେ।"

ସେଣ୍ଟପିଟର୍ସବର୍ଗରୁ ଟାଇମସ୍ ସମ୍ବାଦ ଦାତା ଲେଖିଛନ୍ତି ସୀମାନ୍ତ ପର୍ଯ୍ୟନ୍ତ ରୁଷିୟାଙ୍କର ଅଗ୍ରସର ସମ୍ପୂର୍ଣ୍ଣ ହୋଇଅଛି। ଆମୀରଙ୍କ ମୃତ୍ୟୁ ଘଟିଲେ ମହା ଗୋଳମାଳର ଆଶଙ୍କା ହେଉଅଛି। ମେର୍ଭ ଠାରୁ କୁସ୍କ ପର୍ଯ୍ୟନ୍ତ ଯୁଦ୍ଧ ସମ୍ବନ୍ଧୀୟ ରେଲବାଟ ଠିକ୍ ହୋଇଅଛି।

କିମ୍ବର୍ଲିଠାରେ ଶତ୍ରୁ ସୈନ୍ୟର ଗୋଲାବର୍ଷଣ କୌଣସି ଅନିଷ୍ଟ କରି ନାହିଁ।

ତା ୧୫ ରିଖ ତାରସମ୍ବାଦ ଯେ ଲୁଣ୍ଡନଠାରୁ ସମ୍ବାଦ ଆସିଅଛି ଯେ ବୁଅର ଆକ୍ରମଣକାରୀମାନେ ଅତି ସ୍ପଷ୍ଟ ବେଗରେ ଉତ୍ତର ପଶ୍ଚିମ ନଗରରେ ଯୁଦ୍ଧ କରୁଅଛନ୍ତି। ଗ୍ରେଜଣ୍ଟ ଶତ୍ରୁ ସୈନ୍ୟ କାପ୍ଟେନ ମ୍ୟୁଲେଙ୍କ ତାମ୍ବୁକୁ ତୋପ ଗଡ଼ିଥିଲେ ତଦ୍ୱାରା ଅଶ୍ୱ ଓ ଖଚରମାନେ ଭୟରେ ବ୍ୟସ୍ତ ହୋଇ ଏଣେତେଣେ ସେଣ୍ଟେ ପଳାୟନ କରିଥିଲେ। ବୁଅରମାନେ ଅଶ୍ୱ ମଧ୍ୟ ସେମାନଙ୍କର ଖାଦ୍ୟ ସାମଗ୍ରୀ ସ୍ଥାନ ବେଷ୍ଟନ କରିଥିଲେ। କେତେକ ଇଂରାଜ ସୈନ୍ୟ ପ୍ରାଣ ପଣରେ ବାଧା ଦେଇଥିଲେ ମାତ୍ର ଅବଶେଷରେ ରଙ୍ଗହେଲ ଜଙ୍ଗଲକୁ ପଳାୟନ କରି ଦୁର୍ଗଭୂମିରେ ଆଶ୍ରୟ ନେଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ କର୍ମଚାରୀ ଓ ନ ୫ ଣ ସୈନିକ ପୁରୁଷ ନିରୁଦ୍ଦେଶ ହୋଇଯାଇଛନ୍ତି।

ତା ୧୬ ରିଖ ତାରସମ୍ବାଦ ଯେ ଲରେଞ୍ଜୋ ମାର୍କୁଇଜଠାରୁ ଦବାନରେ ସମ୍ବାଦ ପହୁଞ୍ଚିଅଛି ଯେ ବୁଅର ସେନାପତି ଯୁବାର୍ଟ ଯୁଦ୍ଧରେ ହତ ହୋଇଅଛନ୍ତି। କିନ୍ତୁ କଥା ସତ୍ୟ ନୁହେଁ। ତା ୫ ରିଖ ଲେଡିସ୍ମିଥ ଯୁଦ୍ଧରେ ସେନାପତି ଯୁବାର୍ଟର ହତ ହୋଇଥିବା ସମ୍ବାଦ ଚତୁର୍ଦିଗେ ରଟନା ହୋଇଯାଇଛି।

ଲେଡିସ୍ମିଥର ଏକ ହରକରା ଆସି ପ୍ରକାଶ କରେ ଯେ ଉକ୍ତ ନଗର ନୌସମ୍ବନ୍ଧୀୟ ତୋପ ରକ୍ଷିତ ଥିଲା ରୁଲୁରାଇ ଟାଇମସ୍ ସମ୍ବାଦ ଦାତା କହନ୍ତି ଯେ ତା ୯ ରିଖ ଦିନ ବୁଅରମାନେ [illegible]ଙ୍କୁ ଆକ୍ରମଣ କରନ୍ତି କିନ୍ତୁ ଏକଷଠ [illegible] ସୈନ୍ୟର ସାହାଯ୍ୟରେ ବୁଅରମାନେ ପରାଜିତ ହୋଇଥିଲେ।

ତା ୧୮ ରିଖ ତବେ ଏଷ୍ଟକୋର୍ଟଠାରୁ ଲେଡିସ୍ମିଥ ପର୍ଯ୍ୟନ୍ତ ସ୍ଥାନରେ ଘୋର ତୋପଧ୍ୱନି ଶୁଣା ଯାଉଥିଲା।

କେପଟାଉନ ଠାରେ ୧୮ ସହସ୍ର ସୈନ୍ୟ ପୌଛି ପହୁଞ୍ଚିଅଛନ୍ତି ଏମାନଙ୍କ ମଧ୍ୟରୁ [illegible] ସହସ୍ର ନେଟାଲକୁ ପ୍ରେରିତ ହୋଇଅଛନ୍ତି।

କଲେନ୍ସୋର ଦକ୍ଷିଣ ଭାଗ [illegible] ଅଗ୍ରରରେ ଚଭିଲିଠାରେ ଏକ ଯୁଦ୍ଧ [illegible] ପୂର୍ବ ରେଲକୁ ବୁଅରମାନେ ତୋପଦ୍ୱା[illegible] ଦେଇଥିଲେ। ରେଲର ରାସ୍ତାରେ ୧୮୦ ଜଣ ନିରୁଦ୍ଦେଶ ହୋଇଅ[illegible]

ତା ୧୭ ରିଖ ତାରସମ୍ବାଦ [illegible] ୧୪ ରିଖର ତୋପ ବର୍ଷଣ [illegible] ଗୃହମାନ ପ୍ରଜ୍ୱଳିତ ହୋଇଥି[illegible]

ତା ୧୦ ରିଖ ଯୁଦ୍ଧରେ [illegible] ମାନଙ୍କୁ ପଞ୍ଚାତ୍ପା ସ୍ଥାନ ଦେଇ ଯାଇଥିଲେ। ସେ ଯୁଦ୍ଧରେ ସେନାପତି ହ୍ୱାଇଟ ସେମାନଙ୍କୁ ଉଦ୍ଧାର କରିବାରେ ପରାଭୂତ କରିଅଛନ୍ତି।

କମଳର ଉଦ୍ଧାର ଅତି ଶୀଘ୍ର ଅବଶ୍ୟ[illegible] ଥିବା ସମ୍ବାଦ ପହୁଞ୍ଚିଅଛି ପ୍ରାୟ ମା ୨୦

Digitized by srujanika@gmail.com

Split by PDF Splitter

381

ଅନ୍ତରରେ ୪ ସହସ୍ର ସୈନ୍ୟ ଉଦ୍ଧାର ନିମନ୍ତେ ଥିଲେ ଓ ବୁଅରମାନେ ମଧ୍ୟ ଯୁଦ୍ଧାର୍ଥେ ପ୍ରସ୍ତୁତ ହେଉଥିଲେ ।

ଲର୍ଡ଼ ରବର୍ଟ୍‌ଙ୍କ ମତରେ ସେନାପତି ବୁଲର ଓ ସାର ଜର୍ଜ ହ୍ୱାଇଟ ଦକ୍ଷିଣ ଅଫ୍ରିକା ଯୁଦ୍ଧରେ ଜୟୀ ହେବାର ତାଙ୍କର ବିଶ୍ୱାସ ।

ବର୍ଲିଣର ସମ୍ବାଦ ପତ୍ର ଲେଖିଅଛନ୍ତି ଯେ ଯୁଦ୍ଧ ସମ୍ବନ୍ଧରେ ଜର୍ମାନଙ୍କ ମତ କୌଣସି ପକ୍ଷ ଅବଲମ୍ବନ ନ କରି ସ୍ଥିର ହୋଇ ରହିବେ । ରୁଷିଆ କେବଳ ନିରୁଦ୍ଧାଚରଣ ଧାରଣ କରି ଅଛନ୍ତି, ଅମେରିକା କୌଣସି ପକ୍ଷ ଅବଲମ୍ବନ ନ କରି ସ୍ଥିର ହୋଇ ରହିବେ ମାତ୍ର ଅନ୍ୟ ଜାତିମାନେ ଗ୍ରେଟବ୍ରିଟେନ ଓ ଟ୍ରାନ୍ସଭାଲ କାର୍ଯ୍ୟରେ ହସ୍ତକ୍ଷେପ କରିବାରୁ ବିରତ ରହିବେ ।

ସେନାପତି ବୁଲର କି ଉପାୟ କଳ୍ପନା କରୁ ଅଛନ୍ତି ତାହା ଜଣାପଡୁ ନାହିଁ ସେ କେଉଁଠାରେ ଅଛନ୍ତି ଓ କେଉଁଠାକୁ ଯିବା ଆସିବା କରୁଅଛନ୍ତି ତାହା ବାହାର ଲୋକ ଜାଣିପାରୁ ନାହାନ୍ତି ସମ୍ଭବତଃ ଲେଡିସ୍ମିଥକୁ ଯାଉଅଛନ୍ତି ଓ ସେଠାରେ ଘୋରଯୁଦ୍ଧର କଳ୍ପନା କରୁଅଛନ୍ତି ।

ଏଷ୍ଟ କୋର୍ଟର ୪ ମାଇଲ ଅନ୍ତରରେ ନର୍ଟେଭେଲଠାରେ ଦୁଇସହସ୍ର ବୁଅର ଗୋ୮ଟି ତୋପ ନେଇ ଉପସ୍ଥିତ ହୋଇଅଛନ୍ତି ।

ତା ୧୮ ଖ ତାରସମ୍ବାଦ ଯେ ଦୁଇସହସ୍ର ବୁଅର ଏକତ୍ରିତ ହେଲେଣି ।

ତୁଗେଲା ନଦୀର ଲୋହାଏ ପୁଲ ନଷ୍ଟହୋଇ ଯାଇଅଛି ।

ଲେଡିସ୍ମିଥଠାରେ ତା ୧୪ ଖରେ ଭୟାନକ ତୋପ ଶବ୍ଦ ହୋଇଥିଲା । ଅନୁମାନ କରନ୍ତି ଇଂରେଜଙ୍କର ଜୟ, ଓ କଥିତ ହୁଏ ଲେଡିସ୍ମିଥର ଦକ୍ଷିଣରେ ଇଂରେଜ ଓ ଫ୍ରିଂଷ୍ଟେଟ ବାସୀ ମଧ୍ୟରେ ଘୋରତର ଯୁଦ୍ଧ ହୋଇଥିଲା, ଫଳ ଜଣା ଯାଇ ନାହିଁ ।

ସେନାପତି ହ୍ୱାଇଟଙ୍କ ମୃତ୍ୟୁ ଘଟଣା ମିଥ୍ୟା । ସେ କିଛି ପୀଡିତ ଥିଲେ, ବର୍ତ୍ତମାନ ଭଲ ଅଛନ୍ତି । ଯୁଦ୍ଧ ସ୍ଥଳରେ ନ ଥିବାରୁ ତାଙ୍କର ମୃତ୍ୟୁ ଘଟିଥିବା କଳ୍ପନା ହୋଇଥିଲା ପରି ?

ଟ୍ରାନ୍ସଭାଲର ଇତିହାସ ।

ଟ୍ରାନ୍ସଭାଲ ଦକ୍ଷିଣ ଅଫ୍ରିକାର ପୂର୍ବାଂଶରେ ଅବସ୍ଥିତ । ଏହି ରାଜ୍ୟର ପାର୍ଶ୍ୱରେ ଅରେଞ୍ଜ ଫ୍ରିଷ୍ଟେଟ ଅବସ୍ଥିତ । ବର୍ତ୍ତମାନ ଏହି ଦୁଇରାଜ୍ୟ [illegible]ଗ ହୋଇ ଇଂରେଜଙ୍କ ସହିତ ଯୁଦ୍ଧରେ ଲିପ୍ତ ହୋଇଅଛି । ଉଭୟ ରାଜ୍ୟର ଲୋକସଂଖ୍ୟା ନଅଲକ୍ଷ ହେବ । ଟ୍ରାନ୍ସଭାଲ ରାଜ୍ୟର ଅଧିବାସୀ ଫ୍ରିଷ୍ଟେଟର ଅପେକ୍ଷା ଦ୍ୱିଗୁଣ ହେବ ।

ପ୍ରାୟ ଦୁଇଶତ ବର୍ଷ ହେଲା ଡଚ୍‌ମାନେ ଦକ୍ଷିଣ ଅଫ୍ରିକାରେ ଜଙ୍ଗଲ କାଟି ଜମି ଆବାଦ କରି ଦେଶର ଉନ୍ନତି କରିଥିଲେ । ୧୭୯୫ ସାଲରେ ଇଂରେଜମାନେ ଦକ୍ଷିଣ ଅଫ୍ରିକାର ଉକ୍ତ ପ୍ରଦେଶକୁ ଅଧିକାର କରିଥିଲେ । ଏହି ସମୟରେ ନେପୋଲିୟନ ବୋନାପାର୍ଟି ହଲାଣ୍ଡ ଅଧିକାର କରିଥିଲେ ଉକ୍ତ ସହିତରେ ଇଂରାଜଙ୍କର କଥା ହୋଇଥିଲା ଯେ ଯୁଦ୍ଧ ଶେଷ ହେଲାରୁ ଇଂରେଜ ଉକ୍ତ ପ୍ରଦେଶକୁ ପରିତ୍ୟାଗ କରିବେ ମାତ୍ର ତାହା କଲେ ନାହିଁ । ୧୮୧୪ ସାଲର ଭିଏନା ମହାସଭାରେ ନିର୍ଦ୍ଧାର୍ଯ୍ୟ ହେଲା ଯେ କେପ କଲନି ଇଂରେଜଙ୍କ ଅଧୀନରେ ରହିବ ।

୧୮୩୩ ସାଲରେ ଇଂରେଜ ଗବର୍ଣ୍ଣମେଣ୍ଟ ଦାସତ୍ୱ ପ୍ରଥା ଉଠାଇ ଦେବାର ଆଇନ ପ୍ରସ୍ତୁତ କଲେ । ବୁଅରମାନେ କ୍ରୀତଦାସଙ୍କଠାରୁ ବିଶେଷ ସାହାଯ୍ୟ ପାଉଥିଲେ । ଏହି ଆଇନଦ୍ୱାରା ସେମାନଙ୍କର ଅନେକ କ୍ଷତି ହେଲା ସୁତରାଂ ଇଂରାଜଙ୍କ ଉପରେ ସେମାନେ କ୍ରୁଦ୍ଧ ହେଲେ । ବୁଅର ଗୋଟିଏ ସ୍ୱତନ୍ତ୍ର ଜାତି ନ ଥିଲେ । ଡଚ୍ ଜର୍ମାନ ଓ ଫରାସିମାନେ ଦକ୍ଷିଣ ଅଫ୍ରିକାରେ ଉପନିବେଶ ସ୍ଥାପନ କରିଥିଲେ ଏମାନେ ସେମାନଙ୍କର ବଂଶସମ୍ଭୂତ ।

୧୮୩୫ ସାଲରେ ବୁଅରମାନେ କେପକଲନି ପରିତ୍ୟାଗ କରି ଉତ୍ତରପୂର୍ବମୁଖେ ଗମନ କରି ନେଟାଲ ପ୍ରଦେଶରେ ବାସସ୍ଥାନ କଲେ । ସେଠାରେ କାଫ୍ରିମାନଙ୍କୁ ପରାଜିତ କରି ସାଧାରଣତନ୍ତ୍ର ସ୍ଥାପନ କଲେ । ଏକଦଳ ବୁଅର ଅରେଞ୍ଜ ନଦୀ ପାର ହୋଇ ଗୋଟିଏ ରାଜ୍ୟ ସ୍ଥାପନ କରିଥିଲେ ।

୧୮୪୩ ସାଲରେ ଇଂରେଜ ନେଟାଲ ଆକ୍ରମଣ କରି ନେଟାଲକୁ ସେମାନଙ୍କ ରାଜ୍ୟର ଅନ୍ତର୍ଗତ କରିଥିଲେ । ଅରେଞ୍ଜ ନଦୀର ଅପର ପାର୍ଶ୍ୱସ୍ଥ ରାଜ୍ୟ ମଧ୍ୟ ଇଂରେଜଙ୍କ ହସ୍ତଗତ ହୋଇଥିଲା । ବୁଅରମାନେ ଉପରୋକ୍ତ ରାଜ୍ୟ ମାନଙ୍କରେ ପରାଜିତ ହୋଇ ଭାଲ୍ ନଦୀର ଅପର ପାର୍ଶ୍ୱରେ ରାଜ୍ୟ ସ୍ଥାପନ କରିଥିଲେ ଉକ୍ତ ରାଜ୍ୟର ନାମ ହେଲା ଟ୍ରାନ୍ସଭାଲ । ବୁଅରମାନେ ଜଙ୍ଗଲ ପରିପୂର୍ଣ୍ଣ ରାଜ୍ୟକୁ କୃଷି କ୍ଷେତ୍ରରେ ପରିଣତ କରିଥିଲେ । ଟ୍ରାନ୍ସଭାଲ ରାଜ୍ୟ ସ୍ୱାଧୀନ ରାଜ୍ୟ ହେଲା ମାତ୍ର ଇଂରେଜଙ୍କ ସହିତ କଥା ହେଲା ଯେ ବୁଅରମାନେ ସେଠାରେ ଦାସତ୍ୱ ପ୍ରଥା ଚଳାଇବେ ନାହିଁ । ଇଂରେଜ ଅରେଞ୍ଜ ରାଜ୍ୟର ଅଧିକାର ମଧ୍ୟ ପରିତ୍ୟାଗ କରିଥିଲେ । ଏହି ଅରେଞ୍ଜ ରାଜ୍ୟ ଅରେଞ୍ଜ ଫ୍ରିଷ୍ଟେଟ ନାମରେ ଅଭିହିତ । ଏଥି ଉତ୍ତାରେ ବୁଅରମାନେ ସେମାନଙ୍କ ରାଜ୍ୟର ନିକଟବର୍ତ୍ତୀ ଅସଭ୍ୟ ଜାତି ସହିତ ଯୁଦ୍ଧରେ ଲିପ୍ତ ହେବାରେ ପରାସ୍ତ ହୋଇ ବିଶେଷ କ୍ଷତିଗ୍ରସ୍ତ ହୋଇଥିଲେ ଅର୍ଥର ଅଭାବ ହେବାରୁ କେପକଲନିରୁ ବହୁ ଋଣ କରିଥିଲେ । ପ୍ରେସିଡେଣ୍ଟ ସେନା ଗୃହ ବିବାଦ ଉପସ୍ଥିତ ହେଲା । ପ୍ରଜାମାନେ ରାଜସ୍ୱ ଦେବାରେ ଅନିଚ୍ଛୁକ ହେବାରୁ ଋଣୀଭୂତ ହେଲେ । ବୁଅରମାନଙ୍କ ନାମରେ ଦୁର୍ନାମ ରଟନା ହେଲା । ଏହି ଅବସରରେ ଇଂରେଜ ଟ୍ରାନ୍ସଭାଲ ରାଜ୍ୟକୁ ନିଜ ରାଜ୍ୟର ଅନ୍ତର୍ଗତ କରି ନେଲେ । ଇଂଲଣ୍ଡର ଏପରି କାର୍ଯ୍ୟରେ ବୁଅରମାନେ ପ୍ରତିବାଦ କରିଥିଲେ ମାତ୍ର କୌଣସି ଫଳପ୍ରଦ ହୋଇ ନ ଥିଲା । ଏ ସମୟରେ କ୍ରୁଗର ଏକ ଆବେଦନ ପତ୍ରସହ ଇଂଲଣ୍ଡରେ ଉପସ୍ଥିତ ହୋଇଥିଲେ ।

କ୍ରମଶଃ

ସାପ୍ତାହିକ ସମ୍ବାଦ ।

କଲିକତା ଗେଜେଟ ।

ରାଜା, ଜମିଦାର ଓ ଅନ୍ୟାନ୍ୟ ଭଦ୍ରଲୋକଙ୍କ ସହିତ ଆମ୍ଭର କାରବାର ବହୁକାଳରୁ ରହିଅଛି । ଆମ୍ଭର ବ୍ୟବହାର କେମନ୍ତ ଖାଣ୍ଟି ଏବଂ ଜିନିଷ କେମନ୍ତ ଉତ୍କୃଷ୍ଟ ଓଡ଼ିଶାଅନ୍ତର୍ଗତ ବୌଦ, ନୟାଗଡ଼, ଆଠମଲ୍ଲିକ, ସରାଇକଲା ଏବଂ ମାନ୍ଦ୍ରାଜ ଅନ୍ତର୍ଗତ ଇଲାକଗଡ, ମଞ୍ଜୁଷା ପ୍ରଭୃତି ରାଜାମାନଙ୍କୁ ଉତ୍ତମରୂପେ ଜଣାଅଛି । ଯାହାର ଇଚ୍ଛା ହେବ ସେ ଅନୁସନ୍ଧାନଦ୍ୱାରା ଜାଣିପାରିବ ।

ଡାକଯୋଗେ ପତ୍ର ପଠାଇ ମାଲ ମଗାଇଲେ କେଉଁ ସ୍ଥାନକୁ କି ଉପାୟରେ (ଅର୍ଥାତ୍ ଡାକଯୋଗେ କି ରେଲଦ୍ୱାରା) ପଠାଇବାକୁ ହେବ ଲେଖିବା ଉଚିତ । ଓଡ଼ିଶାସହିତ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ଅତଏବ ଓଡ଼ିଆରେ ପତ୍ର ଲେଖିଲେ ଚଳିବ କିନ୍ତୁ ଲଫାପା ଉପରେ ଆମ୍ଭର ନାମ ଏବଂ ଠିକଣା ହିନ୍ଦି ଅଥବା ଇଂରାଜୀରେ ଲେଖିଲେ ନିର୍ବିଘ୍ନରେ ଆମ୍ଭର ହସ୍ତଗତ ହେବ ।

ଭେଲ୍ୟୁପେଏବଲ ପାରସଲରେ ମଧ୍ୟ ମାଲ ପ୍ରେରିତ ହୁଏ ପସନ୍ଦ ନ ହେଲେ ଫେରତ ନେଉଁ ।

ଶ୍ରୀ ଗୋପାଳ ଦାସ ମୁରଲୀଧର
ମହଲା ସିଦ୍ଧେଶ୍ୱରୀ ବନାରସ ସିଟି

ନିମ୍ନପ୍ରାଇମେରୀ, ଅପରପ୍ରାଇମେରୀ, ଭର୍ଣ୍ଣାକ୍ୟୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କୁ ପ୍ରଚୁର ପରିମାଣରେ କମିସନ୍ ଦିଆଯାଏ । ନାନାପ୍ରକାର କାଗଜ, ପେନସିଲ, କଲମ, ଦୁଆତ, ପ୍ରଭୃତି

Split by PDF Splitter
Digitized by srujanika@gmail.com

ସ୍କୁଲ ଏବଂ ଗବର୍ଣ୍ଣମେଣ୍ଟଙ୍କ ଅଫିସରେ ଲେଖିବାର ଯାବତୀୟ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଆମ୍ଭ ଛକଟରେ ମିଳିବ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ ।
ସେକ୍ରେଟରୀ

ନୂତନ ପୁସ୍ତକ ।

ସ୍ୱର୍ଗୀୟ ସାରଳାଦାସଙ୍କ ରଚିତ

ମହାଭାରତ ।

ସମ୍ପୂର୍ଣ୍ଣ ଅଷ୍ଟାଦଶପର୍ବର ମୁଦ୍ରାଙ୍କନକାର୍ଯ୍ୟ ଶେଷ ହୋଇଅଛି ତହିଁର ମୂଲ୍ୟ ଏକସାଙ୍ଗରେ ଟ ୧୬୷ ଓ ପ୍ରତ୍ୟେକ ପର୍ବର ମୂଲ୍ୟ ନିମ୍ନଲିଖିତରୂପ ଅଟଇ ଯଥା;—

୧ ଆଦ୍ୟ ପର୍ବ	ଟ ୨୷
୨ ମଧ୍ୟ ପର୍ବ	ଟ ୨୷
୩ ସଭା ପର୍ବ	ଟ ୨୷
୪ ବନ ପର୍ବ	ଟ ୨।
୫ ବିରାଟ ପର୍ବ	ଟ ୧।
୬ ଉଦ୍ଯୋଗ ପର୍ବ	ଟ ୧।
୭ ଭୀଷ୍ମ ପର୍ବ	ଟ ୧।
୮ ଦ୍ରୋଣ ପର୍ବ	ଟ ୧୧
୯ କର୍ଣ୍ଣ ପର୍ବ	ଟ ୦।୵
୧୦ ଶଲ୍ୟ ପର୍ବ	ଟ ୦ ୷
୧୧ ଗଦା ପର୍ବ	ଟ ୦।
୧୨ ସାଉଁଟିକା ବା ଐଷିକ ପର୍ବ	ଟ ୦।/
୧୩।୧୪ ନାରୀ ଓ ଶାନ୍ତି ପର୍ବ	ଟ ୦ ୷
୧୫।୧୬ ଆଶ୍ରମିକ ଓ ଅଶ୍ୱମେଧ ପର୍ବ	ଟ ୦୷
୧୭ ମୂଷଲୀ ପର୍ବ	ଟ ୦।୵
୧୮ ସ୍ୱର୍ଗାରୋହଣ ପର୍ବ	ଟ ୦।
ସ୍ୱତନ୍ତ୍ର ଚୈତନ୍ୟ ଚରିତାମୃତ	ଟ ୨୷

ଗ୍ରାହକେ କଟକ ଦରଘାବଜାରସ୍ଥ କଟକ ପ୍ରିଣ୍ଟିଙ୍ଗକମ୍ପାନିଙ୍କ ଯନ୍ତ୍ରାଳୟରେ ତତ୍ତ୍ୱ କଲେ ପାଇ ପାରିବେ ।

ହୋମିଓପାଥିକ ଔଷଧ ଡ୍ରାମ ଟ ୦/୫ ଟ ୦ /୧୦ ପଇସା ଏନ୍ କେ ମଜୁମଦାର ଏଣ୍ଡ କୋଂ ନ ୨୫୬ ନଂ ଅପର ଚିତ୍ପୁର ରୋଡ କଲିକତା ଏହି ଔଷଧାଳୟ ଜଣେ ଡାକ୍ତରଙ୍କ ତତ୍ତ୍ୱାବଧାନରେ ପରିଚାଳିତ । କେବଳ ଅମେରିକାରୁ ଔଷଧ ଆମଦାନୀ ହୁଏ ଏହି ଚର୍ମ ପୁସ୍ତକ ଓ ନାନାବିଧ ଦ୍ରବ୍ୟାଦିର ମୂଲ୍ୟ ମଧ୍ୟ ଅତି ସୁଲଭ କଲେରା ବାକ୍ସ ପୁସ୍ତକ ଡ୍ରପାର ସହ ୧୨, ୨୪, ୩୦, ୪୮ ଶିଶି ୨, ୩, ୫୷, ୫ ଗୃହ ଚିକିତ୍ସାର ବାକ୍ସ ୧୨, ୨୪, ୩, ୪୧ ୬୦, ୭୨ ୧୪ ଶିଶି ୨.୩ ୩, ୫। ୭। ୧୧।

ଆୟୁର୍ବେଦୀୟ ଔଷଧାଳୟ ।

ପ୍ରମେହସୁଧା ଗନେରିଅର ଅବ୍ୟର୍ଥ ମହୌଷଧ ।

ଏହି ଔଷଧ ଶୁକ୍ରମେହ, ଫିରିଙ୍ଗମେହ ପୂଜମେହ (ଗନେରିଆ) ଜଳବତ୍ ତୁଲ୍ୟ ସ୍ରାବ ଶୋଣିତସ୍ରାବ, ମୂତ୍ରନାଳୀର କ୍ଷତ, ପ୍ରସ୍ରାବର ପୋଡ଼ାଜଳା ପ୍ରଭୃତି ପକ୍ଷରେ ଅଶୁଫଳଦାୟକ । ଯଥାବିଧି ବ୍ୟବହାର କଲେ ସର୍ବପ୍ରକାର ଦୁଃସାଧ୍ୟ ମେହ ଓ ତଜ୍ଜନିତ ଉପଦ୍ରବାଦ ସମ୍ପୂର୍ଣ୍ଣ ନିରସ୍ତ ହୁଏ ।

ଏକଶିଶିର ମୂଲ୍ୟ ଟ ୨, ଭି, ପି, ଟ ୦୷, ପ୍ୟାକିଂ ଟ ୦ ୷, ଡାକମାସୁଲ ଟ ୦ ।

ଅମୃତାଦିକଷାୟ ବା ଦେଶୀ ସାଲସା ।

ଅସ୍ମଦାନଙ୍କର ଏହି ଅତ୍ୟାଶ୍ଚର୍ଯ୍ୟଗୁଣାନ୍ୱିତ କବିରାଜୀ ଅମୋଘ ଔଷଧ ଅମୃତାଦିକଷାୟ ବା ଦେଶୀୟ ସାଲସା ଦେଶର ନାନାବିଧ ଉତ୍କୃଷ୍ଟ ଶୋଣିତଶୋଧକ ଲତା ଓ ବୃକ୍ଷର ପ୍ରସ୍ତୁତ ହୋଇଅଛି । ଏଥିରେ ଏପରି କେତେଗୁଡ଼ିଏ ଶାଳଦାନ ଲତା ଓ ବୃକ୍ଷର ରସ ଅଛି ଯେ ସେବନ ମାତ୍ରକେ ମନ ପ୍ରାଣ ପ୍ରଫୁଲ୍ଲ ହୁଏ ଏବଂ କୋଷ୍ଠ ପରିଷ୍କାର ଓ କ୍ଷୁଧା ବୃଦ୍ଧି ହୁଏ । ଯେ କୌଣସି କାରଣରୁ ରକ୍ତ ଓ ପିତ୍ତଦୁଷ୍ଟି, ପାରଦଜନିତ କ୍ଷତ, ଉପଦଂଶଜନିତ କ୍ଷତ, କ୍ରମ୍ଭା ଅନ୍ୟବିଧ ଦୂଷିତ କ୍ଷତ। ଗଳିତ, ଆମବାତ, ବସ୍ଫୋଟକ, ଗଣ୍ଡମାଳ, ଦାଦ୍ରୁ, କଣ୍ଡୁଆ ପ୍ରଭୃତି ସର୍ବବିଧ ଚର୍ମରୋଗ ପକ୍ଷରେ, ଦୂଷିତ ରକ୍ତ ପରିଷ୍କାର କରିବାପାଇଁ ଶାରୀରିକ ଦୌର୍ବଲ୍ୟ, କୃଶତା, ଧାତୁକ୍ଷୀଣତା ନିରସ୍ତ କରି ଶରୀର ହୃଷ୍ଟପୁଷ୍ଟ ବଳିଷ୍ଠ କରିବାପାଇଁ ଏହାହିଁ ଏକମାତ୍ର ଔଷଧ । ସହସ୍ର ସ୍ଥଳରେ ପରୀକ୍ଷାଦ୍ୱାରା ଜଣା ଯାଇଅଛି ବିଲାତି ସାଲସା ଅପେକ୍ଷା ଏହା ସର୍ବଗୁଣରେ ଉତ୍କୃଷ୍ଟ ।

ଏକଶିଶିର ମୂଲ୍ୟ ଟ ୧।, ଏକଡଜନର ମୂଲ୍ୟ ଟ ୧୨, ଭି, ପି, ଟ ୦ ୷, ପ୍ୟାକିଂ ଟ ୦ ୷, ଡାକମାସୁଲ ଟ ୦ ୷ ।

ବୃହଦଶ୍ୱଗନ୍ଧାରସାୟନ ।

ଏହି ଔଷଧ ଶୁକ୍ରବର୍ଦ୍ଧକ, ବଳକାରକ, ସର୍ବଧାତୁପୋଷକ, ଧାତୁଦୌର୍ବଲ୍ୟ, ଶୁକ୍ରମେହ, ଧ୍ୱଜଭଙ୍ଗ, ବାତବ୍ୟାଧି, ମୂର୍ଚ୍ଛା, ଉନ୍ମାଦ, ସ୍ୱପ୍ନଦୋଷ ପ୍ରଭୃତି ରୋଗରେ ଅଶୁଫଳପ୍ରଦ । ଏହା ସେବନ କଲେ କୋଷ୍ଠ ପରିଷ୍କାର ହୋଇ କ୍ଷୁଧା ବୃଦ୍ଧି ହୁଏ, ଶୁକ୍ରତାରଲ୍ୟ ଓ କ୍ଷୀଣଶୁକ୍ରତା ନିରସ୍ତ କରି ଶରୀର ହୃଷ୍ଟପୁଷ୍ଟ ବଳିଷ୍ଠ କରିବା ପକ୍ଷରେ ଏହା ଏକମାତ୍ର ଔଷଧ ।

ଏକଶିଶିର ମୂଲ୍ୟ ଟ ୨୷, ଭି, ପି, ଟ ୦୷ ପ୍ୟାକିଂ ଟ ୦ ୷ ଡାକମାସୁଲ ଟ ୦୷ ।

ସ୍ୱପ୍ନସୁଧା ।

ସ୍ୱପ୍ନଦୋଷ ଯେ କୌଣସି ଯୁବାଙ୍କର ରୋଗ ଏହା ଅବଶ୍ୟ ସ୍ୱୀକାର୍ଯ୍ୟ; ଭୁକ୍ତଭୋଗୀ ମାତ୍ରେ ଏହା ଅବଗତ ଅଛନ୍ତି । ଏହି ମହୌଷଧ ଯଥାରୀତି ସେବନ କଲେ ଅକାରଣ ସ୍ୱପ୍ନଦୋଷ, ଶୁକ୍ରତାରଲ୍ୟ ଓ ଜଳବତ୍ ସ୍ରାବ ପ୍ରଭୃତି ନିରସ୍ତ ହୋଇ କ୍ଷୁଧା ବୃଦ୍ଧି ହୁଏ ଏବଂ କୋଷ୍ଠ ପରିଷ୍କାର ହୁଏ ।

ଏକଶିଶିର ମୂଲ୍ୟ ଟ ୧, ଭି, ପି, ଟ ୦ ୷, ପ୍ୟାକିଂ ଟ ୦ ୷, ଡାକମାସୁଲ ଟ ୦ ।।

ଏହା ଛଡ଼ା ଆୟୁର୍ବେଦୀୟ ସର୍ବପ୍ରକାର ତୈଳ ଘୃତ, ମୋଦକ, ଆସବ, ଅରିଷ୍ଟ, ବଟିକା, ବଟିକା ଚୂର୍ଣ୍ଣ ଏବଂ ଉତ୍କୃଷ୍ଟ ମକରଧ୍ୱଜ ମୃଗନାଭି ଓ ସ୍ୱର୍ଣ୍ଣ ରୌପ୍ୟ ଲୌହ ଘଟିତ ଔଷଧମାନ କବିରାଜୀ ମତରେ ସର୍ବଦା ପ୍ରସ୍ତୁତ ଥାଏ । ମଫସଲର ରୋଗିମାନେ ପତ୍ରଦ୍ୱାରା ରୋଗର ଆନୁପୂର୍ବିକ ବୃତ୍ତାନ୍ତ ଲେଖିଲେ ଉଚିତ ବ୍ୟବସ୍ଥା ପଠାଯାଏ । ଔଷଧପାଇଁ ଲେଖିଲେ ଭି ପି, ଡାକରେ ପଠାଯାଏ ପ୍ରତ୍ୟହ ପ୍ରାତଃ ସ ୭ ଟାଠାରୁ ସ ୮ ଟା ପର୍ଯ୍ୟନ୍ତ ଚିକିତ୍ସା ଗରିବ ଲୋକମାନଙ୍କୁ ବିନା ମୂଲ୍ୟରେ ଔଷଧ ବିତରଣ କରା ହୁଏ ।

ଚିଠିପତ୍ର ଓ ଟଙ୍କା ଆମ୍ଭ ନାମରେ ଉକ୍ତ ଠିକଣାକୁ ପଠାଇବାକୁ ହେବ ।

କବିରାଜ ଶ୍ରୀ ସାରଦାପ୍ରସାଦ ଦାସ ଗୁପ୍ତ
କବିରଞ୍ଜନ, ବାଲୁବଜାର କଟକ ।

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

ଧାଡ଼ିପ୍ରତି	ଟ ୦ ୷
ଅଧସ୍ତମ୍ଭକୁ	ଟ ୨ ୯
ପୂର୍ଣ୍ଣ ଏକ ସ୍ତମ୍ଭକୁ	ଟ ୩ ୯

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ତହିଁର ଦର ଟ ୦ ୫ ଠାରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଯଥା ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

ଏହି ଉତ୍କଳଦୀପିକା କଟକ କଟକ ଦରଘାବଜାର ପ୍ରିଣ୍ଟିଙ୍ଗ କମ୍ପାନିଙ୍କ "ଯନ୍ତ୍ରରେ" ସମ୍ପାଦକଙ୍କଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter

Digitized by srujanika@gmail.com

Split by PDF Splitter

REGISTERED No. C. 8.

393

ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୩୮ ଶ
ସଂଖ୍ୟା ୪୭ ଶ
ତା ୧ ଦଶ ମାହେ ଡିସେମ୍ବର ସନ ୧୮୯୯ ମସିହା । ମୁ । ତା ୨୫ ର ମାର୍ଗଶିର ସନ ୧୩୦୭ ସାଲ ଶନିବାର
ଅଗ୍ରୀମ ଟ ୩୧
ପଶ୍ଚାଦ୍ଦେୟ ଟ ୬୧

ବିଜ୍ଞାପନ ।

ଅନୁସନ୍ଧାନ
ଓ
ଟ ୪୦୦ ଙ୍କା ପୁରସ୍କାର ।

ନାମ ଶ୍ରୀ ଶଶିଭୂଷଣ ବନ୍ଦ୍ୟୋପାଧ୍ୟାୟ, ପିତା ନାମ ୬ଗୋବିନ୍ଦଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ ବୟସ ୩୨ ବର୍ଷ । ଗୌରବର୍ଣ୍ଣ, ଖର୍ବ ନୁହନ୍ତି ନା ଦୀର୍ଘ ନୁହନ୍ତି । ଅଟାଳ ୫।। ଫୁଟ, ଅତି ସ୍ଥୂଳ ନୁହନ୍ତି ନା ଅତି କୃଶ ନୁହନ୍ତି, କପାଳରେ ଗୋଟିଏ ଧୂସର ବର୍ଣ୍ଣ ଦାଗ ଅଛି, ଦକ୍ଷିଣ ଗଣ୍ଡ ଓଷ୍ଠ ପାର୍ଶ୍ୱରେ ଗୋଟିଏ ଧୂସର ତିଳ ଚିହ୍ନ ଅଛି, ବେଶୀ କଥା କହିବାକୁ ସୁଖ ପାନ୍ତି । ପୂର୍ଣ୍ଣିୟାରେ ଅନେକ ଦିନ ଥିଲେ । ମୁଣ୍ଡବାଳ ଛୋଟ କଣ୍ଟା ପାଚିଲା ମିଶା । ଦାଢ଼ି ନାହିଁ କ୍ଷୌର ହୁଅନ୍ତି କିନ୍ତୁ ନିଶ ଅଛି । ପିଠିର ବାମଦିଗ ହାଡ଼ ତଳେ ଗୋଟିଏ ବଥ କଟା ହେବାର ଉଚ୍ଚ ଦାଗ ଅଛି, ଧର୍ମର ଚର୍ଚ୍ଚା ବେଶୀ କରନ୍ତି । ମୁଙ୍ଗେରରୁ ଗତ ଜଗଦ୍ଧାତ୍ରୀପୂଜା ଦିନ ନିରୁଦ୍ଦେଶ ହୋଇଅଛନ୍ତି । ଯେ ବ୍ୟକ୍ତି ଏହାଙ୍କୁ ଖୋଜି ଆମ୍ଭ ନିକଟରେ ପହଞ୍ଚାଇ ପାରିବ ତାହାଙ୍କୁ ଟ ୪୦୦ ଶ୍ରୀଚାରିଶତ ଟଙ୍କା ପୁରସ୍କାର ଦେବୁଁ ।

ଶ୍ରୀ ଭାସ୍କରଭୂଷଣ ବନ୍ଦ୍ୟୋପାଧ୍ୟାୟ ଉକିଲ
ଫେଅରଟେଲ । ମୁଙ୍ଗେର ।

କେତେଦିନ ପୂର୍ବେ କଲିକତାରେ ଜଣେ ଲୋକର ଗଳା ଫୁଲି ମୃତ୍ୟୁ ହୋଇଥିଲା । କେହି ପ୍ଲେଗ ଡାକ୍ତର ତାହାକୁ ମୃତ୍ୟୁ ପୂର୍ବରୁ ଦେଖି ନ ଥିଲେ ସୁତରାଂ ରୋଗ ପରୀକ୍ଷା ହୋଇ ନ ଥିଲା । ମାତ୍ର ମୃତ୍ୟୁ ହେବାରେ ପୋଲିସ କର୍ମଚାରୀଙ୍କ ଆଦେଶରେ ତାହାର ବସ୍ତ୍ରଣୀ ପ୍ରଭୃତିରେ ଅଗ୍ନି ଲଗାଇଦେଲେ କିନ୍ତୁ ସେଥିନିମନ୍ତେ ତାକୁ ଏକ କଉଡ଼ି କ୍ଷତିପୂରଣ ଦିଆ ଗଲା ନାହିଁ । ଏଥିରେ ଲୋକଙ୍କ ମନରୁ ପୋଲିସ ଭୟ ନାହିଁ ଯିବ । ପକ୍ଷାନ୍ତରେ ଅନେକ ଲୋକଙ୍କର ବିଶ୍ୱାସ ଯେ ପୋଲିସର ଅତ୍ୟାଚାରରୁ ସାହା ନିବାରଣର କଟକଣା ବଢ଼ି ପଡ଼ିଅଛି ।

ପାଟନାର ସବଡିଭିଜନାଲ ଅଫିସରେ ଗୋଟିଏ ମୋକଦ୍ଦମା ସନ୍ଧ୍ୟା ସମୟରେ ହୋଇଥିଲା । ଓକିଲ ମୋକ୍ତାର କଚେରୀରୁ ଚାଲିଯାଇ ଥିବାରୁ ଆସାମୀ ଆପଣା ପକ୍ଷ ସମର୍ଥନ ନିମନ୍ତେ କାହାର ସାହାଯ୍ୟ ପାଇଲା ନାହିଁ ଓ ବିଚାରରେ ଛଅମାସ କାରାଦଣ୍ଡ ପ୍ରାପ୍ତ ହେଲା । ଆସାମୀ ପାଟନାର ମାଜିଷ୍ଟ୍ରେଟ ମିଃ ଲ ମେସୁରିୟର୍‌ଙ୍କ ନିକଟରେ ଉପରୋକ୍ତ କାରଣ ଦର୍ଶାଇ ଆବେଦନ କରିବାରେ ସାହେବ ମହୋଦୟ ସବଡିଭିଜନାଲ ଅଫିସରଙ୍କ କାର୍ଯ୍ୟ ଅନ୍ୟାୟ ହୋଇଥିବା ବୋଧରେ ତାଙ୍କର ଆଦେଶ ରହିତ କରିବା ନିମନ୍ତେ ହାଇକୋର୍ଟକୁ ଲେଖିଅଛନ୍ତି । ଏପରି ହାକିମ ପାଇବା ସୌଭାଗ୍ୟ କହିବାକୁ ହେବ ।

ବର୍ତ୍ତମାନ ସମୟରେ ତୀର୍ଥପର୍ଯ୍ୟଟନ ଦୁଃଖୀଙ୍କ ପକ୍ଷରେ ଉଚ୍ଛନ୍ନକାରକ ବ୍ୟୟ, ଧନୀଲୋକଙ୍କ ପକ୍ଷରେ ବ୍ୟୟସାଧ୍ୟ ମାତ୍ର ରାଜା ମହାରାଜାଙ୍କ ପକ୍ଷରେ ଏହା ଦେଶର ଓ ନିଜର ଅପକାରକ, ସେ ଦିନ ମଧ୍ୟପ୍ରଦେଶସ୍ଥ ରେୱାଁର ମହାରାଜା ତୀର୍ଥପର୍ଯ୍ୟଟନରେ ଉତ୍ତର ପ୍ରଦେଶ ଦିଗକୁ ଗମନ କଲେ କିନ୍ତୁ ପ୍ରତ୍ୟାଗମନ ସମୟରେ ଯେଉଁ ଜ୍ୱର ହେଲା ତାହାରୁ ଦେହ ରକ୍ଷା ପାଇବା କଷ୍ଟକର ହୋଇଅଛି କିନ୍ତୁ ନିଜର ସ୍ୱାସ୍ଥ୍ୟଭଙ୍ଗ ହେଲା ଓ ଅଳ୍ପଦିନ ଭିତରେ ଇହସଂସାରରୁ ବିଦାୟ ଗ୍ରହଣ କଲେ । ତୀର୍ଥ ପର୍ଯ୍ୟଟନରେ ଅବଶ୍ୟ କୌଣସି ଆପତ୍ତି ନାହିଁ ମାତ୍ର ସ୍ୱାସ୍ଥ୍ୟ ଓ ଅର୍ଥବଳ ପ୍ରତି ବିଶେଷ ଦୃଷ୍ଟି ରଖିବା ଉଚିତ ।

କଲିକତାର ଦକ୍ଷିଣ ଉଲୁବେଡ଼ିଆର ଦୁଇ କୋଶ ପଶ୍ଚିମରେ ବାଉଡ଼ିଆ ଗ୍ରାମ ଅଛି ସେଠାରେ କେତେକ କଳ କାରଖାନା ଅଛି । ଏକ ସଭା କଲରେ କେତେକ ମଜୁରିଆର କାର୍ଯ୍ୟ

Digitized by srujanika@gmail.com

Split by PDF Splitter

କରୁଥିଲେ ସେମାନେ ବାକୀ ବେତନ ମାଗିବାରେ ସାହେବ କର୍ମ୍ମଚାରୀମାନେ ଅସମ୍ପୂର୍ଣ୍ଣ କାର୍ଯ୍ୟ ପୂରଣ କରି ଦେଲେ ଦଅଯିବ କହିବାରେ ସେମାନେ ମଜୁରି ନିମନ୍ତେ ଜିଦ୍ କଲେ ପରିଶେଷରେ ସାହେବମାନଙ୍କ ପ୍ରତି ଟେକା ଫୋପାଡିଲେ, ସାହେବମାନେ ଖାଲି ବନ୍ଧୁକର ଶବ୍ଦ କଲେ ସେଥିରେ ମଜୁରିଆମାନଙ୍କୁ ନିରସ୍ତ ହେବାର ନ ଦେଖି ଗୁଳି ଦେଇ ବନ୍ଧୁକ ଶବ୍ଦ କରିବାରେ ମଜୁରିଆମାନେ ପଳାୟନ କଲେ ଏଥିରେ ଦୁଇ ଏକଜଣଙ୍କ କିଛି ଆଘାତ ହୋଇଅଛି । କଲକଟ୍ଟିମାନେ କେତେକ ମଜୁରିଆଙ୍କର ପ୍ରଧାନ ମେଳୟାଙ୍କ ନାମରେ ମୋକଦ୍ଦମା ଦାଏର କରିଅଛନ୍ତି । ମୋକଦ୍ଦମା ବର୍ତ୍ତମାନ ବିଚାରାଧୀନ ।

ଦୁର୍ଭିକ୍ଷର ଦାଉ ଭାରତରେ ଅବଧି ଭୟଙ୍କରରୂପେ ଜାଗରୂକ ଅଛି । ଗତମାସ ଶେଷ ସୁଦ୍ଧା ସରକାରୀ ସାହାଯ୍ୟରେ ନ ୧୩୫୭୯୬୬ ଣ ଜୀବନ ଧାରଣ କରୁଥିବାର ସରକାରୀ ରିପୋର୍ଟରୁ ପ୍ରକାଶ । ଏଥିମଧ୍ୟରେ ଏକା ମଧ୍ୟପ୍ରଦେଶରେ ନ ୬୨୪୮୭୨ ଣ, ବୋମ୍ବାଇ ପ୍ରଦେଶରେ ନ ୨୫୨୯୮୨ ଣ, ରାଜପୁତାନା ପ୍ରଦେଶରେ ନ ୨୦୪୫୫୯ ଣ, ଅଜମୀର ମାରବାଡ଼ ପ୍ରଦେଶରେ ନ ୫୬୮୨୩ ଣ, ପଞ୍ଜାବରେ ନ ୬୮୪୨୫ ଣ, ବେରାରରେ ନ ୭୬୫୭୯ ଣ ଏବଂ ମଧ୍ୟ ଭାରତ ରାଜ୍ୟମାନଙ୍କରେ ନ ୩୫୭୨୭ ଣ । ଏହାଛଡ଼ା ଅନେକ ଲୋକ ଦେଶୀୟ ରାଜାମାନଙ୍କ ସାହାଯ୍ୟରେ ଜୀବନ ଧାରଣ କରୁଅଛନ୍ତି । କେବଳ ପଞ୍ଜାବ ପ୍ରଦେଶରେ ପୂର୍ବାପେକ୍ଷା ଦୁର୍ଭିକ୍ଷ ପୀଡ଼ିତ ଲୋକଙ୍କ ସଂଖ୍ୟା ଊଣା ଥିବାର ଦେଖାଯାଏ ମାତ୍ର ଅନ୍ୟତ୍ର ବୃଦ୍ଧି ପ୍ରାପ୍ତ ହୋଇଅଛି ।

ଶିକ୍ଷାବିଭାଗର ଡାଇରେକ୍ଟର ଶ୍ରୀଯୁକ୍ତ ପେଡ୍‌ଲର ସାହେବ ଗତ ମଙ୍ଗଳବାର ଦିବସ ପ୍ରାତଃକାଳରେ ଏ ନଗରରେ ଉପସ୍ଥିତ ହୋଇ ରେଭେନ୍ସା କଲେଜ କଲେଜିୟଟ ସ୍କୁଲ ଓ ସର୍ବେ ସ୍କୁଲ ପରିଦର୍ଶନ କରିଥିଲେ । ବୁଧବାର ଦିବସ ତାଙ୍କର ଅଧୀନସ୍ଥ କର୍ମ୍ମଚାରୀମାନଙ୍କୁ ଦେଖା ଦେଇଥିଲେ ଓ ସାହାଯ୍ୟପ୍ରାପ୍ତ ବିଦ୍ୟାଳୟ କଟକ ଏକାଡେମୀ ମିଶନ ସ୍କୁଲ ପରିଦର୍ଶନ କରିଥିଲେ ଗୁରୁବାର ଦିବସ ଟ୍ରେନିଂ ସ୍କୁଲ ପରିଦର୍ଶନ କରି କଲିକତାଭିମୁଖେ ପ୍ରତ୍ୟାଗମନ କଲେ । ସାହେବ ମହୋଦୟ କେବଳ କଟକ ସହରର ବିଦ୍ୟାଳୟମାନ ପରିଦର୍ଶନ କରି ମଫସଲକୁ ଗମନ କଲେ ନାହିଁ । ରେଳର ସୁବିଧା ଥିଲେ ସୁଦ୍ଧା ବାଲେଶ୍ୱର ବା ପୁରୀରେ ଡାଇରେକ୍ଟରଙ୍କର ପଦଧୂଳି ପଡ଼ି ନାହିଁ, ପରିଦର୍ଶନ କାର୍ଯ୍ୟକୁ କର୍ମ୍ମଚାରିମାନେ ଶୃହାନ୍ତି ନାହିଁ ସତ୍ୟ ମାତ୍ର ସମସ୍ତେ ଉପରିସ୍ଥ ହାକିମମାନଙ୍କ ଦର୍ଶନ କରିବାକୁ ବଡ଼ ଇଚ୍ଛୁକ ଥାନ୍ତି ।

ପଟିଆର ରାଜା ବିଦ୍ୟାଧର ଦେବ ବ ୨୨ ଷ ବୟସରେ ହୋମଗ୍ରେଗଦ୍ୱାରା ପରଲୋକ ଗମନ କଲେ । ଏହାଙ୍କର ଜନିଷ୍ଠଭ୍ରାତ ଶ୍ରୀମାନ୍ ଭ୍ରମରବରରାୟ ରଘୁନାଥଦେବ ନାମ ଧାରଣ କରି ରାଜା ହୋଇଅଛନ୍ତି । ମୃତ ରାଜାଙ୍କର ସନ୍ତାନ ସନ୍ତତି ନାହିଁ, ପୋଷ୍ୟପୁତ୍ର କରିବାପାଇଁ ଅଣାଇଥିଲେ । ଶୁଣାଯାଏ ରଘୁନାଥଦେବ ତାହାଙ୍କୁ ପୋଷ୍ୟପୁତ୍ର କରିବେ । ମୃତ ରାଜାଙ୍କର ଶ୍ରାଦ୍ଧକ୍ରିୟା ଯଥା ସମାରୋହରେ ସମ୍ପନ୍ନ ହେବ । ପାଞ୍ଚହଜାର ବ୍ରାହ୍ମଣ ଉପସ୍ଥିତ ହୋଇଥିଲେ ପ୍ରାୟ ତିନିସହସ୍ର ଟଙ୍କା ବ୍ୟୟ ପଡ଼ିଅଛି । ବିଦ୍ୟାଧର ଗାଦି ପାଇଲା ପରେ ରାଜ୍ୟରେ ନାନାବିଧ ମାଲ ମକଦ୍ଦମା ଯୋଗେ ରାଜ୍ୟର ଅନେକ ଭୂସମ୍ପତ୍ତି ବନ୍ଧକ ଦେଇଥିଲେ ଏବଂ ସେ ବଡ଼ ଆମୋଦ ପ୍ରିୟ ଥିବାରୁ ତାଙ୍କର ଅଧିକ ବ୍ୟୟ ପଡ଼ୁଥିଲା । ରାଜାଙ୍କର ରାଜପ୍ରାସାଦ କୁଞ୍ଜସରଷ୍ଟ ଅତି ରମଣୀୟ । ବର୍ତ୍ତମାନ ବେଦବୋଇର, ବୃନ୍ଦାବନ ପ୍ରଭୃତି ବନଜଙ୍ଗଲ ଅପୂର ଭୂସମ୍ପତ୍ତି ଅଛି । ପଟିଆର ରାଜବଂଶ ଦେବଅଂଶୀ ବୋଲି ବିଖ୍ୟାତ ।

କଲେକ୍ଟରୀ ତହଜ ବିଭାଗରେ ଯେଉଁ ଅଧିକ ଜାଲ ହୋଇଥିଲା ତାହା କାହାରିକୁ ଅବିଦିତ ନାହିଁ । ବଙ୍ଗଳାଶାସନକର୍ତ୍ତାଙ୍କ ଅଧୀନସ୍ଥ ଅନେକ ସ୍ଥାନରେ ତହଜ ଅପସାର ଘଟନା ପ୍ରକାଶ ପାଇଅଛି । ଓଡ଼ିଶାରେ ଯେପରି ଜାଲ କରି ଭୌଜିନବିଶ ପ୍ରଭୃତି ପଞ୍ଚାଶ ସହସ୍ର ଟଙ୍କାରୁ ଅଧିକ ସରକାରି ଜମାରୁ କମ୍ ଦେଖାଇ ଜମିଦାରମାନଙ୍କ ଉପର ଜମିଦାର ତରଫର କାଗଜପତ୍ରରେ ପାଲଟିରେ ଅପସାର କରିଥିଲେ ତାହା ଯଥା ସମୟରେ ପ୍ରକାଶିତ ହୋଇଥିଲା । ଭବିଷ୍ୟତରେ ଏପରି ଦୁର୍ଘଟନା ଉପସ୍ଥିତ ନ ହୁଏ ତାହା ନିବାରଣ ନିମନ୍ତେ ଏକାଉଣ୍ଟେଣ୍ଟ ଜେନେରଲଙ୍କ ଅଧୀନରେ ଗୋଟିଏ ମହକୁମା ରହିବାର ପ୍ରସ୍ତାବ ହୋଇଅଛି । ସେମାନେ ସେଉଁ ଜିଲ୍ଲାରେ ସାଲିସୀ ବାକୀ ଅଥବା ରହିଥିବ ଉକ୍ତ ଜିଲ୍ଲାମାନଙ୍କର ହିସାବ ପତ୍ର ତଦାରଖ ଦେଖିବା ନିମନ୍ତେ ପ୍ରେରିତ ହେଉଥିବେ । ବାସ୍ତବିକ ପ୍ରତି ଜିଲ୍ଲାର ହିସାବ ବିଶେଷ କର୍ମ୍ମଚାରୀଙ୍କଦ୍ୱାରା ତଦାରଖ ହେବ ଉଚିତ ଓ ପରିବର୍ତ୍ତ ହେଲେ ଉତ୍ତମ ।

ଦକ୍ଷିଣ ଅଫ୍ରିକାର ବୁଅରମାନଙ୍କ ସଙ୍ଗେ ଲଢ଼ାଇ ଚାଲୁଥିବାରୁ ଇଂରେଜ ବାହାଦୂରଙ୍କ କାର୍ଯ୍ୟର ସମାଲୋଚନା ବିଶେଷରୂପେ ୟୁରୋପରେ ଚାଲୁଅଛି । ଉପନିବେଶ ପ୍ରଦେଶିକ ମନ୍ତ୍ରୀ ଚେମ୍ବରଲେନସାହେବ ପ୍ରକାଶ କଲେ ଯେ ଆମେରିକା ଏବଂ ଜର୍ମାନୀ ସଙ୍ଗେ ଇଂଲଣ୍ଡର ବିଶେଷ ବନ୍ଧୁତା ଥିବାରୁ କୌଣସି ଆଡ଼େ ଭୟର କିଛି ମାତ୍ର କାରଣ ନାହିଁ । ମାତ୍ର ଫ୍ରାନ୍ସ ଅମ୍ଭମାନଙ୍କର ଶ୍ରୀମତୀଙ୍କର ଚିତ୍ରଗୁଡ଼ିକ ପବିତ୍ର ଅଶ୍ଲୀଳ ହୋଇ କ୍ଷେପ କରି ଯେପରି ଉତ୍ତର ବାକ୍ୟମାନ ଚାଲୁଅଛି ତାହା ଶୀଘ୍ର ପରିବର୍ତ୍ତନ ନ କଲେ ଅନ୍ତତଃ ତହିଁର ଫଳ ଭୋଗ କରିବ ।—ଯୁଦ୍ଧ କାଣ୍ଡ ସମାଲୋଚନା କଲେ ବ୍ୟକ୍ତି ବିଶେଷ ବିଶେଷ ଅନ୍ତଃ ମହାରାଣୀଙ୍କ ପ୍ରତି କଟୂକ୍ତି କରାନ୍ତି ଅନୁଚିତ କାର୍ଯ୍ୟ ଅଟେ ଏବଂ ଫ୍ରାନ୍ସ କେଉଁ ସାହସରେ ଏତେଦୂର ଉଦ୍ଧତ ହୋଇଅଛି ଅମ୍ଭେମାନେ ବୁଝିପାରୁ ନାହୁଁ । କେଣେ ଫ୍ରାନ୍ସ ଚେମ୍ବରଲେନସାହେବଙ୍କ ବାକ୍ୟରେ ଯୁଦ୍ଧରେ ଯୁରୋପରେ ହେବାର ବିବେଚନା କରି ଆପଣାର ଗୌରବ ବଢ଼ାଇବାରେ ବ୍ୟସ୍ତ ହୋଇଅଛି ।

ଅମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ପ୍ରକାଶ କରୁଅଛୁଁ କି ଏ ନଗର ନିବାସୀ ବଳି ଦରପଣର ରାଜା ବୈଦ୍ୟନାଥ ପଣ୍ଡିତ ବାହାଦୁର ଗତ ରବିବାର ରାତ୍ରିରେ ସ୍ୱର୍ଗାରୋହଣ କଲେ । ସେ କାର୍ତ୍ତିକ ପୂଜା ଉତ୍ସବକୁ ଆପଣା ପୁତ୍ର ଓ ବନ୍ଧୁମାନଙ୍କୁ ନେଇ ଖଡ଼ଗପୁର ଯୋଗ ଶାନ୍ତି କାରଣ ଅନୁଷ୍ଠିତ ହୋଇଥିବା ଯଜ୍ଞ ସମାପନ ନିମନ୍ତେ ବଳି ଦରପଣ ନଅରଠାରୁ ଫେରି ଆସିଥିଲେ ସେହିଠାରେ ବାତ ଜ୍ୱରରେ ପୀଡ଼ିତ ହେଲେ ପୂର୍ବରୁ ତାହାଙ୍କର ରାଣୀ ଏବଂ ପୁତ୍ରବଧୂର ମୃତ୍ୟୁରେ ସ୍ୱାସ୍ଥ୍ୟଭଙ୍ଗ ଓ ମନୋଦୁଃଖ ହୋଇଥିଲା । ସୁତରାଂ ଚିକିତ୍ସାରେ କିଛି ଫଳ ହେଲା ନାହିଁ । ରାଜା ମହୋଦୟ ଶୈଶବାବସ୍ଥାରେ ପିତୃହୀନ ହେବାରୁ ସରକାରଙ୍କ ନାବାଲଗି ମହକୁମା ଅଧୀନରେ ଅସି ଶିକ୍ଷାଲାଭ ନିମନ୍ତେ ସେ ସମୟରେ କଲିକତାରେ ସ୍ଥାପିତ ନାବାଲଗି ବିଦ୍ୟାଳୟକୁ ପ୍ରେରିତ ହୋଇଥିଲେ । ନାବାଲଗ ହୋଇ ସେଠାରୁ ଫେରି ଅସି ଆପଣା ସମ୍ପତ୍ତିର ଭାର

Digitized by srujanika@gmail.com

ସ୍ଥାପଣ କଲେ ଏବଂ ସରକାରଙ୍କର ବନ୍ଦୋବସ୍ତ ଏବଂ ତାହାଙ୍କ ଗୁରୁତ୍ୱ ବଡ଼ଯତ୍ନ ମାଧୋପ୍ରସାଦ ପଣ୍ଡି- ତଙ୍କ ସହାୟରେ ଅପାର ସମ୍ପତ୍ତିର କାର୍ଯ୍ୟ ଉତ୍ତମରୂପେ ନିର୍ବାହ କରୁଥିଲେ । ସେ ବଡ ଉଦାରରୂପେ ନିର୍ବାହ କରୁଥିଲେ । ସେ ଧର୍ମିକ, ନମ୍ର, ବଦାନ୍ୟ, ସଂଦୟାନୁଗାମୀ ଓ ସାଧା- ରଣ ହିତୈଷୀ ବ୍ୟକ୍ତି ଥିଲେ ଏବଂ ନିଜର ଗୁଣରେ ସରକାରଙ୍କଠାରୁ ଜମିନ୍ ରାୟ ବାହାଦୂରଠାରୁ ରାଜା ବାହାଦୂର ପର୍ଯ୍ୟନ୍ତ ପଦମାନଙ୍କଦ୍ୱାରା ସମ୍ମା- ନିତ ହୋଇଥିଲେ । ସାଧାରଣ ଦାନ ଛଡ଼ା ତାହା- ଙ୍କର ଗୁପ୍ତ ଦାନ ଅନେକ ଥିଲା । ପ୍ରାୟ କେହି ପ୍ରାର୍ଥୀ ତାହାଙ୍କ ଦ୍ୱାରରୁ ଫେରୁ ନ ଥିଲେ । ଏପରି ଗୁଣବନ୍ତ ବ୍ୟକ୍ତିର ଅକାଳ ଅର୍ଥାତ କେବଳ ୪୨ ବର୍ଷ ବୟସରେ ମୃତ୍ୟୁ ଅତ୍ୟନ୍ତ ଶୋକର ବିଷୟ ବୋଲିବା ବାହୁଲ୍ୟ । ସେ ଏକମାତ୍ର ନାବାଳକ ପୋଷ୍ୟପୁତ୍ର କୁମାର ଶ୍ରୀ ହରିହରନାଥ ପଣ୍ଡିତଙ୍କୁ ଉତ୍ତରାଧିକାରୀ ରଖି ଯାଇଅଛନ୍ତି । ପରମେଶ୍ୱର ତାହାଙ୍କର ଆତ୍ମାର ଶାନ୍ତିବିଧାନ କରନ୍ତୁ ଏବଂ କୁମାରଙ୍କୁ ଆଶୀର୍ବାଦ କରନ୍ତୁ ଯେ ସେ ପିତାଙ୍କ ପରି ଯଶୋଜ୍ଜ୍ୱଳଦ୍ୱାରା ବଂଶର ଗୌରବ ବଢ଼ାଇବାକୁ ସମର୍ଥ ହେଉନ୍ତୁ ।

କଟକ କଲେକ୍ଟରୀ ମହାଫିଜଖାନାର ଗୋଲମାଲ ।

ଏଠା ମହାଫିଜଖାନାରେ ଗୋଟିଏ ନକଲ ହଜି ଯାଉଥିବାର ସମ୍ବାଦ କଲେକ୍ଟର ସାହେ- ବଙ୍କ କର୍ଣ୍ଣଗୋଚରରେ ଆସିବାରୁ ସାହେବ ମହୋଦୟ ଗତ ମଙ୍ଗଳବାର ଦିବସ ହଠାତ୍ ପୋଲିସ ନେଇ ଓ ମହାଫିଜ ବାବୁ ଅଭିମନ୍ୟୁ ମହାପାତ୍ରଙ୍କୁ ବନ୍ଦୋବସ୍ତ ଅଫିସରୁ ସଙ୍ଗରେ ଆଣି ମହାଫିଜଖାନା ତଲାସ ଆରମ୍ଭ କଲେ । ଜଗନ୍ନାଥଚରଣ ମହାନ୍ତି ନାମକ ଜଣେ ବନୋବସ୍ତ କାର୍ଯ୍ୟାଳୟ କର୍ମଚାରୀ ରସୁଲପୁର ଓ ଜମ୍ବୁଗ୍ରାମ ପୁର ମୌଜାର ଷ୍ଟେଟମେଣ୍ଟ ନକଲ କରୁଥିଲା । ତଲାସ ହେବା ସମୟରେ କେଣୁ ହଠାତ ମଣି ନଷ୍ଟ ହୋଇ ମହାଫିଜଖାନା ଭିତରେ ଏବଂ ବଡ଼ ଆଲମାରିର ସନ୍ଦୁକ ଥାକରେ ତାହା ବସ୍ତାନିମାନ ଘେଞ୍ଚ ହୋଇ ଲୁଚି ରହିଲା । ସୁତରାଂ କେଉଁଠାରୁ ତାକୁ କେହି ଖୋଜି ପାଇଲେ ନାହିଁ । ଏତଦ୍ଭିନ୍ନ ମହାଫିଜ ସଯ୍ୟଦ୍ ମହମ୍ମଦ ହାକିମ ଓ ମୁନସି ଫଏଜଅଲ୍ଲିଙ୍କୁ ପଚାରିବାରେ ସେମାନେ କେହି ନକଲ କରୁ ନ ଥିବାର କହିଲେ । ମହାଫିଜଖାନାର ଅନ୍ୟାନ୍ୟ ଅମ- ଲମାନେ କାହାକୁ କେହି ଦେଖି ନ ଥିବାର ପ୍ରକାଶ କଲେ । ପରିଶେଷରେ କେଣୁ ମହାଫିଜ- ଖାନା ଭିତରେ ଥିବାର ଜଣେ ଲୋକ କହି- ବାରୁ ପୁଲିସ ଆଲମାରି ସବୁ ଅତ୍ୟନ୍ତ ମନୋ- ଯୋଗ ପୂର୍ବକ ଖୋଜି କୋର୍ଟ ସବ୍‌ଇନ୍‌ସ୍ପେକ୍ଟର ବାବୁ କେଣୁକୁ ଲୁକାୟିତ ସ୍ଥାନରୁ ଧରି ଆଣିଲେ ସେ ସକଳ ବିଷୟ ପ୍ରକାଶ କଲା । କିଣୁକୁ ସାହେବ ମହୋଦୟ ହାଜତ ଦେଲେ ଓ ହାକିମ ଓ ଫଏଜଅଲ୍ଲିଙ୍କୁ ସସ୍ପେଣ୍ଡ କଲେ । ପୋଲିସ ହାକିମର ଘର ତଲାସ କରିଅଛନ୍ତି । ଗତ ବୁଧବାର ହାକିମଙ୍କୁ ମଧ୍ୟ ହାଜତ ପଠା ହୋଇଅଛି । ମୋକଦ୍ଦମା ଡେପୁଟୀ ମାଜିଷ୍ଟ୍ରେଟ ମିଃ ମଣ୍ଡି ମହୋଦୟଙ୍କୁ ସୁପର୍ଦ୍ଦ ହୋଇଅଛି ।

ଦେଶୀୟ ରାଜାଙ୍କର କର୍ତ୍ତବ୍ୟ ।

ବଡ଼ଲାଟ ସାହେବ ଉତ୍ତର ପଶ୍ଚିମାଞ୍ଚଳରେ ଗସ୍ତ କରୁଅଛନ୍ତି ଓ ସ୍ଥାନେ ୨ ଦେଶୀୟ ରାଜା- ମାନଙ୍କ ରାଜଧାନୀରେ ଅଭ୍ୟର୍ଥନା ରକ୍ଷା କରି ଉପଦେଶପୂର୍ଣ୍ଣ ବକ୍ତୃତା ଦେବାରେ କୁଣ୍ଠିତ ହେଉ ନାହାନ୍ତି । ଗୋଆଲିୟର ମହାରାଜାଙ୍କ ରାଜ୍ୟରେ ଯଥା ସମାରୋହରେ ଉପସ୍ଥିତ ହୋଇ ମହା- ରାଜାଙ୍କ ଅଭ୍ୟର୍ଥନାରେ ତୃପ୍ତ ହୋଇ ତାଙ୍କୁ ଧନ୍ୟବାଦ ଦେଇ ତାଙ୍କର କାର୍ଯ୍ୟକଳାପରେ ସନ୍ତୋଷ ଲାଭ କରି ଗୁଣ ପ୍ରଶଂସା କରିବା ସମୟରେ ରାଜାଙ୍କର ପ୍ରଜା ସହିତ କି ସମ୍ବନ୍ଧ ଦେଶ ସହିତ କି ସମ୍ବନ୍ଧ ଅର୍ଥାତ୍ ରାଜାଙ୍କର କି କର୍ତ୍ତବ୍ୟ କାର୍ଯ୍ୟ ବୁଝାଇ ଦେଇଥିଲେ । ଆମ୍ଭେ- ମାନେ ସେଥିର ସାରାଂଶ ନିମ୍ନେ ଉଦ୍ଧୃତ କଲୁଁ ।

ଦେଶୀୟ ରାଜା ଭାରତର ଶାସନକାର୍ଯ୍ୟ ଚଳାଇବା ଭାରପ୍ରାପ୍ତଙ୍କ ମଧ୍ୟରେ ଏକ ଜଣ ଅଟନ୍ତି । ଦେଶର ଶାସନରେ ବଡ଼ଲାଟ ଅବା ଗୋଭର୍ଣ୍ଣରଙ୍କର ଯେଉଁ ସମ୍ବନ୍ଧ ଅଛି ଦେଶୀୟ ରାଜାଙ୍କର ସେଥିରୁ ନ୍ୟୂନ ନୁହେ । ଆମ୍ଭେ ତାଙ୍କୁ ଆମ୍ଭର ସହଯୋଗୀ ଓ ଅଂଶୀଦାର ବୋଲି ଜ୍ଞାନ କରୁଁ । ସେ କେବଳ ଦେଶରେ ଶ୍ରୀମତୀ ମହା- ରାଣୀଙ୍କର ଆଜ୍ଞାନୁବର୍ତ୍ତୀ ପ୍ରଜା ଓ ପ୍ରଜାଙ୍କ ନିକ- ଟରେ ଦାୟିତ୍ୱହୀନ ରାଜା ହୋଇ ରହି ପାରନ୍ତି ନାହିଁ । ତାଙ୍କୁ ଯେଉଁ କ୍ଷମତା ପ୍ରଦାନ କରା ହୋଇଅଛି, ସେ ଅବଶ୍ୟ ତାହାର ଅପବ୍ୟବହାର କରିବେ ନାହିଁ । ସେ ଅବଶ୍ୟ ତାଙ୍କର ପ୍ରଜା- ମାନଙ୍କର ଭୃତ୍ୟ ଓ ପ୍ରଭୁ ହେବେ । ସେ ଅବଶ୍ୟ ଜାଣିବେ ଯେ ତାଙ୍କର ଦେଶର ଉନ୍ନତି ସମ୍ପୂର୍ଣ୍ଣ ତାଙ୍କର ପ୍ରଜା ସମୂହର ମଙ୍ଗଳ ନିମନ୍ତେ ତାଙ୍କୁ ଦତ୍ତ ହୋଇଅଛି । ଏହା ତାଙ୍କର ଆମୋଦ ନିମନ୍ତେ ସୃଷ୍ଟ ହୋଇ ନାହିଁ । ତାଙ୍କର ଶାସନ ଯେ ପରିମାଣରେ ସରଳ ହେବ ସେହି ଅନୁ- ପାତରେ ଅଭ୍ୟନ୍ତରର ଶାସନ ଦୋଷହୀନ ହେବ ଓ ତାଙ୍କର ଗଦି ଆମୋଦ ସ୍ଥାନ ନୁହେ କିନ୍ତୁ କର୍ତ୍ତବ୍ୟ ସ୍ଥାନ ଅଟେ । ତାଙ୍କର ମୁଖ ଛବି ଖେଳ ସ୍ଥାନରେ କିମ୍ବା ଘୋଡ଼ାଦଉଡ଼ ଅବା ଇଉରୋପୀୟ ହୋଟେଲରେ କେବଳ ଦୃଶ୍ୟ ହେବାର ନୁହେ । ଏ ସବୁ ବିଶ୍ରାମ ପାଇଁ ଆବ- ଶ୍ୟକ ହୋଇ ପାରେ ମାତ୍ର ତାଙ୍କର ପ୍ରକୃତ କାର୍ଯ୍ୟ ରାଜୋପଯୁକ୍ତ କର୍ତ୍ତବ୍ୟ କାର୍ଯ୍ୟ ପ୍ରଜାମାନଙ୍କ ସନ୍ନି- କଟରେ । ଏହିସବୁ ରାଜାଙ୍କର ପ୍ରକୃତ କାର୍ଯ୍ୟ ଓ ଏତଦ୍ୱାରା ରାଜା ବୋଲି ସେ ପରିଗଣିତ ହୁଅନ୍ତି ।

ବର୍ତ୍ତମାନ ସମୟରେ ରାଜାମାନେ ଯେପରି ଶିକ୍ଷାଲାଭ କରନ୍ତି ଓ ସେମାନଙ୍କର ଅଭିଭାବକ ଯେପରି ଉପଦେଶ ଦେଉଅଛନ୍ତି ସେଥିରୁ ରାଜା- ମାନଙ୍କର କର୍ତ୍ତବ୍ୟ ବୋଧରେ ଜ୍ଞାନ ଲାଭ କରି- ଥିବା ସମ୍ବନ୍ଧରେ ବିଶେଷ ସନ୍ଦେହ । ଅନ୍ୟ ରାଜାଙ୍କ କଥା ଦେଶିକି ଥାଉ ଯେଉଁମାନେ ନାବାଳଗ ଅବସ୍ଥାରେ ଥାଇ ଇଂରାଜୀ ପ୍ରଣା- ଳୀରେ ଶିକ୍ଷା ପ୍ରାପ୍ତ ହେଉଅଛନ୍ତି ଓ ଯେଉଁମାନ- ଙ୍କର ମୂଳବ ସ୍ୱୟଂ ବଡ଼ଲାଟଙ୍କ ଅଧୀନସ୍ଥ କର୍ମ- ଚାରୀ ସେମାନେ ମଧ୍ୟ କର୍ତ୍ତବ୍ୟଜ୍ଞାନ ରହିତ ହେଉଅଛନ୍ତି । ଆମ୍ଭେମାନେ ଆଶା କରୁଁ ବର୍ତ୍ତ- ମାନ ରାଜପ୍ରତିନିଧିଙ୍କ ସମୟରେ ନାବାଳଗ ରାଜା- ମାନଙ୍କ ଶିକ୍ଷା ସମ୍ବନ୍ଧରେ ଅବଶ୍ୟ କୌଣସି ନୂତନ କଟକଣା ହେବ ।

ପରିଶେଷରେ ଆମ୍ଭେମାନେ ଆଶା କରୁଁ ଆମ୍ଭ- ମାନଙ୍କର ଦେଶୀୟ ରାଜା ମହାରାଜାମାନେ ବଡ଼ଲାଟଙ୍କର ସଦୁପଦେଶପୂର୍ଣ୍ଣ ବକ୍ତୃତାକୁ ପାଠ କରି କର୍ତ୍ତବ୍ୟକର୍ମ ଜ୍ଞାନ ଲାଭ କରିବେ ।

ଟ୍ରାନ୍ସଭାଲ ଯୁଦ୍ଧ ।

ତା ୨୭ ଇଖ ତାର ସମ୍ବାଦ । ସେନାପତି ବୁଲର ପିଟରମାରିଜବର୍ଗରୁ ସମ୍ବାଦ ଦେଇଅଛନ୍ତି ଯେ ସୈନ୍ୟାଧ୍ୟକ୍ଷ ହିଲ୍ଡ ୟାର୍ଡ଼ ବିକନସ ହିଲଠାରେ ଶତ୍ରୁମାନଙ୍କୁ ଆକ୍ରମଣ କରିଥିଲେ । ଶତ୍ରୁମା ପଛକୁ ହଟିଗଲେ । ଇଂରେଜଙ୍କ ପକ୍ଷରୁ ହତ ଓ ୭୦ ଆହତ ।

ଇଷ୍ଟକୋର୍ଟ ଓ ଉଇଲୋ‌ଗ୍ରେଞ୍ଜ ମଧ୍ୟର ରାସ୍ତା ଓ ରେଲରାସ୍ତା ପୂର୍ବପରି ଠିକ ଅଛି ।

Split by PDF Splitter

Digitized by srujanika@gmail.com

Split by PDF Splitter

396

ଇଂରେଜ ମୂଲଜଗୀର ଉତ୍ତର ୩ ମାଇଲରେ ଅବସ୍ଥାନ କରୁଅଛନ୍ତି ।

ଗ୍ଲାସ୍‌ଗାଓରେ ଇଂରେଜଙ୍କ ପକ୍ଷରୁ ୧୪ ହତ ଓ ୯୧ ଆହତ ହୋଇଅଛନ୍ତି ।

ତା ୨୮ ଋଣ ତାଇସମ୍ବାଦ । ସେନାପତି ବୁଲର ସମ୍ବାଦ ଦେଇଅଛନ୍ତି ଗ୍ଲାସଗାଓ ଯୁଦ୍ଧରେ ଜ ୧୫୮ ଖ ଯଜ ଦକ୍ଷତ ହୋଇଅଛନ୍ତି ତନ୍ମଧ୍ୟରୁ ଅନେକ ଗୁରୁତର ଶ୍ରେଷ୍ଠ ବଡ଼ କର୍ମଚାରୀ ମଧ୍ୟ ପଡ଼ିଅଛନ୍ତି ।

ବୁଅରମାନେ ଲେଡ଼ିସ୍ମିଥ ଅତିକ୍ରମ ଅଗ୍ରସର ହୋଇଅଛନ୍ତି ଓ ଲୁଟ କରିବାକୁ ଆରମ୍ଭ କରିଅଛନ୍ତି ।

ଏହି ସମୟରେ ନଦୀ ବୃଦ୍ଧି ହୋଇଅଛି ।

ତା ୨୯ ଋଣ ତାଇସମ୍ବାଦ । ମଦର ନଦୀ ଛକଟ୍ଟରେ ବୁଅର ସୈନ୍ୟଦଳଙ୍କୁ ଲର୍ଡ଼ ମେଥୁଏନ ସମ୍ପୂର୍ଣ୍ଣରୂପେ ପରାସ୍ତ କରିଅଛନ୍ତି ।

ଘ ୧୦ ଘଣ୍ଟା ପର୍ଯ୍ୟନ୍ତ ବ୍ରିଟିଶ ସୈନ୍ୟ ଜଳ ଖାଇ ନ ପିଇ ଓ ଶତ୍ରୁରେ ଘୋରତର ଯୁଦ୍ଧ କରି ଶତ୍ରୁମାନଙ୍କୁ ସେମାନଙ୍କ ସ୍ଥାନରୁ ବାହାର କରିବାକୁ କ୍ଷମ ହୋଇଥିଲେ ।

ଜେନେରଲ ଜେଟେକ୍ର ବୁଅରମାନଙ୍କ ଅଧିକାର କରିଅଛନ୍ତି ଶତ୍ରୁମାନେ ମୋଲ୍‌ଡାଜୋଲ୍ଲୁ ଗ୍ରଲି ଯାଇଛନ୍ତି ।

ବୁଅରମାନେ ବର୍ତ୍ତମାନ କମ୍ବର୍ଲି ଉଲଗ୍ରିଙ୍ଗରୁ ଅନ୍ତର୍ଦ୍ଧାନ ହେଉଅଛନ୍ତି ।

ତା ୩୦ ଋଣ ତାଇସମ୍ବାଦ । ସେନାପତି ଯୁବାର୍ଟ ଲଲେଜେଷା ଅତିକ୍ରମ ତାଙ୍କର ସୈନ୍ୟ ସହ ପ୍ରତ୍ୟାଗମନ କରିଅଛନ୍ତି ।

ସେନାପତି ବୁଲର ସେନାପତି ହ୍ୱାଇଟଙ୍କ ଉଦ୍ଧାର ନିମନ୍ତେ ସ୍ୱୟଂ ଯୁଦ୍ଧକ୍ଷେତ୍ରରେ ଉପସ୍ଥିତ ହୋଇ ସୈନ୍ୟ ଚଳାଉଅଛନ୍ତି ।

ତା ୨୩ ଋଣ ପର୍ଯ୍ୟନ୍ତ କମ୍ବର୍ଲିଠାରେ ସବୁ ଉତ୍ତମ ଥିଲା ମୋଦର ନଦୀ ପର୍ଯ୍ୟନ୍ତ ରେଲୱେ ଓ ଟେଲିଗ୍ରାଫ ଖୋଲାଅଛି ।

ତା ୩୦ ଋଣ ପ୍ରାତ ଘ ୭୪ ଘ. ସମୟରେ ତାଇସମ୍ବାଦ ଅସି ପହଞ୍ଚିଅଛି ଲର୍ଡ଼ ମେଥୁଏନ ଆଘାତପ୍ରାପ୍ତ ହୋଇଅଛନ୍ତି । ଅସାଂ ଅଳ୍ପରେ [illegible]ମାନ୍ୟ ହେଉଥିବାର କଥିତ ହୁଏ ।

[illegible] ୧ ଋଣ ଡିସେମ୍ବର ତାଇସମ୍ବାଦ । ତା ୨୪ ରିଚମଣ୍ଡଠାରୁ ସମ୍ବାଦ ଆସିଅଛି ଯେ [illegible]ବାର ବେଶି ଜଣିଛି ସୈନ୍ୟମାନେ [illegible]ଇଅଛନ୍ତି ।

ତା ୧ ଋଣ ତାଇ ସମ୍ବାଦ । ଯୁଦ୍ଧସ୍ଥାନରେ ଚୁପ୍‌ଚାପ୍ ।

ତା ୨ ଋଣ ତାଇ ସମ୍ବାଦ । ମୋଦର ନଦୀ ନିକଟରେ ଇଂରାଜ ସେନା ୭୦ ହତ ଓ ୩୭୫ ଆହତ ହୋଇଥିବାର ଜଣା ଯାଇଅଛି ।

ବୁଅରମାନେ କଲେଜେଷା ପୋଲକୁ ଭାଙ୍ଗି ଦେଇ ସେହିଠାରେ ଜଗି ରହିଥିଛନ୍ତି ଓ ଇଂରେଜଙ୍କୁ ଟୁଗେଲା ନଦୀ ପାର ହେବାକୁ ଦେଉ ନାହାନ୍ତି ।

ଲାଖରାଜର ନୂତନ ପ୍ରସ୍ତାବ ।

ଯେଉଁ ଜମିଦାରମାନଙ୍କର ଖଜଣା ଟ ୧୦ ଙ୍କା ଅଥବା ତହିଁରୁ ଊଣା ସେଥିର ଷୋଳ ପଣ ଖଜଣା ଅପ୍ରେଲ କିସ୍ତିରେ ଏବଂ ଯେଉଁ ମାହାଲମାନଙ୍କର ଖଜଣା ତହିଁରୁ ଅଧିକ ସେମାନଙ୍କର ଖଜଣା ଅପ୍ରେଲ କିସ୍ତିରେ ବାରପଣ ଏବଂ ନଭେମ୍ବର କିସ୍ତିରେ ଚଉପଣ ଆଦାୟ କରିବା କାରଣ ମହାମାନ୍ୟ ରେଭିନ୍ୟୁ ବୋର୍ଡ ପ୍ରସ୍ତାବ କରିବାରୁ ଅମ୍ଭମାନଙ୍କର କଲେକ୍ଟର ସାହେବ ଏ ଜିଲ୍ଲାର ପ୍ରଧାନ୨ ଜମିଦାରଙ୍କ ନିକଟକୁ ମତାମତ ସକାଶେ ବିଜ୍ଞାପନ ପଠାଇଅଛନ୍ତି । ବର୍ତ୍ତମାନ ଯେଉଁ ରୀତିରେ ଖଜଣା ଦାଖଲ ହେଉଅଛି ସେଥିରେ ବହୁକାଳ ହେଲା ଜମିଦାର ପ୍ରଜା ଉଭୟେ ଅଭ୍ୟସ୍ତ ହୋଇଥିବା ଏବଂ ଖଜଣା ଦାଖଲ ସମ୍ବନ୍ଧରେ କୌଣସି ଅସୁବିଧା ଅଥବା ଗୋଳମାଳ ଉପସ୍ଥିତ ହୋଇ ନ ଥିବା ସ୍ଥଳେ ଏପରି ପରିବର୍ତ୍ତନ ଯେ ବୋର୍ଡ଼ଙ୍କୁ କି ସକାଶେ ପ୍ରସ୍ତାବିତ ହୋଇଅଛି ତାହା ଅମ୍ଭେମାନେ ବୁଝି ପାରୁ ନାହୁଁ । ବର୍ତ୍ତମାନ ବନ୍ଦୋବସ୍ତରେ ପ୍ରଜାଙ୍କ ଯେଉଁ ଖତିୟାନ ଦିଆ ଯାଉଅଛି ତହିଁରେ ପ୍ରଜାମାନେ କେଉଁ୨ କିସ୍ତିରେ କେତେ ଖଜଣା ଜମିଦାର ଅଥବା ମଧ୍ୟସ୍ୱତ୍ୱାଧିକାରୀଙ୍କୁ ଦେବେ ତହିଁର ଆଦୌ ଉଲ୍ଲେଖ ନାହିଁ । ସୁତରାଂ ବଙ୍ଗୀୟ ପ୍ରଜାସ୍ୱତ୍ୱ ଆଇନର ଧା ୫୩ ସବୁ ଖଜଣା ଅଦାୟ ବିଷୟରେ ମୂଳ ହେବାକୁ ହେବ । ଉକ୍ତ ଧାରାରେ ପ୍ରଜାଙ୍କ ଖଜଣା ପ୍ରତ୍ୟେକ କୃଷି ବର୍ଷରେ ଷାଣ୍ମାସିକ ଅର୍ଥାତ୍ ଛଅ ମାସ ଅନ୍ତେ ଅନ୍ତେ ଏପରି ଦୁଇ ସମାନ କିସ୍ତିରେ ଦେୟ ହେବ । ଏଠାରେ ପ୍ରଚଳିତ ଆମଲି ସାଲ ସେପ୍ଟେମ୍ବର ମାସରେ ଆରମ୍ଭ ହେବାର ଧରି ନେଲେ ପ୍ରଥମ କିସ୍ତି ଫେବୃଆରୀରେ ଓ ଦ୍ୱିତୀୟ କିସ୍ତି ମାର୍ଚ୍ଚମାସରେ ପ୍ରଜାଙ୍କଠାରୁ ଅଦାୟ ହୋଇ ପାରିବ । ସୁତରାଂ ଜୁନ ମାସ ପୂର୍ବେ ପ୍ରଜାଙ୍କଠାରୁ ଦ୍ୱିତୀୟ କିସ୍ତି ଅଦାୟ ହୋଇ ନ ପାରେ । ଏପରି ସ୍ଥଳେ ଜମିଦାରମାନେ କିପରି ବାରପଣ ଖଜଣା ଅପ୍ରେଲ ମାସରେ ଦେବାକୁ ସକ୍ଷମ ହେବେ ? ଆଉ ଜମିଦାରମାନେ ପ୍ରଜାଙ୍କଠାରୁ ବାରପଣ ଖଜଣା ଅସୁଲ କରିବାକୁ ହକଦାର ହେବା ପୂର୍ବେ ସେମାନଙ୍କଠାରୁ ବାରପଣ ଖଜଣା ଆଦାୟ କରିବା କେଉଁ ଆଇନରେ ଯୁକ୍ତିସିଦ୍ଧ ହୋଇ ପାରିବ ? ବର୍ତ୍ତମାନ ବନ୍ଦୋବସ୍ତରେ ପ୍ରଜାଙ୍କର ଖଜଣା ବୃଦ୍ଧି ହେବାରୁ ଖଜଣା ଆଦାୟର କଷ୍ଟ ବଢ଼ିଅଛି ଏବଂ ପ୍ରଜାଙ୍କଠାରୁ ନାଲିଶ ଭିନ୍ନ ବାକି ଖଜଣା ଆଦାୟ କରିବାର ଅନ୍ୟ ଉପାୟ ନାହିଁ । ଅନେକରୁ ଅଧିକ ପ୍ରଜାମାନେ କାଙ୍ଗାଳ ହେଲେ । ପୂର୍ବେ ଦଶ ଆଇନରେ ପ୍ରଜାଙ୍କୁ ବେଦଖଲ କରାଇବାର ଯେଉଁ ଅଧିକାର ଜମିଦାରଙ୍କୁ ପ୍ରଦତ୍ତ ହୋଇଥିଲା ବଙ୍ଗୀୟ ପ୍ରଜାସ୍ୱତ୍ୱ ଆଇନ ଚଳାଇ ସରକାର ତାହା କାଟି ମାରି ଦେଲେ । ସୁତରାଂ ଖଜଣା ଆଦାୟ କରିବା ସଙ୍ଗେ ଜମିଦାରଙ୍କୁ ଅଧିକ ସୁଯୋଗ ନ ଦେଇ ସରକାର ଏକମାତ୍ର ସାଧାରଣ ନାଲିଶ ଓ ଉକ୍ତିକାଶର ଉପାୟ ନିର୍ଦ୍ଦିଷ୍ଟ କରି ଦେଲେ ପରେ ଜମିଦାରଙ୍କଠାରୁ ଯେ ଅଗ୍ରିମ ଖଜଣା ନେବାର ବିଧି କରିବାର କଳ୍ପନା କରୁଅଛନ୍ତି ତାହା ଅମ୍ଭମାନଙ୍କୁ ନିତାନ୍ତ ଅସଙ୍ଗତ ବୋଧ ହେଉଅଛି । କୌଣସି୨ ଜମିଦାର ଅଗ୍ରିମ ଖଜଣା ଅସୁଲ କରୁଥିଲେହେଁ ତାହା ସମ୍ପୂର୍ଣ୍ଣ ସ୍ୱେଚ୍ଛାଧୀନ । ପ୍ରଜାମାନେ ଯେବେ ଅଗ୍ରିମ ଖଜଣା ନ ଦେବେ ତେବେ ଜମିଦାର ସେମାନଙ୍କ ଉପରେ ନାଲିଶ କରି ଅଗ୍ରିମ ଆଦାୟ କରି ପାରିବେ ନାହିଁ । ମଧ୍ୟ ଅମ୍ଭେମାନେ ଜାଣୁ ଯେ ଅନେକ ସ୍ଥଳରେ ଲାଖରାଜ କିସ୍ତି ଅନୁଯାୟୀ ଜମିଦାର ପ୍ରଜାଙ୍କଠାରୁ ଲାଖରାଜ ସମୟରେ ଦେହି୨ କିସ୍ତିର ଖଜଣା ଆଦାୟ କରୁଅଛନ୍ତି । ପ୍ରଜାସ୍ୱତ୍ୱ ଆଇନର ବିଧି ଦେଖିବାକୁ ଗଲେ ଅପ୍ରେଲ କିସ୍ତିର ଷୋଳପଣି ସକାଶେ ଜମିଦାରଙ୍କୁ କେବଳ ମାସେ ମିଳୁଅଛି ଅର୍ଥାତ୍ ମାର୍ଚ୍ଚ ମାସରେ ପ୍ରଜାଙ୍କଠାରୁ ଅଠପଣ ଅସୁଲ ହୋଇ ପାରିବାର ବିଧି ହେବାରୁ ବାକି ଖାଉ ପ୍ରଜାଙ୍କ ନାମରେ ସେମାନେ ଅଠପଣର ନାଲିଶ କରିପାରିବେ ମାତ୍ର ଉକ୍ତ ହୋଇ ଟଙ୍କା ଆଦାୟ କରିବାକୁ ସୁଦ୍ଧା ଯଥେଷ୍ଟ ସମୟ ନାହିଁ । କେବଳ ଦଶ ଆଇନ ମୁତାବକ ଜ୍ୟେଷ୍ଠମାସରେ ପ୍ରଜାର ଖଜଣା ସମୁଦାୟ ଦେୟ ହେଉଥିବାରୁ ଷୋଳପଣି ଖଜଣା ବାକିଦାର ପ୍ରଜାଙ୍କଠାରୁ

Split by PDF Splitter

ଆଦାୟ ସକାଶେ ବୈଶାଖ ମାସଠାରୁ କାର୍ତ୍ତିକ ଯାଏ ଗୁଡ଼ିମାସ କାଳ ଜମିଦାରଙ୍କୁ ମିଳଇ ଏବଂ ଭାଦ୍ର ଉତ୍ତାରୁ ବାକି ଉଚ୍ଚାଦ୍ଧାରାର୍ଥ ବାକି ଥିବା ଆଦାୟ କାରଣ ଯଥେଷ୍ଟ ଅନୁଚିତ ହେଲେ ମଧ୍ୟ ଉଚ୍ଚାକାଙ୍କ୍ଷା କରି ଟଙ୍କା ଆଦାୟ କେତେ କଷ୍ଟ ତାହା ଭୁକ୍ତଭୋଗୀ ବିନା ଅନ୍ୟ କେହି ବୁଝି ପାରିବେ ନାହିଁ ସୁତରାଂ ବର୍ତ୍ତମାନ ଯେଉଁ କିସ୍ତିବନ୍ଦୀ ଚଳୁଅଛି ତାହା ସର୍ବମତେ ଭଲ । ଯଦି ପୌଷମାସଠାରୁ ଫାଲ୍ଗୁନ ମାସ ପର୍ଯ୍ୟନ୍ତ ଫସଲ ଅମଲ ହେବା ଏବଂ ପ୍ରଜାଙ୍କ ହାତରେ ପଇସା ଥିବାରୁ ସେ ସମୟରେ ଖଜଣା ଅସୁଲ ହୋଇ ପାରିବାର ବିଶେଷ ସୁବିଧା ଥିବା ହେତୁ କିସ୍ତି ପରିବର୍ତ୍ତନ କରିବାକୁ ବୋର୍ଡ଼ ଇଚ୍ଛା କରୁଅଛନ୍ତି ତେବେ ପ୍ରଜାଙ୍କର ଖଜଣା ଦେବାର କିସ୍ତି ଆଗେ ପରିବର୍ତ୍ତନ କରି ପରେ ଜମିଦାରଙ୍କ କିସ୍ତି ପରିବର୍ତ୍ତନର ବିଧାନ କରନ୍ତୁ । କାରଣ କେବଳ ପ୍ରଜାର କିସ୍ତି ପରିବର୍ତ୍ତନ କଲେ ଯେ ଖଜଣା ଆଦାୟ ସହଜ ହୋଇଯିବ ତାହା ଜବାପ ନୁହେ ପ୍ରଚଳିତ ଆଇନ ଅନୁସାରେ ପ୍ରଜା ଉପରେ ନାଲିସ କରି ଖଜଣା ଆଦାୟ କରିବା ବହୁ ବ୍ୟୟ ଓ ସମୟ ସାପେକ୍ଷ । ସେ ସ୍ଥଳେ ନୂତନ ବନ୍ଦୋବସ୍ତରେ ସବ୍ଲ ସବ୍ଲ ଓ ଖଜଣା ନିର୍ଦ୍ଦିଷ୍ଟ ହୋଇ ଗଲା ସେ ସ୍ଥଳେ ଖଜଣା ଆଦାୟର ପ୍ରଣାଳୀ ଅନାୟାସରେ ଅତି ସହଜ ହୋଇପାରେ ଏବଂ ଖଜଣା ଆଦାୟର ସହଜ ଉପାୟ ନ କରି କେବଳ ଜମିଦାରଙ୍କୁ କିସ୍ତିବନ୍ଦୀ କରିବା ଭଲ ନୁହେ । ୫ ୧୦୯ ଙ୍କା ପର୍ଯ୍ୟନ୍ତ ମାଲଗୁଜାରିର କ୍ଷୁଦ୍ର ଜମିଦାରଙ୍କଠାରୁ ପ୍ରଥମ କିସ୍ତିରେ ସମ୍ପୂର୍ଣ୍ଣ ମାଲଗୁଜାରି ଆଦାୟ କରିବାର ପ୍ରସ୍ତାବ ଅତ୍ୟନ୍ତ କଠିନ ଅଟେ । କ୍ଷୁଦ୍ର ଜମିଦାରମାନେ ପ୍ରଜାଙ୍କଠାରୁ ଖଜଣା ଆଦାୟ କରିବାକୁ ଅଧିକ କଷ୍ଟ ଭୋଗ କରନ୍ତି । ଅତଏବ ସେମାନଙ୍କଠାରୁ ଶେଷ ଅର୍ଥାତ୍ ନଭେମ୍ବର କିସ୍ତିରେ ସମସ୍ତ ଖଜଣା ଏକଥରକେ ଆଦାୟ କରିବାର ନିୟମ ହେବା ଉଚିତ । ଆମ୍ଭେମାନେ ଏକାନ୍ତ ଆଶା କରୁଁ ରେଭିନ୍ୟୁ ବୋର୍ଡ଼ ବର୍ତ୍ତମାନ ପ୍ରସ୍ତାବକୁ କ୍ଷାନ୍ତ ରଖି ଜମିଦାରମାନଙ୍କ ଖଜଣା ଆଦାୟ ବିଷୟରେ ସୁବିଧା ପ୍ରଦାନ ନିମନ୍ତେ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରି ସର୍ବସାଧାରଣଙ୍କର କୃତଜ୍ଞତା ଭାଜନ ହେବେ ।

ସାପ୍ତାହିକ ସମ୍ବାଦ ।

କଲିକତା ଗେଜେଟ ।

ମିଃ ଏଫ, ଇ ପାର୍ଗିଟର ୨୪ ପ୍ରଗଣା ଓ ହୁଗଲୀର ଅତିରିକ୍ତ ଜଜ ସ୍ୱରୂପରେ ନିଯୁକ୍ତ ।

କୁଚବିହାରର ଡାଇରେକ୍ଟର ମିଃ ପି, ସି, ଲାୟନ ତିନିମାସ ଅବସରର ଛୁଟୀ ପ୍ରାପ୍ତ ହୋଇଅଛନ୍ତି ।

ମାଜିଷ୍ଟ୍ରେଟ ଓ କଲେକ୍ଟର ମିଃ ଏଚ୍, ଏଲ୍, ମାର୍ଟିନ ଓଡ଼ିଶା ବନ୍ଦୋବସ୍ତ କର୍ମ୍ମଚାରୀରୁ ମୁକ୍ତି ପାଇଲେ ଅନ୍ୟାଜ୍ଞା-ପର୍ଯ୍ୟନ୍ତ ଅଥବା ପି, ସି, ଲାୟନଙ୍କ ଅନୁପସ୍ଥିତକାଳରେ କୁଚବିହାରରେ ଡାଇରେକ୍ଟର ପଦରେ ନିଯୁକ୍ତ ରହିବେ ।

ଡେପୁଟି ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟର ବାବୁ ଗଗନଚନ୍ଦ୍ର ଦାସ ତିନିମାସର ଛୁଟୀ ପ୍ରାପ୍ତ ହୋଇଅଛନ୍ତି ଏତଦ୍ୱାରା ତାଙ୍କର ବାଲ ଶରତ ମହକୁମାରେ ଅବସ୍ଥାପିତ ଅଦେଶ ରହିତ ହେଲା ।

ବାବୁ ମନ୍ମଥନାଥ ବସୁ ଉତ୍କଳ ସ୍ୱାଧୀନ ବେଙ୍ଗଲର ଅବୈତନିକ ମାଜିଷ୍ଟ୍ରେଟ ପଦରେ ନିଯୁକ୍ତ ହୋଇଅଛନ୍ତି ଓ ୩ୟ ଶ୍ରେଣୀର ମାଜିଷ୍ଟ୍ରେଟ କ୍ଷମତା ପ୍ରାପ୍ତ ହୋଇଅଛନ୍ତି ।

ମେଦିନୀପୁରର ଅତିରିକ୍ତ ଡେପୁଟି ଇନ୍ସପେକ୍ଟର ମୌଲବି ଓସ୍ମାନଅଲି ୪ର୍ଥ ଶ୍ରେଣୀରେ ବାହାଲ ହେଲେ ।

ସୁବର୍ଣ୍ଣଲ ସବ୍ ଇନ୍ସପେକ୍ଟର ବାବୁ ଜଗନ୍ନାଥ ଦାସ ୬ଷ୍ଠ ଶ୍ରେଣୀରେ ବାହାଲ ହେଲେ ।

ମିଃ ଡବ୍ଲିଉ ଏ, ଇଙ୍ଗଲିସ ଫର୍ଲୋ ଛୁଟୀରେ ଯିବାରୁ ମିଃ କେ; ଏଚ୍ କିଡ଼ିପନ ସୁପରିଣ୍ଟେଣ୍ଡେଣ୍ଟ ଉଦ୍ଭିଦ୍ ପଦରେ ନିଯୁକ୍ତ ହୋଇଅଛନ୍ତି ।

ତୁଡ଼ଖୋଲ ଡାକ୍ତର ମାକ୍ସିମାନଙ୍କ କର ଅଲ୍ଲବନୋସ୍ସନ ସୋଫେଣ୍ଟର ଲ ପରୀକ୍ଷାରେ ଉତ୍ତୀର୍ଣ୍ଣ ଲାଭ କରିଅଛନ୍ତି ।

ମିଃ ଜେ, ଟି, ଇ ଗ୍ରାହାମ ଏକାଉଣ୍ଟାଣ୍ଟ ଏକାଉଣ୍ଟାଣ୍ଟ ଜେନେରାଲ ପଦରେ ନିଯୁକ୍ତ ହୋଇଅଛନ୍ତି ।

ଡି; ଏ; ଡଲକିନ୍ସ ଏକ୍ସ୍ୟାଇଜ ମିଃ ଘୋଷ ଓ କେନାରଙ୍କ ପରିବର୍ତ୍ତରେ ଟେମ୍ପୋରାରି ଜଜପଦରେ ନିଯୁକ୍ତ ହୋଇଅଛନ୍ତି ।

ଡାଇରେକ୍ଟର ସାହେବ କଟକର ଓ ବାଲେଶ୍ୱରର କଲେଜ ଓ ସ୍କୁଲ ପରିଦର୍ଶନ କରି ଉତ୍ତରାଞ୍ଚଳରେ ବିଭିନ୍ନ ସ୍ଥାନ ପରିଦର୍ଶନ କରି ଯାଉଅଛନ୍ତି ।

ଗତ ସପ୍ତାହରେ ଏଠା ଜଣେ ଶାସ୍ତ୍ରଜ୍ଞ ପଣ୍ଡିତ ଏଠାରେ ଅଧିବେଶନ ହୋଇଥିଲା ।

ଆମ୍ଭମାନଙ୍କର କମିଶନର ସାହେବ ମଫସଲ ଭ୍ରମଣ ଶେଷ କରି ଆଗାମୀ ସପ୍ତାହରେ ଏ ନଗରରେ ଉପସ୍ଥିତ ହେବେ ।

ଗତକାଲି ଅଃ ସୁପ୍ରଭାତ ବାବୁ ସୁଦାମଚନ୍ଦ୍ର ନାୟକ କମିଶନର ସାହେବଙ୍କ ସଙ୍ଗରେ ଦେଖାକରିଥିବେ ।

ଗତ ଶନିବାରଦିନ ଏଠା ବଣ୍ଟନାଥ ଗଡ଼ରେ କଲେକ୍ଟର ଫିଡ଼ାପିକ ଖାଲ ଚମ୍ପକର ଘର ପୋଡ଼ିଯାଇଅଛି । ଏହି ସମୟରେ କାଳୀଦ୍ୱାରାଶ୍ରମରେ କେତେକ ଘର ପୋଡ଼ିଯାଇଥିଲା । ଶୀତକାଳରେ ଘନ ଘନ ଅଗ୍ନିଦାହର ସମୟରେ ଘର ପୋଡ଼ିଯିବା ସନ୍ଦେହଜନକ । ପୋଲିସର ବିଶେଷ ଦୃଷ୍ଟି ଆବଶ୍ୟକ ।

କଟକରେ ଡେପୁଟି କଲେକ୍ଟର ଶ୍ରୀ ମର୍ଗ୍ଗିଓ ସାହେବ ଗତ ମଙ୍ଗଳବାର ଦିନ କଟକରୁ ଫେରିଥିଲେ ।

କେନ୍ଦ୍ରିବଜାରର ମହାଜନ ଗଣେଶସାହୁଙ୍କ ଶ୍ରୀ ଛତ୍ରସ୍ୱଦାର ନାଳ ନିକଟରେ ଚନ୍ଦନହଜାରଟଙ୍କା ବ୍ୟୟରେ ଏକ ନୂତନ ମନ୍ଦିର ତିଆର କରିଅଛନ୍ତି; ଏଥିରେ ଗଣେଶମୂର୍ତ୍ତି ସ୍ଥାପିତ ହେବା ଉକ୍ତ ସ୍ତ୍ରୀ ବରଗାରେ ମଧ୍ୟ ଗୋଟିଏ ଶିବମନ୍ଦିର ତିଆର କରୁଅଛନ୍ତି ।

ଦେଉଳରେ ନମତେ ଏ ଜାଗରେ ଭୂମି ଖନନ କାର୍ଯ୍ୟ ଶେଷ ହେବାକୁ ବାକି କାର୍ତ୍ତିକରେ ସବୁ ଭୌଗୁଳିକର ଘର୍ଷଣରେ ଥିବା ମହିମା ଉଠି ଯାଉଅଛି ଏବଂ ବାବୁ ମହେନ୍ଦ୍ରମାଥ ଘଣ ଅନୁଗ୍ରହ ଛୁଟୀ ପ୍ରାପ୍ତ ହୋଇଅଛନ୍ତି ।

ଗୋଟିଏ ସ୍ତ୍ରୀ କାଠଯୋଡ଼ୀ ବିଲକୁ ସଞ୍ଜସାଦ ମରିଅଛି ।

ବର୍ଦ୍ଧିବଜାରର ଦୁଇସାହୁ ଦୋକାନରେ କେତେକ ଲୋକ ସ୍ନେହଭର ଧରା ପଡ଼ିଅଛନ୍ତି ।

କଟକ ଟ୍ରେନିଂ ସ୍କୁଲର ଛାତ୍ରାବାସରେ ଜଣେ ଛାତ୍ର ଓଲଉଠ ହେବାରେ ମରିବାରୁ ହେଡମାଷ୍ଟର ଚମ୍ପକ ସ୍କୁଲ ବନ୍ଦ କରିଥିଲେ । ଚିକିତ୍ସା ଶୀଘ୍ର ଦିଆଯାଇ ଥିଲେ ୨ ଜଣର ଭଲ ହୋଇଥାନ୍ତା ।

କଟକରୁ ରେଳଗାଡ଼ି ଯାତ୍ରା ଓ ସମୟର ଜ ନିକି ଯାନ୍ତ୍ରୀ-ଥିର ଯାଉଅଛି । ଏବଂ ଷ୍ଟେସନଠାରୁ ମୁକ୍ତି ପଥ ଓ ପଥରେ ଗୁଡ଼ିଏ କାଉଅଛି । ସୁତରାଂ ଷ୍ଟେସନ ଗୁଡ଼ିକର ସଙ୍ଗେ ଜଣେକୁ କଷ୍ଟକରୁ ଉଠିଥିବା ଅଛି ।

କାଲି ମାଳଦହା ଜଙ୍ଗଲରେ ଗୋଟିଏ ସ୍ତ୍ରୀ ପାଣି ଢାଳୁ ଢାଳୁ କୂଅରେ ପଡ଼ି ମରିଅଛି ।

ସତ୍ୟଜେପୁର ଥାନାର ଅନ୍ତର୍ଗତ ଘଣ୍ଟମୁଣ୍ଡ ଗ୍ରାମରେ ସାତବର୍ଷର ଗୋଟିଏ ପତ୍ନୀ ସାତବର୍ଷର ଗୋଟିଏ ସୁବକ ବନ୍ଧୁପାଖରେ ଜୁଆରି ମାରି ତାହାର ଗହଣା ନେଇଯାଇଥିଲା । ଗତ ମଙ୍ଗଳବାର ସେସନକୋର୍ଟରେ ତାହାର ଯାବଜ୍ଜୀବନ ଦ୍ୱୀପାନ୍ତର ଦଣ୍ଡ ହୋଇଅଛି ।

କାର୍ତ୍ତିକଙ୍କର ଅନ୍ତସ୍ୱପ୍ନରେ ଧାନଫସଲ ଯେଉଁ ଦଶାରେ ଉପସ୍ଥିତ ହେବାରୁ ଲୋକ ପଞ୍ଚାଙ୍କ ମଧ୍ୟରେ ବଙ୍ଗ ହେଙ୍ଗାମ ହେଲା । ତହିଁରେ ଜଣେ ଲୋକର ମୁଣ୍ଡ ଫାଟିଯାଇ ସେହିଠାରେ ମୃତ୍ୟୁ ଘଟିବାରୁ ପାଞ୍ଚଜଣ ଲୋକ ଚାଲାଣ ହୋଇ ହାଜତରେ ଅଛନ୍ତି ।

ଦେଓଗାଁ ଆଡ଼ର ଅମଡ଼ାନ ଧାନ ଫସଲକୁ ଅତେ ବୃଷ୍ଟି ଅଭାବ ଘଟୁଅଛି । କିନ୍ତୁ ପାଗଯୋଗରେ ଧାନ ବୁଡ଼ୁଥିବାକୁ ଏଥିରୁ ସନ୍ଦେହ ।

ଅମଣା ବେତର ଅଞ୍ଚଳବାସୀଙ୍କ ସାଜଗ୍ରାମଦାଣ୍ଡ କାର୍ଡ଼ବନ୍ଧୁ କହିଲା ଯେ ଅମାବାସ୍ୟା ହୋଇ ଗୋଲ ନ କରିବାକୁ ଅନେକ ଲୋକମାନଙ୍କେ ଅପରା ମୁଣ୍ଡ କାଟିଲା ଦେଇ । ଅନେକ ମୁଣ୍ଡ କାଟ ହୋଇଅଛି । ସେ କଥା କହିଲେ ତୁରନ୍ତ ବୁଝିଲେ ଦେବା ଲୋକଙ୍କ ବୁଦ୍ଧି ନାହିଁ । ଏ ଦେଶରେ ମୁଣ୍ଡ କାଟିବା ଯେଉଁ ବଡ଼ ଉତ୍ସବ ଖାଲି ବୋଝ ବହିବେ ଜାଣ ଏମନ କଥାରେ ଅଧିକ ଦେଖାଯାଏ ।

ଜଣେ ପଞ୍ଚତ୍ରେଲର ଲେଖିଅଛନ୍ତି ଯେ ସୋରେ ରେଲଷ୍ଟେସନଠାରେ ଏକ ବାକ୍ସ ଯେ ଜଳଖିଆ କରି ପଞ୍ଚଶତ୍ରିକ ପ୍ଲାଟଫର୍ମ ଉପରେ ରଖାଇଦେବାକୁ ଷ୍ଟେସନ ମାଷ୍ଟର କରି ପୁଣି ତାହାକୁ ପ୍ରଦାନ କଲେ ଏବଂ ସ୍ୱଦେଶୀ ଟ୍ରେନ ମାଷ୍ଟର ଭଲ ଭାବେ ପଡ଼ି ଯାଇଅଛି । ଫଳ ଯାହା ହେବ ପରେ ଜଣାଯିବ ।

Digitized by srujanika@gmail.com

Split by PDF Splitter

ବର୍ତ୍ତମାନ ମ୍ୟାଜେଷ୍ଟ୍ରେଟଙ୍କ ଦରଖାସ୍ତରେ କେତେକ ଦରଖାସ୍ତ ପଡ଼ିବାରୁ ଡେପୁଟିକମିଶନର ତଦାରଖ କରୁଅଛନ୍ତି ।

ଗତ ଅକ୍ଟୋବରର ରେଲୱେ ଷ୍ଟେସନ ପରୀକ୍ଷାରେ ଓଡ଼ିଶାର କେବଳ ବାଲେଶ୍ୱର ନିବାସୀ ଶ୍ୟାମଚରଣ ପଟ୍ଟନାୟକ ପାସ କରିଅଛନ୍ତି ।

ଟ୍ରାନ୍‌ସଭାଲ ନୂଆ ଖଣିର ମୋଟ ଲଭ୍ୟ ୫୫୮୦୭୫୪ ହୋଇଅଛି ।

ଗତ ତା ୨୫ ରିଖ ବଣ୍ଡବଦା ରେଜିମେଣ୍ଟରେ ଓକାଲତି ଓ ମୋକ୍ତାର ପରୀକ୍ଷାର୍ଥୀଙ୍କ ଆଗାମୀ ପରୀକ୍ଷାର ପାଠ୍ୟପୁସ୍ତକ ତାଲିକା ପ୍ରକାଶ ହୋଇଅଛି ।

ଷ୍ଟେଟ୍‌ସ୍‌ମେନ, ଅମେରିକା ଓ ଜର୍ମାନମଧ୍ୟରେ ସୌହାର୍ଦ୍ଦ୍ୟ ସ୍ଥାପନାର ନିମିତ୍ତ ଗତ ତା ୩୦ ତାରିଖରେ ଲଣ୍ଡନଠାରେ ପ୍ରକାଶ କରିଅଛନ୍ତି । ନିଶ୍ଚୟ ଏକ ନିଷ୍ପତ୍ତି ହେଲେ ଭୂମଣ୍ଡଳରେ ଉଦାହରଣ ପାଇଁ ଏମାନେ ଏକ ପ୍ରବଳ ବଳ ହେବେ ।

ଚଟ୍ଟଗ୍ରାମର ନୈଲସନେନାଲରେ କାର୍ଯ୍ୟ କରିବା କାରଣ ଯେଉଁ ପୁଲିସ ପିଣ୍ଡର ଲୋକମାନେ ନିଯୁକ୍ତ ହୋଇଅଛନ୍ତି ସେମାନଙ୍କମଧ୍ୟରେ ଓଲାଉଠା ରୋଗ ପ୍ରବେଶ କରି କଠୋର ସମ୍ବାଦ ମିଳଇ । ଏ ରୋଗରେ ଅନେକେ ମୃତ୍ୟୁମୁଖରେ ପଡ଼ି କେତେ ଲୋକଙ୍କର ମୃତ୍ୟୁ ହେଉଅଛନ୍ତି ତାହାର ସୀମା ନାହିଁ ।

ଜର୍ମାନର ସମ୍ରାଟ ଦେଶରକ୍ଷା ପ୍ରଚ୍ଛାଦନ କରିଅଛନ୍ତି ଟ୍ରାନ୍‌ସଭାଲ ସୃଷ୍ଟରେ ହାତ ଦେଇ ସ୍ତ୍ରୀ ବାଳକ ବାଳିକା ନିମନ୍ତେ କେତେକ ପାଇଣ୍ଡ ଦେଉଅଛନ୍ତି ।

ଜୁବେନାଇଲଠାରେ ଆଗାମୀ ଦଶହରା ଅବକାଶରେ ଗୋଟିଏ ବିହତ ଜାତୀୟ ସମାଜ ହେବ । ତାହାର ବ୍ୟୟ ସଙ୍କୁଚିତ କରିବା ଆବଶ୍ୟକ ହେବ । ତାହାର କାର୍ଯ୍ୟମାନେ ଏ ସମ୍ବନ୍ଧରେ କୌଣସି କାର୍ଯ୍ୟ କରିବା ନିମନ୍ତେ ଏପର୍ଯ୍ୟନ୍ତ ଦୃଢ଼ କରି ନ ଥିଲେ ଏହିଭଳି ବୋଧ ହୁଏ ସେମାନେ ବେଶି ... ଅର୍ଥ ସଞ୍ଚୟ କରିପାରିବେ ନାହିଁ । ତେଣୁ କାର୍ଯ୍ୟମାନେ ଶୀଘ୍ର ଏ ବିଷୟ ବିଚାର କରନ୍ତୁ । ବର୍ତ୍ତମାନ ସମ୍ବନ୍ଧରେ କଷ୍ଟକର ହୋଇ ଉଠିଅଛି ।

ମୂଲ୍ୟପ୍ରାପ୍ତି ।

ମହନ୍ତ ଶ୍ରୀ ରଘୁନନ୍ଦନ ରାମାନୁଜ ଦାସ ପୁରୀ		ଟ ୭
ବାବୁ ମାର୍କଣ୍ଡେୟ ଓ ବାବୁ ଗଜମଣି କର କଟକ		ଟ ୯
„ ରାମପ୍ରସାଦ ସିଂହ		ଟ ୧
„ କେଶବ ସାହୁ		ଟ ୩
„ ସଦାଶିବ ନନ୍ଦ ମହାପାତ୍ର	ଗୃହବାଇ	ଟ ୧୮
„ ଦାମୋଦର ପଟ୍ଟନାୟକ	କଟକ	ଟ ୧

ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରାଯାଉଅଛି ଯେ ଏହି ନଗରରେ କେତେକ ସମ୍ଭ୍ରାନ୍ତ ବନ୍ଧୁଙ୍କ ମିଳିତ ହୋଇ ଉଦ୍‌ଯୋଗି ସମିତିର ଭଣ୍ଡାର ନାମରେ ଗୋଟିଏ ଦୋକାନ ସ୍ଥାପନ କରିଅଛନ୍ତି । କ୍ରେତା ଓ ବିକ୍ରେତାର ସ୍ୱାର୍ଥ ଯହିଁରେ ବିପରୀତ ନ ହୁଏ, ଅର୍ଥାତ୍ କ୍ରେତାର ଲାଭରେ ବିକ୍ରେତାର ଲାଭ ଏବଂ ବିକ୍ରେତାର ଲାଭରେ କ୍ରେତାର ଲାଭ ହୋଇପାରେ, ଏହି ଉଦ୍ଦେଶ୍ୟ ସାଧନ ନିମନ୍ତେ ଭଣ୍ଡାର ସ୍ଥାପିତ ହୋଇଅଛି । ପ୍ରବଞ୍ଚନା, କିମ୍ବା ସମୟରେ ଅକାରଣ ବଞ୍ଚକଣ୍ଡ ପ୍ରଭୃତିଠାରୁ କ୍ରେତାମାନଙ୍କୁ ରକ୍ଷା କରିବା ନିମନ୍ତେ ବିଶେଷ ଉପାୟ କରା ହୋଇଅଛି । ଦୋକାନରେ ବିକ୍ରୀ ଯାଉଥିବା ଦ୍ରବ୍ୟାଦିର ମୂଲ୍ୟର ତାଲିକା କ୍ରେତାମାନେ ଦେଖିପାରନ୍ତି । ସେହି ନିର୍ଦ୍ଦିଷ୍ଟ ମୂଲ୍ୟର ହ୍ରାସବୃଦ୍ଧି କରିବାର କ୍ଷମତା କର୍ତ୍ତୃପକ୍ଷ ଛଡ଼ା ଆଉ କାହାର ନାହିଁ । କର୍ତ୍ତୃପକ୍ଷ ମଧ୍ୟ ବିଶେଷ ବିବେଚନାର ସହିତ ଯେତେଦୂର ସମ୍ଭବ ମୂଲ୍ୟ ଦୁର୍ଲଭ କରିଥାନ୍ତି । ସମୁଦାୟ ଦ୍ରବ୍ୟର ତାଲିକା ଦେବା ସମ୍ଭବ ନୁହେଁ । ପ୍ରଧାନ ପ୍ରଧାନ କେତେକ ଦ୍ରବ୍ୟର ନାମ ପ୍ରକାଶ କରାଯାଉଅଛି ।

ଦେଶୀ ବନ୍ଧୁତ, ଭଦ୍ରକୋଣା, ସମ୍ବଲପୁରୀ ଗଣ୍ଡା, ପାଟକା ଓ ଶାନ୍ତିପୁରୀ ଧୋତି ଚଦର ଓ ଶାଢ଼ି; ଭିନ୍ନ ସ୍ଥାନର ଚଦର, ଗରଦ, ବସ୍ତ୍ର; ନାନା ରକମର ପଞ୍ଚମି ଲୁଗା, ବୋମ୍ବାଇ, ମାନ୍ଦ୍ରାଜ, ନାଗପୁର, ଅହମଦାବାଦ ଓ କାନପୁର ପ୍ରଭୃତି ସ୍ଥାନର ତିଆରି ଧୋତି ଚଦର କଂଫ୍ଲଥ ଛିଟ ମେଞ୍ଚି, ବର୍ଦ୍ଧମାନ ଝାଡ଼ନ ଓ ଗାମୁଛା ପ୍ରଭୃତି, ସର୍ବପ୍ରକାର ବାଦାମି ଓ ଧଳା କାଗଜ, ଚିଠିର କାଗଜ, ଲେଫାଫା, ଦୁଆତ, କାଳି, କଲମ, ପେନସିଲ, ନିବେଙ୍କର, କୁସି, ବଇଚ, ଷ୍ଟିଲ ପେନ, ନିବ ପ୍ରଭୃତି, ସର୍ବପ୍ରକାର ଡ୍ରଇଙ୍ଗ ଦ୍ରବ୍ୟାଦି ।

ସର୍ବପ୍ରକାର ଅତର, ବିବିଧ ସୁଗନ୍ଧି ତେଲ ଓ ସୁଗନ୍ଧ ପାଣି; ବାରଲି, ଆରାରୁଟ, ପାଣ୍ଡୁ ପ୍ରଭୃତି ରୋଗିମାନଙ୍କ ବହୁବିଧ ପଥ୍ୟ; ଉଟକର ଲଣ୍ଠନ ଚିଙ୍ଗୁଡ଼ି ଛତି, ଫରୁଆ ଓ ଖେଳଣା, ଏବଂ ରୂପାର ଉତ୍କୃଷ୍ଟ ଫୁଲ ଅତର-ଦାନ ଗୋଲାପ-ପାଶ, ରେକାବ, ନାନାବିଧ ଅଳଙ୍କାର । ଏତଦ୍ଭିନ୍ନ ଅନ୍ୟ ଦ୍ରବ୍ୟ ନେବାକୁ ଇଚ୍ଛା କଲେ ମୂଲ୍ୟର କେତେକାଂଶ ଜମା ଦେଲେ ସୁଲଭମୂଲ୍ୟରେ ଆଣି ଦିଆଯିବ । କଟକ ହେଡ଼ଅଫିସ ଅଦାଲତର ସମ୍ମୁଖରେ ଭଣ୍ଡାର ସ୍ଥାପିତ । ଆମ୍ଭନାମରେ ସମସ୍ତ ଟଙ୍କା ଓ ପତ୍ରାଦି ପଠାଇବାକୁ ହେବ ।

ସମିତିର ଅଧ୍ୟକ୍ଷ ।

ବିଜ୍ଞାପନ ।

ଗତ ମଇ ମାସ ଅବଧି ଆମ୍ଭମାନଙ୍କ ଜାମ୍ବିସ୍ଥ ସ୍କୁଲ ସାଧାରଣ ଅର୍ଥବେତନରେ ଧାର୍ଯ୍ୟ ହୋଇଥିବା ଅନୁସାରେ ଏତଦ୍ୱାରା ଜଣାଇ ଦିଆ ଯାଉଅଛି କି ଉକ୍ତ ସ୍କୁଲ କାର୍ଯ୍ୟ ନିର୍ବାହ ସମିତି ଉତ୍କଳ ଦେଶସ୍ଥ ପାଞ୍ଚୋଟି ଅସହାୟ ଦରିଦ୍ର ପିତୃମାତୃହୀନ ବାଳକର ଶିକ୍ଷା ଭାର ଗ୍ରହଣ କରିବାକୁ ପ୍ରସ୍ତୁତ ଅଛନ୍ତି । ଯେଉଁ ବାଳକମାନେ ଉପରୋକ୍ତ ସମିତିର ସାହାଯ୍ୟରେ ଶିକ୍ଷାଲାଭ କରିବାକୁ ଇଚ୍ଛା କରନ୍ତି ସେମାନେ ସ୍ୱୟଂ ବା ସେମାନଙ୍କ ଅଭିଭାବକଙ୍କଦ୍ୱାରା ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ଆଗାମୀ ଡିସେମ୍ବର ମାସ ତା ୩୧ ଖଣ୍ଡ ମଧ୍ୟରେ ତଳଲିଖିତ ଫାରମରେ ଓ ଦୁଇଜଣ ଭଦ୍ରଲୋକ ଜାମ୍ବିସ୍ଥଙ୍କର ନିକଟସ୍ଥ ଲିଖିତ ବର୍ତ୍ତମାନ ପ୍ରକୃତ ସ୍ୱଭାବ ଓ ଆଚରଣ ସମ୍ବନ୍ଧେ ସାର୍ଟିଫିକେଟ ସହିତ ଆବେଦନ କରିବେ ।

୧	୨	୩
ବାଳକର ନାମ ଓ ବାସସ୍ଥାନ	ପିତାର ନାମ ଓ ସମ୍ପର୍କୀୟ ଅଭିଭାବକଙ୍କ ନାମ ଓ ପିତା ଜୀବିତ ଅଥବା ମୃତ, ଯଦି ଜୀବିତ ଥିଲେ ତାଙ୍କର ବ୍ୟବସାୟ	ବର୍ତ୍ତମାନ ଅଭିଭାବକଙ୍କ ନାମ ଓ ବ୍ୟବସାୟ
୪	୫	୬
ଅଭିଭାବକଙ୍କ ସହିତ ବାଳକର କ ସମ୍ପର୍କ	କ ବାଳକଟିର ପିତା ବା ଅଭିଭାବକ ଦ୍ୱାରା ଶିକ୍ଷାପ୍ରାପ୍ତ ହେବାର ଅକ୍ଷମ	ବାଳକ କେତେ ଦୂର ଓ କେଉଁଠାରେ ଶିକ୍ଷାଲାଭ କରିଅଛି

କଟକ ମାର୍ଚେଣ୍ଟାଇଲ ପ୍ରେସ କଲେଜ ୧୩।୧୧।୯୫ — ଶ୍ରୀ ଅକ୍ଷୟକୁମାର ଘୋଷ ସମ୍ପାଦକ, ଦକ୍ଷିଣପାର୍ଶ୍ୱ ଜାମ୍ବିସ୍ଥ ସଭା

ଶ୍ରୀ ରାମଗୀତା ।

ଅଧ୍ୟାତ୍ମରାମାୟଣାନ୍ତର୍ଗତ ଶ୍ରୀ ମଦ୍‌ରାମଗୀତା ମୂଳ ଓ ପ୍ରାଞ୍ଜଳ ଓଡ଼ିଆ ଭାଷାରେ ଅନୁବାଦିତ ଓ ବିଶେଷ ସରଳ ବ୍ୟାଖ୍ୟା ସହିତ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଛାପାଖାନାରେ ବିକ୍ରୟ ହେଉଅଛି ପ୍ରତି ଖଣ୍ଡର ମୂଲ୍ୟ ଟ ୦ ୵ ଡାକମାସୁଲ ଟ ୦ ୧୬

ଖାନଗୁଲି ଜିଲ୍ଲାର ଶ୍ରୀଯୁକ୍ତ ଡେପୁଟିକମିଶନର ସାହେବ ବାହାଦୁରଙ୍କ ଅଫିସ ସହାୟେ ତଳ ଲିଖିତ କର୍ମଚାରୀମାନେ ନିଯୁକ୍ତ ହେବାର ଆବଶ୍ୟକ ।

Digitized by srujanika@gmail.com

୧ ଜଣ ଫରେଷ୍ଟର ମାସିକ ଟ ୩୦ ଙ୍କା ୧ ବେତନ ଓ ଟସ୍ତ୍ରଫର୍ଚ୍ଚା ମାହିନ୍ ଟ ୧୦ ଙ୍କା ୧

ଫରେଷ୍ଟ ବିଭାଗ ନିମନ୍ତେ ୧ ଜଣ କ୍ଲାର୍କ ମାସିକ ଟ ୨୫ ଙ୍କା ୧ ବେତନ ।

ଡିଥାର୍ଟମେଣ୍ଟ ମହଲୁମା ପାଇଁ ୧ ଜଣ ମୋହରର ମାସିକ ଟ ୨୦ ଙ୍କା ୧ ବେତନ ।

୨ ଜଣ ଗାଇଡନିଦ୍ଧ (ଠିକାକର୍ମରେ ନିଯୁକ୍ତ ହୋଇ ପାରିବେ) ୬ ଜଣ ଫରେଷ୍ଟ ଗାର୍ଡ ପ୍ରତ୍ୟେକ ମାସିକ ବେତନ ଟ ୭ ଙ୍କା ଲେଖାଏଁ ।

ପ୍ରଶଂସାପତ୍ର ଓ ସଚ୍ଚରିତ୍ରଣ ସାର୍ଟିଫିକେଟ ସହ ଦରଖାସ୍ତମାନ ଡିସେମ୍ବର ମାସ ତା ୧୫ ରିଖ ପର୍ଯ୍ୟନ୍ତ ନିମ୍ନ ଲିଖିତ ସ୍ୱାକ୍ଷରକାରୀ ଗ୍ରହଣ କରିବେ ।

ଯେଉଁମାନେ କଲିକତା ବିଶ୍ୱବିଦ୍ୟାଳୟର ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନାହାନ୍ତି କିମ୍ବା ୨୫ ବର୍ଷ ବୟଃକ୍ରମରୁ ନ୍ୟୁନ ନୁହନ୍ତି ସେମାନଙ୍କର ଉକ୍ତ କାର୍ଯ୍ୟପାଇଁ ଅବେଦନ କରିବାର ଅନାବଶ୍ୟକ, ଫରେଷ୍ଟ ଗାର୍ଡର କାର୍ଯ୍ୟ ନିମନ୍ତେ ପ୍ରାର୍ଥୀମାନଙ୍କର ଛାତ୍ରବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାର ଅବଶ୍ୟକ ଓ ସେମାନଙ୍କର ସଚ୍ଚରିତ୍ରଣ ନିମନ୍ତେ ଟ ୫୦ ଙ୍କାର ଯାମିନ ଦେବାକୁ ହେବ ।

Angul Deputy Commissioner's office. The 24th November 1899.	Narayan Ch. Naik. *Deputy Collector for Deputy Comr. tour.*

ବିଜ୍ଞାପନ ।

ହୁଇଗୋଷ୍ଟ କୋର୍ଟ ଅଫ୍ ୱାର୍ଡ୍‌ସ ମହାଲର ସୀମା ମାପ କରିବା ନିମନ୍ତେ ଜଣେ ସର୍ଭେୟର ଆବଶ୍ୟକ । ବେତନ ମାସିକ ଟ ୫୦ ଙ୍କା ।

ଯେ ବ୍ୟକ୍ତି ଚେନ ଏବଂ ପ୍ରିଜମେଟିକ କମ୍ପାସ ଦ୍ୱାରା ସର୍ଭେ କରିବାକୁ ପାରଗ ଥିବେ ସେ ଅବେଦନ କରିବେ ।

ଆବେଦନ ପତ୍ର ପ୍ରଶଂସା ପତ୍ରମାନଙ୍କର ଅନୁଲିପି ସହ ଅନୁଗୁଳ ଜିଲା ଡେପୁଟି କମିଶନର ସାହେବ ବାହାଦୂରଙ୍କ ଦ୍ୱାରା ଆଗାମୀ ଡିସେମ୍ବର ତା ୧୫ ରିଖ ମଧ୍ୟରେ ଗୃହୀତ ହେବ ।

ଅନୁଗୁଳ ଡେପୁଟି କମିଶନରଙ୍କ ଅଫିସ ତା ୨୪ ଶେ ନଭେମ୍ବର ୧୮୯୯ ମସିହା	By order Narayan Chanda Naik *Deputy Collector.*

ସପ୍ତକାଣ୍ଡ ରାମାୟଣ ।

ବାଲ୍ମୀକି କୃତ ମୂଳସଂସ୍କୃତ ଗ୍ରନ୍ଥରୁ ପଣ୍ଡିତ ଶ୍ରୀ କପିଳେଶ୍ୱର ବିଦ୍ୟାଭୂଷଣଙ୍କଦ୍ୱାରା ସରଳ ଦେଶୀ ଉତ୍କଳପଦ୍ୟାନୁବାଦିତ ହୋଇ କଟକ ପ୍ରିଣ୍ଟିଂ-କୋମ୍ପାନୀଙ୍କ ପୁସ୍ତକ ଦୋକାନରେ, ବାଲୁବଜାର ଷ୍ଟ୍ରିଟ ବାବୁ ମଧୁସୂଦନ ଦତ୍ତଙ୍କ ପୁସ୍ତକଦୋକାନରେ ଏବଂ କଟକର ସମସ୍ତ ବୁକ୍ ଏଜେଣ୍ଟଙ୍କ ନିକଟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ଗ୍ରାହକମାନଙ୍କ ସୁବିଧାପାଇଁ ସପ୍ତକାଣ୍ଡ ଏକତ୍ରରେ ଭିନ୍ନ ଭିନ୍ନ ବନ୍ଧା ହୋଇ ପ୍ରତ୍ୟେକ ଖଣ୍ଡର ସୁଲଭ ମୂଲ୍ୟ ଟ ୨ ୧ ଙ୍କା ଧାର୍ଯ୍ୟ ହୋଇଅଛି ।

ଗୁଡ଼ାହାଟ, କଟକ	ଶ୍ରୀ ସୁଦର୍ଶନ ନନ୍ଦଶର୍ମା ।

ବନାରସ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ରାଜା ଜମିଦାରମାନଙ୍କୁ ବରାବରରେ ବିକ୍ରିକାଇ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର ଅଠମଲ୍ଲିକ, ଖଣ୍ଡପଡ଼ା, ସରାଇକଲା ପ୍ରଭୃତିର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଧୋତି ଚୌଡ଼ି, ଦୋପଟା, କିଂଖାପ, ବାଘ୍ର ସଙ୍ଗୀ ଦୋପଟ୍ଟା ମଣ୍ଡଳ, ଶିରରେ ବାନ୍ଧିବାର ଫେଟା, ରୁମାଲ, ସାଲ ଏବଂ ନାନା ପ୍ରକାର ରେଶମ ଖଚିତ ଅଙ୍ଗରଖା ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହାତୀର ହାଉଦା ପ୍ରଭୃତି ବରାତ ଅନୁସାରେ ତିଆରି କରାଇ ଦେଉଁ । ବରାତ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ ଅଧିକ ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରିବୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ (ଅର୍ଥାତ୍ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାପାଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ ।

ଭେଲୁପେଏବଲ ପାର୍ସଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରତ ନିଆଯାଏ ।

ଶ୍ରୀ ପାଲୁଲାଲ ଭୋଳାନାଥ
କୁଞ୍ଜଗଲ ଫାଟକ ବନାରସ ସିଟି

ମୂଲ୍ୟ ସୁଲଭ ! ଦ୍ରବ୍ୟ ସୁନ୍ଦର !

ବନାରସି

ବିଶେଷ-ସୁବିଧା ।

ଶାଢ଼ୀ, ଧୋତି, ଇତ୍ୟାଦି ଆମ୍ଭର କୋଠିରେ ସର୍ବଦା ବିକ୍ରୟ ନିମନ୍ତେ ପ୍ରସ୍ତୁତ ଅଛି । ଯାହାଙ୍କର ଯେମନ୍ତ ପସନ୍ଦ ସେ ତେମନ୍ତ ଜିନିଷ ପାଇବେ ଏବଂ ଭିନ୍ନ ଭିନ୍ନ ପ୍ରକାର ବରାତ ଦେଲେ ଅବିଳମ୍ବେ ପ୍ରସ୍ତୁତ କରି ଦେବାର ବନ୍ଦୋବସ୍ତ ରହିଅଛି । ଅଳ୍ପ ବା ଅଧିକ ପରିମାଣର ଜିନିଷ ଯୋଗାଇବାକୁ ସମାନରୂପ ମନୋଯୋଗୀ ବରାତସଙ୍ଗେ ଆନୁମାନିକ ମୂଲ୍ୟର ଚତୁର୍ଥାଂଶ ପଠାଇବା ଆବଶ୍ୟକ । ଅଧିକ ପରିମାଣରେ ଯେଉଁମାନେ ଜିନିଷ ଖରିଦ କରିବେ ସେମାନେ ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ମାରଫତରେ ପଠାଇ ପାରୁଁ ଅଥବା ସ୍ୱୟଂ ଯିବାକୁ ପ୍ରସ୍ତୁତ ।

ରାଜା, ଜମିଦାର ଓ ଅନ୍ୟାନ୍ୟ ଭଦ୍ରଲୋକଙ୍କ ସହିତ ଆମ୍ଭର କାରବାର ବହୁକାଳରୁ ରହିଅଛି । ଆମ୍ଭର ବ୍ୟବହାର କେମନ୍ତ ଖାଣ୍ଟି ଏବଂ ଜିନିଷ କେମନ୍ତ ଉତ୍କୃଷ୍ଟ ଓଡ଼ିଶାଅନ୍ତର୍ଗତ ବୌଦ୍ଧ, ନୟାଗଡ଼, ଅଠମଲ୍ଲିକ, ସରାଇକଲା ଏବଂ ମାନ୍ଦ୍ରାଜାନ୍ତର୍ଗତ ବିଜୟନଗର, ମଞ୍ଜୁଷା ପ୍ରଭୃତି ରାଜାମାନଙ୍କୁ ଉତ୍ତମରୂପେ ଜଣାଅଛି । ଯାହାର ଇଚ୍ଛା ହେବ ସେ ଅନୁସନ୍ଧାନଦ୍ୱାରା ଜାଣିପାରିବ ।

ଡାକଯୋଗେ ପତ୍ର ପଠାଇ ମାଲ ମଗାଇଲେ କେଉଁ ସ୍ଥାନକୁ କି ଉପାୟରେ (ଅର୍ଥାତ୍ ଡାକଯୋଗେ କି ରେଲଦ୍ୱାରା) ପଠାଇବାକୁ ହେବ ଲେଖିବା ଉଚିତ । ଓଡ଼ିଶାସହିତ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁଁ ଅତଏବ ଓଡ଼ିଆରେ ପତ୍ର ଲେଖିଲେ ଚଳିବ କିନ୍ତୁ ଲଫାଫା ଉପରେ ଆମ୍ଭର ନାମ ଏବଂ ଠିକଣା ହିନ୍ଦି ଅଥବା ଇଂରାଜୀରେ ଲେଖିଲେ ନିର୍ବିଘ୍ନରେ ଆମ୍ଭର ହସ୍ତଗତ ହେବ ।

ଭେଲୁପେଏବଲ ପାରସଲରେ ମଧ୍ୟ ମାଲ ପ୍ରେରିତ ହୁଏ ପସନ୍ଦ ନ ହେଲେ ଫେରତ ନେଉଁ ।

ଶ୍ରୀ ଗୋପାଳ ଦାସ ମୁରଲୀଧର
ମହଲ୍ଲା ସିଦ୍ଧେଶ୍ୱରୀ ବନାରସ ସିଟି

ନିମ୍ନପ୍ରାଇମେରି, ଅପରପ୍ରାଇମେରି, ଭର୍ଣ୍ଣାକ୍ୟୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କୁ ପ୍ରଚୁର ପରିମାଣରେ କମିସନ୍ ଦିଆଯାଏ । ନାନାପ୍ରକାର କାଗଜ, ପେନସିଲ, କଲମ, ଦୁଆତ, ପ୍ରଭୃତି

Digitized by srujanika@gmail.com

Split by PDF Splitter

ସ୍କୁଲ ଏବଂ ଗବର୍ଣ୍ଣମେଣ୍ଟଙ୍କ ଅଫିସରେ ଲେଖିବାର ଆବଶ୍ୟକୀୟ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଅମ୍ଭ ନିକଟରେ ମିଳବ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ ।
ସେକ୍ରେଟେରୀ ।

ନୂତନ ପୁସ୍ତକ ।

କୃଷ୍ଣ ଶାରଳାଦାସଙ୍କ
ରଚିତ

ମହାଭାରତ ।

ସମ୍ପୂର୍ଣ୍ଣ ଅଷ୍ଟାଦଶପର୍ବର ମୁଦ୍ରାଙ୍କନକାର୍ଯ୍ୟ ଶେଷ ହୋଇଅଛି ତହିଁର ମୂଲ୍ୟ ଏକସାଙ୍ଗରେ ଟ ୧୨॥୵ ଓ ପ୍ରତ୍ୟେକ ପର୍ବର ମୂଲ୍ୟ ନିମ୍ନଲିଖିତରୂପ ଅଟଇ ଯଥା;—

୧ ଆଦ୍ୟ ପର୍ବ	ଟ ୨୳
୨ ମଧ୍ୟ ପର୍ବ	ଟ ୨୳
୩ ସଭା ପର୍ବ	ଟ ୨୳
୪ ବନ ପର୍ବ	ଟ ୨।
୫ ବିରାଟ ପର୍ବ	ଟ ୧।
୬ ଉଦ୍ୟୋଗ ପର୍ବ	ଟ ୧।
୭ ଭୀଷ୍ମ ପର୍ବ	ଟ ୧।
୮ ଦ୍ରୋଣ ପର୍ବ	ଟ ୧୯
୯ କର୍ଣ୍ଣ ପର୍ବ	ଟ ୦।୶
୧୦ ଶଲ୍ୟ ପର୍ବ	ଟ ୦ ॥୶
୧୧ ଗଦା ପର୍ବ	ଟ ୦।
୧୨ କାଳିକା ବା ସୌପ୍ତିକ ପର୍ବ	ଟ ୦।୵
୧୩।୧୪ ନାରୀ ଓ ଶାନ୍ତି ପର୍ବ	ଟ ୦ ॥୶
୧୫।୧୬ ଆଶ୍ରମିକ ଓ ଅଶ୍ୱମେଧ ପର୍ବ	ଟ ୦୳
୧୭ ମୂଷଳୀ ପର୍ବ	ଟ ୦।୶
୧୮ ସ୍ୱର୍ଗାରୋହଣ ପର୍ବ	ଟ ୦।
ସଚିତ୍ର ଚୈତନ୍ୟ ଚରିତାମୃତ	ଟ ୨୳

ଗ୍ରାହକେ କଟକ ବଡ଼ବାଜାରସ୍ଥ କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ତତ୍ତ୍ୱ କଲେ ପାଇ ପାରିବେ ।

ହୋମିଓପାଥିକ ଔଷଧ ଡ୍ରାମ ଟ ୦/୫ ଟ ୦ /୧୦ ପଇସା ଏଲ୍ କେ ମଜୁମଦାର ଏଣ୍ଡ କୋଂ ନ ୨୯୭ ମଇ ଅପର ଚତ୍ପୁର ରୋଡ କଲିକତା ଏହି ଔଷଧାଳୟ ଜଣେ ଡାକ୍ତରଙ୍କ ତତ୍ତ୍ୱାବଧାନରେ ପରିଚାଳିତ । କେବଳ ଅନେକଦିନରୁ ଔଷଧ ଆମଦାନୀ ହୁଏ ସେ ନୁହେଁ ବର୍ଦ୍ଧ ପୁସ୍ତକ ଓ ନାନାବିଧ ଦ୍ରବ୍ୟାଦିର ମୂଲ୍ୟ ମଧ୍ୟ ଅତି ସୁଲଭ କଲେରା ବାକସ ପୁସ୍ତକ କମ୍ପାର ଡ୍ରପାର ସହ ୧୨, ୨୪, ୩୦, ୪୮ ହିଁ ହିଁ ୨, ୩, ୩୳୶, ୫ ଖୁବ ଉତ୍ତମ ବାକସ ୧୨, ୨୪, ୩, ୪୯ ୬୦, ୭୨ ୧୪ ହିଁ ୨.୩ ୩, ୬ ୭ ୭। ୧୦୳ ।

ଆୟୁର୍ବେଦୀୟ ଔଷଧାଳୟ ।

ପ୍ରମେହସୁଧା ଗନରିଅର ଅବ୍ୟର୍ଥ ମହୌଷଧ ।

ଏହି ଔଷଧ ଶୁକ୍ରମେହ, ପିତ୍ତଜନ୍ୟମେହ ସପୂଜମେହ (ଗନରିଅ) ଖଡଜଳ ତୁଲ୍ୟ ସ୍ରାବ ଶୋଣିତସ୍ରାବ, ମୂତ୍ରନାଳୀର କ୍ଷତ, ପ୍ରସ୍ରାବର ପୋଡ଼ା ଜଳା ପ୍ରଭୃତି ପକ୍ଷରେ ଆଶୁଫଳଦାୟକ । ଯଥାବିଧି ବ୍ୟବହାର କଲେ ସର୍ବପ୍ରକାର ଦୁଃସାଧ୍ୟ ମେହ ଓ ତଜ୍ଜନିତ ଉପଦ୍ରବାଦି ସମ୍ପୂର୍ଣ୍ଣ ବିନଷ୍ଟ ହୁଏ ।

ଏକଶିଶିର ମୂଲ୍ୟ ଟ ୨, ଭି, ପି, ଟ ୦୶, ପ୍ୟାକିଂ ଟ ୦ ୶, ଡାକମାସୁଲ ଟ ୦ ।

ଅମୃତାଦିକଷା ବା ଦେଶୀ ସାଲସା ।

ଅମ୍ଭମାନଙ୍କର ଏହି ଅତ୍ୟାଶ୍ଚର୍ଯ୍ୟଗୁଣାନ୍ୱିତ ରକ୍ତଦୁଷ୍ଟିର ଅମୋଘ ଔଷଧ ଅମୃତାଦିକଷାୟ ବା ଦେଶୀୟ ସାଲସା ଦେଶଜ ନାନାବିଧ ଉତ୍କୃଷ୍ଟ ଶୋଣିତଶୋଧକ ଲତା ଓ ବୃକ୍ଷର ପ୍ରସ୍ତୁତ ହୋଇ ଅଛି । ଏଥିରେ ଏପରି କେତେଗୁଡ଼ିଏ ସାରବାନ ଲତା ଓ ବୃକ୍ଷର ରସ ଅଛି ଯେ ସେବନମାତ୍ରକେ ମନ ପ୍ରାଣ ପ୍ରଫୁଲ୍ଲ ହୁଏ ଏବଂ କୋଷ୍ଠ ପରିଷ୍କାର ଓ କ୍ଷୁଧା ବୃଦ୍ଧି ହୁଏ । ଯେ କୌଣସି କାରଣରୁ ରକ୍ତ ଓ ପିତ୍ତଦୁଷ୍ଟି, ପାରଦଜନିତ କ୍ଷତ, ଉପଦଂଶଜନିତ କ୍ଷତ, କିମ୍ବା ଅନ୍ୟବିଧ ଦୂଷିତ କ୍ଷତ ବାତରକ୍ତ, ଆମବାତ, ବିସ୍ଫୋଟକ, ଗଣ୍ଡମାଳା, କାଛୁ, କୁଣ୍ଡିଆ ପ୍ରଭୃତି ସର୍ବବିଧ ଚର୍ମରୋଗ ପକ୍ଷରେ, ଦୂଷିତ ରକ୍ତ ପରିଷ୍କାର କରିବାପାଇଁ ଶାରୀରିକ ଦୌର୍ବଲ୍ୟ, କୃଶତା, ଧାତୁକ୍ଷୀଣତା ବିନଷ୍ଟ କରି ଶରୀର ହୃଷ୍ଟପୁଷ୍ଟ ବଳିଷ୍ଠ କରିବା ପାଇଁ ଏହାହିଁ ଏକମାତ୍ର ଔଷଧ । ସହସ୍ର ସ୍ଥଳରେ ପରୀକ୍ଷାଦ୍ୱାରା ଜଣା ଯାଇଅଛି ବିଲାତି ସାଲସା ଅପେକ୍ଷା ଏହା ସର୍ବଗୁଣରେ ଉତ୍କୃଷ୍ଟ ।

ଏକଶିଶିର ମୂଲ୍ୟ ଟ ୧, ଏକଡଜନର ମୂଲ୍ୟ ଟ ୧୨, ଭି, ପି, ଟ ୦ ୶, ପ୍ୟାକିଂ ଟ ୦ ୶, ଡାକମାସୁଲ ଟ ୦ ୳ ।

ବୃହଦଶ୍ୱଗନ୍ଧାରସାୟନ ।

ଏହି ଔଷଧ ଶୁକ୍ରବର୍ଦ୍ଧକ, ବଳକାରକ, ସର୍ବଧାତୁପୋଷକ, ଧାତୁଦୌର୍ବଲ୍ୟ, ଶୁକ୍ରମେହ, ଧ୍ୱଜଭଙ୍ଗ, ବାତବ୍ୟାଧି, ମୂର୍ଚ୍ଛା, ଉନ୍ମାଦ, ସ୍ୱପ୍ନଦୋଷ ପ୍ରଭୃତି ରୋଗରେ ଆଶୁଫଳପ୍ରଦ । ଏହା ସେବନ କଲେ କୋଷ୍ଠ ପରିଷ୍କାର ହୋଇ କ୍ଷୁଧା ବୃଦ୍ଧି ହୁଏ, ଶୁକ୍ରତାରଲ୍ୟ ଓ କ୍ଷୀଣଶୁକ୍ରତା ବିନଷ୍ଟ କରି ଶରୀର ହୃଷ୍ଟପୁଷ୍ଟ ବଳିଷ୍ଠ କରିବା ପକ୍ଷରେ ଏହା ଏକମାତ୍ର ଔଷଧ ।

ଏକଶିଶିର ମୂଲ୍ୟ ଟ ୨୳, ଭି, ପି, ଟ ୦୶ ପ୍ୟାକିଂ ଟ ୦ ୶ ଡାକମାସୁଲ ଟ ୦ ୳ ।

ସ୍ୱପ୍ନସୁଧା

ସ୍ୱପ୍ନଦୋଷ ଯେ ଗୋଟିଏ ଭୟାନକ ରୋଗ ଏହା ଅବଶ୍ୟ ସ୍ୱୀକାର୍ଯ୍ୟ; ଭୁକ୍ତଭୋଗୀ ମାତ୍ରକେ ଏହା ଅବଗତ ଅଛନ୍ତି । ଏହି ମହୌଷଧ ଯଥାରୀତି ସେବନ କଲେ ଅକାରଣ ସ୍ୱପ୍ନଦୋଷ, ଶୁକ୍ରତାରଲ୍ୟ, ଖଡଜଳବତ୍ ସ୍ରାବ ପ୍ରଭୃତି ବିନଷ୍ଟ ହୋଇ କ୍ଷୁଧା ବୃଦ୍ଧି ହୁଏ ଏବଂ କୋଷ୍ଠ ପରିଷ୍କାର ହୁଏ ।

ଏକଶିଶିର ମୂଲ୍ୟ ଟ ୧, ଭି, ପି, ଟ ୦ ୶, ପ୍ୟାକିଂ ଟ ୦ ୶, ଡାକମାସୁଲ ଟ ୦ । ।

ଏହା ଛଡ଼ା ଆୟୁର୍ବେଦୀୟ ସର୍ବପ୍ରକାର ତୈଳ ଘୃତ, ମୋଦକ, ଆସବ, ଅରିଷ୍ଟ, ଚୂର୍ଣ୍ଣ, ବଟିକା ପ୍ରଭୃତି ଏବଂ ଉତ୍କୃଷ୍ଟ ମକରଧ୍ୱଜ ମୃଗନାଭି ଓ ସ୍ୱର୍ଣ୍ଣ ରୂପା ଲୁହା ପ୍ରଭୃତିର ଭସ୍ମମାନ ବିକ୍ରୟାର୍ଥ ସର୍ବଦା ପ୍ରସ୍ତୁତ ଥାଏ । ମଫସଲର ରୋଗୀମାନେ ପତ୍ରଦ୍ୱାରା ରୋଗର ଆନୁପୂର୍ବିକ ବୃତ୍ତାନ୍ତ ଲେଖିଲେ ବିନା ବ୍ୟୟରେ ବ୍ୟବସ୍ଥା ପଠାଯାଏ । ଔଷଧପାଇଁ ଲେଖିଲେ ଭି ପି, ଡାକରେ ପଠାଯାଏ ପ୍ରତ୍ୟହ ପ୍ରାତଃ ଘ ୭ ଟିକାଠାରୁ ଘ ୮ ଟିକା ପର୍ଯ୍ୟନ୍ତ ଦରିଦ୍ର ଗରିବ ଲୋକମାନଙ୍କୁ ବିନା ମୂଲ୍ୟରେ ଔଷଧ ବିତରଣ କରାଯାଏ ।

ଚିଠିପତ୍ର ଓ ଟଙ୍କା ଆମ୍ଭ ନାମରେ ଏହି ଠିକଣାକୁ ପଠାଇବାକୁ ହେବ ।

କବିରାଜ ଶ୍ରୀ ସାରଦାପ୍ରସାଦ ଦାସ ଗୁପ୍ତ
କବିରଞ୍ଜନ, ବାଲୁବଜାର କଟକ ।

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ରେଟ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

ଧାଡ଼ିପ୍ରତି	ଟ ୦ ୶
ଅର୍ଦ୍ଧସ୍ତମ୍ଭକୁ	ଟ ୨ ୯
ପୂର୍ଣ୍ଣ ଏକ ସ୍ତମ୍ଭକୁ	ଟ ୩ ୯

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ତହିଁର ରେଟ୍ । ଟ ୦ ୳ ଠାରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ରେଟ ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

ଏହି ଉତ୍କଳଦୀପିକା ପତ୍ରିକା କଟକ ବଡ଼ବାଜାରସ୍ଥ ପ୍ରିଣ୍ଟିଂ କମ୍ପାନି "ଲିମିଟେଡ୍"ଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com